
# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-89 ◆MONDAY ◆22 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୯ ◆ସୋମବାର ◆୨୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

**ଅଭିଷେକଙ୍କ ବିସ୍ଫୋରକ ବ୍ୟାଟିଂ; ଭାରତ ବିଜୟୀ**

▶ପୃଷ୍ଠା ୧୨ ଦେଖନ୍ତୁ...

## ପୁରୁଣା ଭିସାଧାରୀଙ୍କୁ ଆଶ୍ୱସ୍ତି

# ଏଚ୍‌-୧ବି ଭିସା ଲାଗି 'ୱାନ୍ ଟାଇମ୍' ଦେୟ

■ **ୱାଶିଂଟନ, ୨୧।୯ (ଏଜେନ୍ସି):** ଆମେରିକାର ଏଚ୍‌-୧ବି ଭିସା ଫି' ବୃଦ୍ଧିକୁ ନେଇ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ହ୍ୱାଇଟ ହାଉସ୍‌ର ପ୍ରେସ୍ ସଚିବ କ୍ୟାରୋଲିନ ଲେଭିଟ ରବିବାର ଟ୍ୱିଟ କରି କହିଛନ୍ତି ଯେ ଏହି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ନାହିଁ। ଆବେଦନ କରିବା ସମୟରେ ଥରଟେ ପାଇଁ 'ୱାନ ଟାଇମ୍' ଏହି ଦେୟ ଦେବାକୁ ହେବ। ଲଟେରିରେ ଦିଆଯାଉଥିବା ଭିସା ଉପରେ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ପୁରୁଣା ଭିସା ଧାରକ, ନବୀକରଣ ଏବଂ ଆଜି ପୂର୍ବରୁ ଭିସା ଆବେଦନ କରିଥିବା ଲୋକଙ୍କ ପାଇଁ ନିୟମରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏଚ୍‌-୧ବି ଭିସା ଧାରକ ଦେଶରୁ ନିର୍ଦ୍ୱନ୍ଦ୍ୱରେ ଦେଶ ବାହାରକୁ ଯାଇ ଫେରିପାରିବେ।





ଗତକାଲି ଆମରିକା ରାଷ୍ଟ୍ରପତି ଏଚ-୧ବି ଭିସା ଆବେଦନ ଦେୟକୁ ବଢ଼ାଇ ୮୮ ଲକ୍ଷ ଟଙ୍କା କରିଦେଇଥିଲେ। ଏହାପରେ ମେଟା, ମାଇକ୍ରୋସଫ୍ଟ, ଆମାଜନ ଭଳି ବହୁରାଷ୍ଟ୍ରୀୟ ଟେକ୍ କମ୍ପାନୀ ନିଜ କର୍ମଚାରୀଙ୍କୁ ତୁରନ୍ତ ଆମେରିକା ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୂଆ ଦେୟ କାର୍ଯ୍ୟକାରୀ ହେବା ଯୋଗୁଁ ଇମିଗ୍ରେସନ ଆଟର୍ଣ୍ଣି ଏବଂ କମ୍ପାନୀଗୁଡ଼ିକ ଏଚ-୧ବି ଭିସା ଧାରକ ଏବଂ ତାଙ୍କ ପରିବାରକୁ ୨୪ ଘଣ୍ଟା ଭିତରେ ଆମେରିକା ଫେରିବାକୁ କହିଥିଲେ। ଏହି ସମୟ ଭିତରେ ନ ଫେରିଲେ ଫସିଯିବାର ଆଶଙ୍କା ରହିଥିଲା। କିନ୍ତୁ ଏବେ ଆମେରିକା ପକ୍ଷରୁ ଏହି ଭିସାକୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଦିଆଯାଉଛି। ପୂର୍ବରୁ ଏଚ୍‌-୧ବି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏଥିପାଇଁ କମ୍ପାନୀଗୁଡ଼ିକ ଭୟଭୀତ ହୋଇଯାଇଥିଲେ। ଏଚ୍‌-୧ବି ଧାରକଙ୍କୁ ଏବେ ନ ଡାକି ପରେ ଆମେରିକା ଆସିବାକୁ କହିଲେ ଲକ୍ଷେ ଡଲାର ଦେବାକୁ ପଡ଼ିବ ବୋଲି କମ୍ପାନୀଗୁଡ଼ିକ ଭାବି ନେଇଥିଲେ। ଏଭଳି ନିର୍ଦ୍ଦେଶକୁ ଦେଖି ଦୀପାବଳି ଏବଂ ପୂଜା ପାଇଁ ଭାରତ ଆସିବାକୁ ଚାହୁଁଥିବା ଲୋକେ ନିଜ ଟିକଟ ବାତିଲ କରିଦେଇଥିଲେ। ୱାସିଂଟନ, ନ୍ୟୁୟର୍କ ଭଳି ପ୍ରମୁଖ ବିମାନବନ୍ଦର ଅନେକ ଲୋକ ଟିକଟ ବାତିଲ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଆମେରିକା ଫେରିବା ଲାଗି ଦିଲ୍ଲୀ ବିମାନବନ୍ଦରରେ ମଧ୍ୟ ପ୍ରବଳ ଭିଡ଼ ଲାଗିଥିଲା। ଏହାର ସୁଯୋଗ ନେଇ ଅନେକ ଏୟାରଲାଇନ୍ସ ବିମାନ ଭଡ଼ା ବଢ଼ାଇଦେଇଥିଲେ।

# ଆଜିଠାରୁ ନୂଆ ଜିଏସ୍‌ଟି ହାର

## କମିବ ଗାଡ଼ି, ଏସି, ଘିଅ, ଚିନି, ପନୀର, ପାସ୍ତା ମୂଲ୍ୟ

■ **ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):** ସୋମବାରଠାରୁ ସାରାଦେଶରେ ଲାଗୁ ହେବାକୁ ଯାଉଛି ନୂଆ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାର। ୪ଟି ସ୍ଲାବ୍ ବଦଳରେ ସଂଶୋଧିତ ଜିଏସ୍‌ଟି ବ୍ୟବସ୍ଥାକୁ କେବଳ ଦୁଇଟି ସ୍ଲାବ୍ ୫% ଏବଂ ୧୮% ରେ ସୀମିତ ରଖାଯାଇଛି। ଏହା ଅଧୀନରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ରଖାଯାଇଛି। ଫଳରେ ଆସନ୍ତାକାଲି ଠାରୁ ପନିର, ଘିଅ, ସାବୁନ, ସାମ୍ପୁ ଠାରୁ ଆରମ୍ଭ କରି ସିମେଣ୍ଟ, ଏସି ଏବଂ ଛୋଟ କାର ଶସ୍ତା ହେବ। ଜୀବନ ଓ ସ୍ୱାସ୍ଥ୍ୟ ବୀମା ଉପରେ ୧୮% ଟିକସ ଉଚ୍ଛେଦ କରାଯାଇଛି। ଅର୍ଥାତ ଏଭଳି ବୀମା ପାଇଁ ଆଉ ଜିଏସ୍‌ଟି ଦେବାକୁ ପଡ଼ିବ ନାହିଁ। ଅପରପକ୍ଷରେ






**ବଢ଼ିବ ପାନମସଲା, ସିଗାରେଟ, ଦାମୀ ମଦ, କୋଇଲା**

ସିଗାରେଟ୍, ପାନମସଲା, ତମାଖୁ, କାର୍ବୋନେଟେଡ ପାନୀୟ, ବଡ଼ ଏସ୍‌ୟୁଭି, ଜାହାଜ ଓ ବ୍ୟକ୍ତିଗତ ବ୍ୟବହାର ପାଇଁ ବିମାନ କ୍ରୟ ଉପରେ ୪୦% ଟିକସ ଲାଗିବ।

ଏହାସହିତ ୩୩ଟି ଜୀବନ ରକ୍ଷାକାରୀ ଔଷଧ ଉପରେ କୌଣସି ଟିକସ ଲାଗିବ ନାହିଁ। ବିଶେଷକରି କର୍କଟ ଏବଂ ମାରାତ୍ମକ ରୋଗ ପାଇଁ ଉଦ୍ଦିଷ୍ଟ ଔଷଧ ଏଥିରେ ସାମିଲ ରହିଛି। ଛୋଟ ଓ ମଧ୍ୟମ ଆକାରର କାର, ମୋଟରସାଇକେଲ ଉପରେ ଏବେ ୨୮% ବଦଳରେ ୧୮% ଟିକସ ଲାଗୁ ହେବ। ଅଟୋ ଯନ୍ତ୍ରାଂଶ ଏବଂ ତିନି ଚକିଆ ଯାନ ଉପରେ ଟିକସ ମଧ୍ୟ ୨୮% ରୁ ୧୮% କୁ ହ୍ରାସ କରାଯାଇଛି। ପୁରୁଣା ଏମ୍‌ଆର୍‌ପି ଉଲ୍ଲେଖ ଥିଲେ ବି ଏହି ବର୍ଗର ସାମଗ୍ରୀ ନୂତନ ମୂଲ୍ୟରେ ଉପଲବ୍ଧ ହେବ। ଔଷଧ ଉତ୍ପାଦନ ଏବଂ ▶ପୃଷ୍ଠା-୭

## ଜିଏସ୍‌ଟି ବଚତ୍ ଉତ୍ସବ: ମୋଦୀ



■ **ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):** ଆସନ୍ତାକାଲି ଠାରୁ ଜିଏସ୍‌ଟିର ସଂଶୋଧିତ ହାର ଲାଗୁ ହେବାକୁ ଯାଉଥିବାବେଳେ ଏହାକୁ 'ଜିଏସ୍‌ଟି ବଚତ' ଉତ୍ସବ ବୋଲି ବର୍ଣ୍ଣନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସନ୍ତାକାଲି ଠାରୁ ନବରାତ୍ରୀ ଆରମ୍ଭ ହେଉଥିବା ବେଳେ ଜିଏସ୍‌ଟିର ନୂଆ ହାର ମଧ୍ୟ କାଲି ଠାରୁ ଲାଗୁ ହେବାକୁ ଯାଉଛି। ଏହା ଦେଶବାସୀଙ୍କ ପାଇଁ ଦୋହରା ଉତ୍ସବ। ନୂଆ ଜିଏସ୍‌ଟି ହାର ଯୋଗୁଁ ୯୯ ପ୍ରତିଶତ ସାମଗ୍ରୀ ଶସ୍ତା ହେବ ଏବଂ ଏହା ଗରିବ ଏବଂ ନିମ୍ନ ମଧ୍ୟବିତ୍ତ ବର୍ଗ ପାଇଁ ଆଶ୍ୱସ୍ତି ଆଣିବ। ଚଳିତ ଆର୍ଥିକ ବର୍ଷ ଠାରୁ ▶ପୃଷ୍ଠା-୭

## ଭିସା ପରେ ଆଉ ଏକ ବଡ଼ ଝଟ୍‌କା ଦେବେ ଟ୍ରମ୍ପ୍

# ଭାରତରୁ ଚିଙ୍ଗୁଡ଼ି ଆମଦାନୀ ବନ୍ଦ କରିବ ଆମେରିକା



**୧୭୦୦ କୋଟିର କ୍ଷତି ସହିବ ଓଡ଼ିଶା**

**ପ୍ରଭାବିତ ହେବେ ୧୫ ଲକ୍ଷ ଲୋକ**

■ **ୱାଶିଂଟନ୍, ୨୧।୯ (ଏଜେନ୍ସି):** ଏଚ୍‌-୧ବି ଭିସା ପରେ ଭାରତକୁ ଆଉ ଏକ ବଡ଼ ଧକ୍କା ଦେବାକୁ ପ୍ରସ୍ତୁତ ହେଉଛି ଆମେରିକା। ଲୁଇସିଆନାର ଚିଙ୍ଗୁଡ଼ି ଏବଂ କ୍ୟାଟ୍‌ଫିସ୍ ଶିଳ୍ପକୁ ସୁରକ୍ଷା ଦେବାକୁ ଯାଇ ଟ୍ରମ୍ପ୍ ପ୍ରଶାସନ ଭାରତରୁ ଚିଙ୍ଗୁଡ଼ି ଆମଦାନୀ ଉପରେ କଟକଣା ଲଗାଇବେ ବୋଲି ସୂଚନା ମିଳିଛି। ଫଳରେ ଚିଙ୍ଗୁଡ଼ି ଶିଳ୍ପ ସହ ଜଡ଼ିତ ଦେଶର ପ୍ରାୟ ୧୫ ଲକ୍ଷ ଲୋକ ପ୍ରଭାବିତ ହେବେ। ଅନୁରୂପ ଭାବରେ ଆମେରିକାର ଏହି ନିଷ୍ପତ୍ତି ଯୋଗୁଁ ଓଡ଼ିଶା ପ୍ରତ୍ୟକ୍ଷ ଭାବରେ କ୍ଷତିଗ୍ରସ୍ତ ହେବ ଓ ଓଡ଼ିଶାରୁ ଆମେରିକାକୁ ବାର୍ଷିକ ରପ୍ତାନୀ ହେଉଥିବା ୧୭୦୦ କୋଟିର ଚିଙ୍ଗୁଡ଼ି କାରବାର ବନ୍ଦ ହେବା ଆଶଙ୍କା ସୃଷ୍ଟି ହୋଇଛି।

ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ ପରେ ଦେଶର ଚିଙ୍ଗୁଡ଼ି (ସମୁଦ୍ରିକ ଖାଦ୍ୟ) ରପ୍ତାନି ଶିଳ୍ପ ସଙ୍କଟରେ ପଡ଼ିଛି। ଏହି ଶିଳ୍ପ ସହିତ ଜଡିତ ପ୍ରାୟ ୧୫ ଲକ୍ଷ ଲୋକଙ୍କ ଜୀବିକା ଏବେ ବିପଦରେ ପଡ଼ିଛି। ଏହି ସମସ୍ୟା ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ୨୦୨୪-୨୫ ମସିହାରେ ଓଡ଼ିଶା ୪,୭୦୦ କୋଟି ▶ପୃଷ୍ଠା-୭

# ୨୪ ଘଣ୍ଟାରେ ଲଘୁଚାପ

**ପଛେପଛେ ଆଉ ଗୋଟିଏ**

■ **ଭୁବନେଶ୍ୱର, ୨୧।୯ (ସମିସ):** ଉତ୍ତର ଆଣ୍ଡାମାନ ସାଗର ଓ ସଂଲଗ୍ନ ମିଆଁମାର ଉପକୂଳ ଉପରେ ସମୁଦ୍ର ପତ୍ତନଠାରୁ ୩.୧ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆସନ୍ତାକାଲି ଉତ୍ତର ବଙ୍ଗୋପସାଗରରେ ପହଞ୍ଚିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାରଠାରୁ ବର୍ଷା ଆରମ୍ଭ ହୋଇଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ସ୍ୱଳ୍ପରୁ

**ମାସ ଶେଷ ଯାଏ ବର୍ଷା ସମ୍ଭାବନା**

ମଧ୍ୟମ ବର୍ଷା ଆଶଙ୍କା ରହିଥିବା ବେଳେ କିଛି କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ କିମି ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି। ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ▶ପୃଷ୍ଠା-୭

# ବିଷ ବି ଭେଜାଲ !

■ **ଭୁବନେଶ୍ୱର, ୨୧।୯ (ସମିସ):** ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ହେଉଛି। ଚାଷ କାର୍ଯ୍ୟ ପାଇଁ ପାଗ ଅନୁକୂଳ ରହିଛି। ମାତ୍ର ଚାଷ ଆରମ୍ଭରୁ ଚାଷୀଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଥମେ ଧାନ ବିକ୍ରି ନେଇ ପଞ୍ଜୀକରଣରେ ଚାଷୀଙ୍କୁ ନାକେଦମ୍ ହେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ସାର ଅଭାବ ଚାଷୀଙ୍କ ନିଦ ହଜାଇ ଦେଇଛି। ଏବେ ବଢ଼ି ଆସୁଥିବା ଧାନ ଗଛରେ ପତ୍ରପୋଡ଼ା ଓ ପତ୍ରମୋଡ଼ା ରୋଗ ଚାଷୀକୂଳର ମୁଣ୍ଡ ବିନ୍ଧା ବଢ଼ାଇ ଦେଇଛି। ଏହି ରୋଗ ଧାନ ଗଛକୁ ସଂପୂର୍ଣ୍ଣ ମାରି ଦେଉଛି। ଗୋଟିଏ ଗୋଟିଏ ସିଆର୍‌ରେ ଏକାଧିକ ଗଛ ନଷ୍ଟ ହେଉଥିବାରୁ ବିଲର ୭୦ ପ୍ରତିଶତ ଗଛ ନଷ୍ଟ ହୋଇଯାଉଛି। ଏଥିପାଇଁ କୀଟନାଶକ ସିଞ୍ଚନ କଲେ ମଧ୍ୟ କାମ କରୁ ନ ଥିବା ଓ କୀଟନାଶକ ବିଷଗୁଡ଼ିକ ଭେଜାଲ ହେଉଥିବାରୁ ଏହା କାମ କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଦୂଷିତ ପାଣି ଓ ଅପମିଶ୍ରିତ କ୍ଷୀର ନଜରକୁ ଆସିଥିଲା, ମାତ୍ର ଏବେ ବିଷ ବି ଭେଜାଲ୍ ▶ପୃଷ୍ଠା-୭



**କୀଟକୁ କାଟୁ କରୁନି କୀଟନାଶକ**

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚାରେ ପୂର୍ଣ୍ଣଛେଦ !

■ **ଭୁବନେଶ୍ୱର/ସମ୍ବଲପୁର, ୨୧।୯ (ସମିସ):** ଏବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ନାହିଁ। ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି ହେବ; ପରବର୍ତ୍ତୀ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ ବିଚାର କରାଯିବ। ସମ୍ବଲପୁରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ଦେଇଛନ୍ତି ଏପରି ସୂଚନା। ଶ୍ରୀ ସାମଲଙ୍କ ଏହି ଘୋଷଣା ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବା ବେଳେ ନିର୍ବାଚନରେ ପରାଜିତ ହୋଇଥିବା ଓ ଟିକଟରୁ ବଞ୍ଚିତ ହୋଇଥିବା ନେତାଙ୍କ ମନରେ ଆଶାର କିରଣ ସଞ୍ଚାର କରିଛି। ପୂଜା ଭେଟି ସ୍ୱରୂପ ନିଗମ ଓ ବୋର୍ଡରେ କିଛି ଦଳୀୟ ନେତାଙ୍କୁ ଖୁବ୍ ଶୀଘ୍ର ଥଇଥାନ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

**ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି: ମନମୋହନ**

ରାଜ୍ୟରେ ବିଜେପି ସରକାର ଗଠନ କରିବାର ୧୫ ମାସ ପୂରି ଏବେ ୧୬ ମାସ ଚାଲିଛି। ମାତ୍ର ସରକାରରେ ଖାଲିଥିବା ୬ଟି ମନ୍ତ୍ରୀପଦ ସହ ବିଭିନ୍ନ ନିଗମ, ବୋର୍ଡ, ଅକାଦେମୀରେ ଖାଲି ପଦଗୁଡ଼ିକ ପୂରଣ ହୋଇପାରିନାହିଁ। ଫଳରେ ନିର୍ବାଚନ ସମୟରେ ଦଳୀୟ ଟିକଟରୁ ବଞ୍ଚିତ ହୋଇଥିବା ଓ ନିର୍ବାଚନରେ ପରାଜିତ ହୋଇଥିବା ଅନେକ ନେତା ଥଇଥାନ ଅପେକ୍ଷାରେ ରହିଛନ୍ତି। ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦଗୁଡ଼ିକରେ ▶ପୃଷ୍ଠା-୭

## ଏମ୍‌ଇଡି ଯୋଗ୍ୟତା ନଥାଇ ଅଧ୍ୟାପକ ନିଯୁକ୍ତି

# ବନ୍ଦ ହେବ ରାଜ୍ୟର ସବୁ ବିଇଡି କଲେଜ!

■ **ଭୁବନେଶ୍ୱର, ୨୧।୯ (ସମିସ):** ରାଜ୍ୟରେ ମାତ୍ର ୧୬ଟି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଇଡି କଲେଜ) ରହିଛି। ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ପୂରଣ କରିବାରେ ଏହା ସମର୍ଥ ହେଉନାହିଁ। ପ୍ରତିବର୍ଷ ରାଜ୍ୟରୁ ହଜାର ହଜାର ପିଲା ବାହାର ରାଜ୍ୟରେ ବିଇଡି ପଢୁଛନ୍ତି। ଓଡ଼ିଶାରେ ଥିବା ହାତଗଣତି କଲେଜରେ ମଧ୍ୟ ଯୋଗ୍ୟ ଅଧ୍ୟାପକ ନାହାନ୍ତି। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଶିକ୍ଷାଗତ ଯୋଗ୍ୟତା



ନ ଥାଇ ମଧ୍ୟ ନିଯୁକ୍ତି ପାଇଛନ୍ତି। ଅଧ୍ୟାପକ ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ହୋଇଥିବା ବେଳେ ସ୍ନାତକୋତ୍ତର

**କୋରାପୁଟ ଡିଏଭି ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର**

**ଏନ୍‌ସିଟିଇ ସ୍କାନର୍‌ରେ ପ୍ରାୟ ୨୧୪ରୁ ଅଧିକ ଅଯୋଗ୍ୟ**

ସହିତ ଏମ୍‌ଇଡି ବଦଳରେ ବିଇଡି କରିଥିବା ପ୍ରାର୍ଥୀଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ତଥ୍ୟକୁ ଧରିଛି ଏସ୍‌ସିଟିଇ। ରାଜ୍ୟର ୮ଟି କଲେଜକୁ କାରଣ ଦର୍ଶାଅ ନୋଟିସ୍ କରିବା ସହ କୋରାପୁଟ୍‌ସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର କରିବାକୁ ସୁପାରିସ କରିଛି। ଅନ୍ୟପକ୍ଷରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବାରୁ ଆଗାମୀ ଦିନରେ ରାଜ୍ୟର ସମସ୍ତ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ଆଶଙ୍କା ସୃଷ୍ଟି ▶ପୃଷ୍ଠା-୭




## ବିପର୍ଯ୍ୟୟ ପ୍ରବଣ ଦେବଭୂମି: ୧୦ ବର୍ଷରେ ନେଲାଣି ୩୮୦୦ ଜୀବନ

ଡେରାଡୁନ, ୨୧।୯ (ଏଜେନ୍ସି): ଦେବଭୂମି ଉତ୍ତରାଖଣ୍ଡ ଏବେ ଦୈବୀ ଦୁର୍ବିପାକ ପ୍ରବଣ ରାଜ୍ୟ ପାଲଟି ଯାଇଛି। ଏହି ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୧୦ ବର୍ଷ ହେଲା ଏହା ରାଜ୍ୟବାସୀଙ୍କ ପାଇଁ ଅଭିଶାପ ପାଲଟିଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ତଥ୍ୟ ଅନୁଯାୟୀ ୨୦୧୫ରୁ ୨୦୨୫ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧିତ ୨୭,୧୯୭ ଘଟଣା ଘଟିଛି। ଏହା ୩ ହଜାର ୮୩୯ ଲୋକଙ୍କ ଜୀବନ ନେଲାଣି। ଏଥିରେ ୬ ହଜାର ୨୦୭ରୁ ଅଧିକ ଲୋକ ଆହତ ହୋଇଛନ୍ତି। ୩୧୨ ଜଣ ଏବେ ବି ନିଖୋଜ ରହିଛନ୍ତି।

ରିପୋର୍ଟ ଅନୁଯାୟୀ ବାଦଲ ଫଟା ବର୍ଷା ଏବଂ ଅଚାନକ ବନ୍ୟାର ସର୍ବାଧିକ ୧୪,୨୩୭ଟି ମାମଲା ସାମ୍ନାକୁ ଆସିଥିଲା। ୫,୮୩୦ଟି ଭୂସ୍ଖଳନ ମଧ୍ୟ ହୋଇଥିଲା। ପାହାଡି ରାଜ୍ୟର ଭୌଗୋଳିକ ପରିସ୍ଥିତି ଏବଂ ପରିବର୍ତ୍ତିତ ଜଳବାୟୁ ଏହି ବିପର୍ଯ୍ୟୟକୁ ଅଧିକ ଗମ୍ଭୀର କରିଦେଇଛି। ୨୦୧୫ରେ ୨୨୪ ପ୍ରାକୃତି ବିପର୍ଯ୍ୟୟ ଜନିତ ଘଟଣା ସାମ୍ନାକୁ ଆସିଥିବା ବେଳେ ୨୦୧୮ରେ ଏହା ୫,୦୫୬ରେ ପହଞ୍ଚି ଯାଇଥିଲା। ଚଳିତ ବର୍ଷ ବାଦଲ ଫଟା ବର୍ଷା ଏବଂ ବନ୍ୟା ୩,୭୦୬ ଘଟଣା ରେକର୍ଡ କରାଯାଇଛି। ଏଥିରେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି। ହଜାର ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୧୯୯ଟି ପ୍ରାକୃତିକ ବିପର୍ଯ୍ୟୟ ଜନିତ ଘଟଣାରେ ୨୬୦ ଜଣଙ୍କ ଜୀବନ ଗଲାଣି। ୫୬୬ ଜଣ ମଧ୍ୟ ଆହତ ହୋଇଥିବା ବେଳେ ୯୬ ଜଣ ନିଖୋଜ ଅଛନ୍ତି।

## କରୋନା ଭାଇରସ ସମ୍ପର୍କରେ ସୂଚନା ଦେଇଥିବା ଚୀନ୍ ସାମ୍ବାଦିକାଙ୍କୁ ଆଉ ୪ ବର୍ଷ ଜେଲ୍

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଚୀନ୍‌ରୁ ଯେଉଁ କରୋନା ଭାଇରସ ସାରା ବିଶ୍ୱର ପରିବ୍ୟାପ୍ତ ହୋଇ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଥିଲା, ସେହି ଚୀନ୍‌ରେ ପ୍ରଥମଥର ପାଇଁ ଏହି ଭାଇରସ ନେଇ ସୂଚନା ଦେଇଥିବା ସାମ୍ବାଦିକା ଝାଙ୍ଗ୍ ଜେନ୍‌ଙ୍କୁ ପୁଣିଥରେ ଆଉ ୪ ବର୍ଷ ପାଇଁ ଜେଲ ଦଣ୍ଡାଦେଶ ହୋଇଛି। କରୋନା ଭାଇରସ ସଂକ୍ରମଣ କରାଇବାର ଅଭିଯୋଗକୁ ଚୀନ୍ ନିଜ ମୁଣ୍ଡକୁ ନେବାକୁ ଚାହୁଁ ନଥିଲା। ଖାସ୍ ଏହି କାରଣ ପାଇଁ ଚୀନ ସାରା ବିଶ୍ୱକୁ ମିଛ କହି ବିଭ୍ରାନ୍ତ କରୁଥିଲା। କିନ୍ତୁ ୪୨ ବର୍ଷୀୟା ଝାଙ୍ଗ ସାରା ବିଶ୍ୱକୁ ଚୀନରେ ସଂକ୍ରମିତ ହୋଇଥିବା ଏହି ଭାଇରସ ସମ୍ପର୍କରେ ଅବଗତ କରାଇଥିଲେ। କେବଳ ସେତିକି ନୁହଁ ଫଟୋ ଓ ଭିଡିଓ ସେୟାର କରି ଚୀନ୍‌ର ମୁଖା ଖୋଲି ଦେଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଚୀନ୍ ତାଙ୍କୁ ପ୍ରଥମେ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲା। ଏବେ ପୁଣି ତାଙ୍କୁ ଆଉ ୪ ବର୍ଷ ଅର୍ଥାତ ମୋଟ୍ ଉପରେ ଝାଙ୍ଗଙ୍କୁ ୮ ବର୍ଷର ଜେଲ ଦଣ୍ଡାଦେଶ ହୋଇଛି। ତାଙ୍କୁ ପ୍ରଥମେ ୨୦୨୦ ଡିସେମ୍ବର ୪ ବର୍ଷ ଜେଲ୍ ହୋଇଥିଲା। ସେ ଅନଶନ ଆରମ୍ଭ କରିଥିଲେ ଓ ତାଙ୍କୁ ଜବରଦସ୍ତି ଖାଦ୍ୟ ଖୁଆଯିବା ସହ ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ତେବେ ତାଙ୍କୁ ୨୦୨୪ରେ ଛାଡି ଦିଆଯାଇଥିଲା। କିନ୍ତୁ ୩ ମାସ ପରେ ତାଙ୍କୁ ପୁଣି ଗିରଫ କରାଯାଇ ସାଙ୍ଘାଇର ଡିଟେନସନ ସେଣ୍ଟରରେ ରଖାଯାଇଥିଲା। ଚୀନ୍‌ରେ କମ୍ୟୁନିଷ୍ଟ ଶାସନରେ ଗଣମାଧ୍ୟମର ସ୍ୱାଧୀନତା ପ୍ରାୟ ନାହିଁ କହିଲେ ଚଳେ। ପ୍ରେସ୍ ଫ୍ରିଡମ ଇଣ୍ଡେକ୍ସରେ ୨୦୨୫ରେ ଚୀନ୍ ୧୮୦ ଦେଶ ମଧ୍ୟରୁ ୧୭୮ ତମ ସ୍ଥାନରେ ରହିଛି। ଚୀନ୍‌ରେ ଏବେ ୧୨୪ ଜଣ ସାମ୍ବାଦିକ ଜେଲ୍‌ରେ ଅଛନ୍ତି।

## ଓଲିଙ୍କ ଗିରଫ ଦାବି କଲେ ଜେନ-ଜେଡ୍ ଗ୍ରୁପ୍

କାଠମାଣ୍ଡୁ,୨୧।୯ (ଏଜେନ୍ସି): ନେପାଳର ବିତାଡିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ଗିରଫ କରିବାକୁ ପାଇଁ ଦାବି ହୋଇଛି। ଦେଶରେ ହିଂସାତ୍ମକ ଆନ୍ଦୋଳନ ମାଧ୍ୟମରେ ସରକାର ପରିବର୍ତ୍ତନ କରିଥିବା ଜେନ୍ -ଜେଡ୍ ଗ୍ରୁପ୍ ନୂଆ କରି ଏହି ଦାବି କରିଛି। ସେପ୍ଟେମ୍ବର ୮ରେ ଅନୁଷ୍ଠିତ ସରକାର ବିରୋଧୀ ଆନ୍ଦୋଳନ ଅବସରରେ ସୁଟ୍ ଆଉଟ ନିର୍ଦ୍ଦେଶ ଦେବା କାରଣରୁ ୧୯ ଜଣ ବିକ୍ଷୋଭକାରୀ ମୃତ୍ୟୁବରଣ କରିଥିଲେ। ଏଥିପାଇଁ ଓଲିଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ରମେଶ ଲେଖକଙ୍କୁ ଗିରଫ୍ କରାଯାଉ ବୋଲି ଜେନ୍- ଜେଡ୍ ଗ୍ରୁପ୍‌ର ଅନ୍ୟତମ ଉପଦେଷ୍ଟା ଡ. ନିକୋଲାସ ବୁଶାଲ ଦାବି କରିଛନ୍ତି। ନୟା ବାଣେଶ୍ୱରରେ ହୋଇଥିବା ଗୁଳିକାଣ୍ଡ ପାଇଁ ଓଲି, ଲେଖକ ଓ କାଠମାଣ୍ଡୁ ମୁଖ୍ୟ ଜିଲ୍ଲା ଅଧିକାରୀ ଛବି ରିଜାଲ ହିଁ ଦାୟୀ। ତେଣୁ ଏମାନଙ୍କୁ ତୁରନ୍ତ ଗିରଫ କରିବାକୁ ବୁଶାଲ ଦାବି କରିଛନ୍ତି। ପୁଣି ୧୯୯୦ ପରେ ସବୁ ହାଇପ୍ରୋଫାଇଲ ନେତା ଓ ଅଧିକାରୀମାନେ ଅର୍ଜନ କରିଥିବା ସମ୍ପତ୍ତି ନେଇ ଦଦନ୍ତ କରିବା ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସେ ଦାବି କରିଛନ୍ତି।

## ଫିଲିପାଇନ୍ସରେ ଦୁର୍ନୀତି ବିରୋଧୀ ବିକ୍ଷୋଭ

ମାନିଲା, ୨୧।୯ (ଏଜେନ୍ସି): ନେପାଳ ପରେ ଫିଲିପାଇନ୍ସରେ ଦୁର୍ନୀତି ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ରାଜନେତା, ଅମଲା ଏବଂ ବ୍ୟବସାୟୀଙ୍କ ବିରୋଧରେ ହଜାର ହଜାର ଲୋକ ରବିବାର ରାଜଧାନୀ ରାସ୍ତାକୁ ଓହ୍ଲାଇଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ଥିବା ନେତାଙ୍କଠାରୁ ଅଧିକାରୀଙ୍କ ବିରୋଧରେ ଆକ୍ରୋଶ ପ୍ରକାଶ କରିଛନ୍ତି। ବନ୍ୟା ଏବଂ ଝଡ଼ ତୋଫାନ ପ୍ରବଣ ଏହି ଗରିବ ରାଷ୍ଟ୍ରରେ ବନ୍ୟା ନିୟନ୍ତ୍ରଣ ପାଇଁ ଆରମ୍ଭ କରାଯାଇଥିବା ପ୍ରକଳ୍ପରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ତେବେ ହିଂସାକୁ ରୋକିବା ପାଇଁ ପୁଲିସ ଫୋର୍ସ ଏବଂ ସୈନ୍ୟବାହିନୀକୁ ସଜାଗ ରଖାଯାଇଛି। ଐତିହାସିକ ମାନିଲା ପାର୍କରେ ଏବଂ ମୁଖ୍ୟ ଇଡିଏସଏ ରାଜପଥ ପାର୍ଶ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାର ସୁରକ୍ଷାରେ ହଜାର ହଜାର ପୁଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ଆମେରିକା ଏବଂ ଅଷ୍ଟ୍ରେଲିଆ ଦୂତାବାସ ନିଜ ନାଗରିକମାନଙ୍କ ପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରିଛନ୍ତି ପ୍ରତିବାଦରୁ ଦୂରେଇ ରହିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଆଜି ଆନ୍ଦୋଳନକାରୀ ମାନିଲାରୁ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଦୁର୍ନୀତିରେ ସମ୍ପୃକ୍ତ ସମସ୍ତ ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ବହୁତ ହେଇଗଲା ଦୁର୍ନୀତିଗ୍ରସ୍ତଙ୍କୁ ଜେଲ୍‌ରେ ଭର୍ତ୍ତି କର ବୋଲି କହିଥିଲେ।

## ପ୍ରେମିକଙ୍କୁ ହତ୍ୟା ପରେ ଆତ୍ମହତ୍ୟା କଲେ ମହିଳା

ସାହାରନପୁର, ୨୧।୯ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଏକ ବିଚଳିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ପ୍ରେମିକଙ୍କ ହତ୍ୟାର ଗୋଟିଏ ଦିନ ପରେ ୧୮ ବର୍ଷୀୟା ମହିଳା ଅଙ୍କିତା ବିଷପାନ କରି ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ ସୂଚନା ଦେଇଛି। ଚିଲିକାନା ଅଞ୍ଚଳରେ ରହୁଥିବା ଅଙ୍କିତା ଶନିବାର ତାଙ୍କ ଘରେ ମୃତ ଅବସ୍ଥାରେ ମିଳିଥିଲେ। ପାଖରେ ଏକ କୀଟନାଶକ ପ୍ୟାକେଟକୁ ଠାବ କରାଯାଇଛି ବୋଲି ଏଏସ୍‌ପି ସାଗର ଜୈନ କହିଛନ୍ତି। ଶୁକ୍ରବାର ତାଙ୍କ ୨୨ ବର୍ଷୀୟ ପ୍ରେମିକ ମାହିଲଙ୍କୁ ହତ୍ୟା କରାଯାଇଥିଲା। ମୃତକଙ୍କ ପରିବାର ଅଙ୍କିତାଙ୍କ ପରିବାର ଲୋକଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୁଲିସ ଅଙ୍କିତାଙ୍କ ଦୁଇ ନାବାଳକ ଭାଇଙ୍କୁ ଅଟକ ରଖିଛି। ଅଙ୍କିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇଛି।

# ଆଫଗାନିସ୍ତାନକୁ ଧମକ ଦେଲେ ଟ୍ରମ୍ପ

## ବଗରାମ୍ ଏୟାରବେସ୍ ଫେରାଅ; ନଚେତ ଭୟଙ୍କର ପରିଣତି

ୱାସିଂଟନ, ୨୧।୯ (ଏଜେନ୍ସି):

ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ କ୍ଷୁଦ୍ର ଦେଶକୁ ନିଶାଣ କରିଛନ୍ତି। ନିଜର ଦ୍ୱିତୀୟ କାର୍ଯ୍ୟକାଳ ମଧ୍ୟରେ ବିଶ୍ୱକୁ ଅଶାନ୍ତ ରଖିଥିବା ଟ୍ରମ୍ପ ଆଫଗାନିସ୍ତାନର ତାଲିବାନ ସରକାରକୁ ଧମକ ଦେଇଛନ୍ତି। ବଗରାମ ଏୟାରବେସ ବା ବାୟୁସେନା ଘାଟି ଆମେରିକାକୁ ନ ଫେରାଇଲେ ଭୟଙ୍କର ପରିଣତି ଭୋଗିବ ବୋଲି କହିଛନ୍ତି। ଚୀନ୍‌କୁ କାଉଣ୍ଟର କରିବାକୁ ଯାଇ ଟ୍ରମ୍ପ ଆଫଗାନିସ୍ତାନକୁ ଏଭଳି ଧମକ ଦେଇଛନ୍ତି। ଏହି ଏୟାରବେସ୍ କବ୍‌ଜା ପାଇଁ ସେନା ପଠାଇବେ କି ବୋଲି ପଚରାଯିବାରୁ ଟ୍ରମ୍ପ ସିଧାସଳଖ ଭାବେ ଏହାର ଉତ୍ତର ଦେଇ ନ ଥିଲେ। ଏ ବିଷୟରେ ଆଲୋଚନା କରିହେବନି। ଏୟାରବେସ ଶୀଘ୍ର ମିଳୁ ବୋଲି ଆମେ ଚାହୁଁଛୁ। ଯଦି ଆଫଗାନିସ୍ତାନ ଭଲ ଭାବେ ଫେରାଇବ ନାହିଁ ତେବେ ମୁଁ କ'ଣ କରିବି ତାହା ଦେଖିବେ।

ଏହାପୂର୍ବରୁ ଟ୍ରମ୍ପ ଗୁରୁବାର ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମରଙ୍କ ସହ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସେ କହିଥିଲେ ଯେ ଆମେ ବଗରାମ ଏୟାରବେସ୍‌କୁ ପୁନଃ ଦଖଲ ପାଇଁ ପ୍ରୟାସ କରୁଛୁ। କାରଣ ସେହି ସ୍ଥାନରୁ ଘଣ୍ଟାଏ ଦୂରରେ ଚୀନ୍ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରୁଛି। ଅନ୍ୟପକ୍ଷରେ ତାଲିବାନ ସରକାର ଟ୍ରମ୍ପଙ୍କ ଏହି ଦାବିକୁ ଖାରଜ କରିଦେଇଛି। ନିଜ ଅଞ୍ଚଳରେ କେବେ ବି ଆମେରିକା ସୈନିକଙ୍କ ଉପସ୍ଥିତିକୁ ବରଦାସ୍ତ କରାଯିବନି ବୋଲି କୁହାଯାଇଛି। ଆଫଗାନ ସରକାରଙ୍କ ପ୍ରବକ୍ତା କହିଛନ୍ତି ଯେ ଦୁଇ ଦେଶ ପରସ୍ପର ସହ ଭଲ ସମ୍ପର୍କ ରଖିବା ଉଚିତ। ଦୋହା ଆଲୋଚନା ଏବଂ ଚୁକ୍ତିରେ ସାମରିକ ଉପସ୍ଥିତିକୁ ଖାରଜ କରିଦିଆଯାଇଥିଲା। କିନ୍ତୁ ବାଣିଜ୍ୟ ଏବଂ ଅନ୍ୟ କାର୍ଯ୍ୟକଳାପ ପାଇଁ ଦ୍ୱାର ଖୋଲା ରହିଛି।

ସେହିପରି ଚୀନ୍ ମଧ୍ୟ ଟ୍ରମ୍ପଙ୍କ ଧମକକୁ ବିରୋଧ କରି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଏହି ଅଞ୍ଚଳରେ ଉତ୍ତେଜନାକୁ ଉସୁକାଉଥିବା ଯେକୌଣସି କାର୍ଯ୍ୟକୁ ସମର୍ଥନ କରାଯିବନି। ଆଫଗାନିସ୍ତାନର ସ୍ୱାଧୀନତା, ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ଚୀନ୍ ସମ୍ମାନ ଦେଉଛି। ଆଫଗାନିସ୍ତାନର ଭବିଷ୍ୟତ ଆଫଗାନ ଲୋକଙ୍କ ହାତରେ ରହିବା ଉଚିତ। ସୂଚନା ଅନୁଯାୟୀ ସରକାର ପ୍ରତିଷ୍ଠା ପରେ ତାଲିବାନ ଚୀନ୍ ସରକାରଙ୍କ ସହିତ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲା। ତମ୍ବା ଖଣି ଏବଂ ତୈଳ ଭଣ୍ଡାର ପୁଣି ଆରମ୍ଭ କରିବା ପାଇଁ ଚୀନ୍ ଆଫଗାନିସ୍ତାନରେ ବିପୁଳ ନିବେଶ କରିଛି।

ସୂଚନାଯୋଗ୍ୟ ଯେ ୨୦୨୧ରେ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ପରେ ଆମେରିକା ଠିକଣାକୁ ତାଲିବାନ କବ୍‌ଜା କରି ନେଇଥିଲା। କାବୁଲରେ ଆମେରିକା ସମର୍ଥିତ ସରକାରର ପତନ ଘଟାଇଥିଲା। ୧୯୫୦ରେ ସୋଭିଏତ ସଂଘ ଏବଂ ଆମେରିକା ସହାୟତାରେ ବଗରାମ ଏୟାରବେସ୍ ନିର୍ମାଣ କରାଯାଇଥିଲା। ରାଜଧାନୀ କାବୁଲରୁ ୪୦ କିମି ଉତ୍ତରରେ ଅବରାମ ଏୟାରବେସ ଅବସ୍ଥିତ। ଏହା ଆମରିକାର ସବୁଠାରୁ ବଡ଼ ସାମରିକ ଘାଟି ଥିଲା। ୨୦୦୧ ରେ ହୋଇଥିବା ୯/୧୧ ଆକ୍ରମଣ ପରେ ଆମେରିକା ଏହାକୁ ବ୍ୟବହାର କରିବା ଆରମ୍ଭ କରିଥିଲା। ଏହି ବାୟୁସେନା ଘାଟିରେ ବର୍ଗର କିଙ୍ଗ ଏବଂ ପିଜା ହଟ୍ ଭଳି ରେସ୍ତୁରାଁ, ଇଲେକ୍ଟ୍ରୋନିକ୍ସ ଏବଂ ଆଫଗାନ କାର୍ପେଟ ବିକ୍ରୟ କରୁଥିବା ଦୋକାନ ଏବଂ ଏକ ବଡ଼ ଜେଲ୍ ବି ଥିଲା।

୨୦୨୧ରେ ବାଇଡେନ ପ୍ରଶାସନ ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର କରିଥିଲେ। ପରେ ତାଲିବାନ ବଗରାମ ବାୟୁସେନା ଘାଟି ଏବଂ ସରକାରଙ୍କୁ ବିତାଡ଼ିତ କରି ନିଜେ ଶାସନ କରିଥିଲା। ଟ୍ରମ୍ପ୍ କ୍ରମାଗତ ଭାବେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ଚାଲିଛନ୍ତି। ସେ କେବେ ବି ବଗରାମ ଛାଡିବେ ନାହିଁ ବୋଲି କହିଛନ୍ତି। ଗତ ମାର୍ଚ୍ଚରେ ଏହି ସେନା ଘାଟିକୁ ରଖିବାକୁ ଚାହାନ୍ତି ବୋଲି ଟ୍ରମ୍ପ କହିଥିଲେ। ଚୀନ୍ ଉପରେ ନଜର ରଖିବା ଏବଂ ଆଫଗାନିସ୍ତାନର ଖଣିଜ ସମ୍ପଦ ପର୍ଯ୍ୟନ୍ତ ପହଞ୍ଚିବା ଏହାର ଉଦ୍ଦେଶ୍ୟ। ଏହା ପୂର୍ବରୁ ଟ୍ରମ୍ପ ପାନାମା କେନାଲ ଏବଂ ଗ୍ରୀନଲାଣ୍ଡ ଭଳି କ୍ଷେତ୍ରକୁ କବ୍‌ଜା କରିବାକୁ କହିଥିଲେ। କାନାଡ଼ାକୁ ମଧ୍ୟ ଆମେରିକୀୟ ରାଜ୍ୟ କରିବାର ଇଚ୍ଛା ପ୍ରକଟ କରିଥିଲେ। ଏବେ ବଗରାମ ଉପର ।।ରେ ସେ ଆଖି ପକାଇଛନ୍ତି।

### ବଗରାମରେ ଚୀନ୍ ନିର୍ମାଣ କରୁଛି ପରମାଣୁ ଅସ୍ତ୍ର

### ଆମେରିକା ସେନାଙ୍କ ଉପସ୍ଥିତିକୁ ବରଦାସ୍ତ କରାଯିବନି: କାବୁଲ



## ସୁରକ୍ଷା ଲାଗି କରତାରପୁର କରିଡର ଏବେ ଖୋଲିବ ନାହିଁ

ଅମୃତସର, ୨୧।୯ (ଏଜେନ୍ସି): ପାକିସ୍ତାନର ନାରେୱାଲ ଜିଲ୍ଲାରେ ଥିବା କରତାରପୁର ସାହିବ ଗୁରୁଦ୍ୱାରକୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲି ଦିଆଯାଇଛି। କିନ୍ତୁ ଭାରତ ସରକାର ଏହି କରିଡର ଖୋଲିବା ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଫଳରେ ପଞ୍ଜାବ କଂଗ୍ରେସ, ଆମ ଆଦମୀ ପାର୍ଟି ଓ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ଏସ୍‌ଜିପିସି) ସରକାରଙ୍କ ଏଭଳି ନିଷ୍ପତ୍ତିକୁ କଡ଼ା ବିରୋଧ କରିଛନ୍ତି। ସୁରକ୍ଷା ତଥା ନିରାପତ୍ତା କାରଣରୁ ଏହି କରିଡରକୁ ଖୋଲାଯିବ ନାହିଁ ବୋଲି କୁହାଯାଇଛି।

ପାକିସ୍ତାନ ପଞ୍ଜାବରେ ନିକଟରେ ହୋଇଥିବା ଭୟଙ୍କର ବନ୍ୟା ଯୋଗୁ କରତାପୁର ଗୁରୁଦ୍ୱାର ପରିସରରେ ୧୧ ଫୁଟ ପର୍ଯ୍ୟନ୍ତ ପାଣି ଭରି ଯାଇଥିଲା ଓ ଏଥିପାଇଁ ଗୁରୁଦ୍ୱାରକୁ ବନ୍ଦ କରିବାକୁ ପଡିଥିଲା। ଏବେ ବନ୍ୟା ଚାଲିଯିବା ପରେ ମରାମତି ଓ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯାଉଛି। କିନ୍ତୁ ଭାରତୀୟ ଶ୍ରଦ୍ଧାଳୁ ସେଠାକୁ ଯାଇପାରୁ ନାହାନ୍ତି। କାରଣ ଅପରେସନ ସିନ୍ଦୂର ସମୟରୁ କରତାରପୁର କରିଡରକୁ ବନ୍ଦ କରିବାକୁ ପଡିଛି। କିନ୍ତୁ ଯଦି ପାକିସ୍ତାନ ସହିତ ଭାରତ କ୍ରିକେଟ ମ୍ୟାଚ୍ ଖେଳିପାରୁଛି, ତେବେ କରିଡର କାହିଁକି ଖୋଲାଯାଇପାରିବ ନାହିଁ ବୋଲି ଏସ୍‌ଜିପିସି ପ୍ରଶ୍ନ କରିଛି।

## ପୁଣି ଟ୍ରମ୍ପଙ୍କ ଦାବି; ଭାରତ-ପାକ୍ ଯୁଦ୍ଧ ଅଟକାଇଛି

ନ୍ୟୁୟର୍କ, ୨୧।୯ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାର ମୋହକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଛାଡ଼ି ପାରୁନାହାନ୍ତି। ଏହି ପୁରସ୍କାରକୁ ହାତେଇବା ପାଇଁ ସେ ପୁଣି ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିଥିବାର ଦାବିକୁ ଦୋହରାଇଛନ୍ତି। ବାଣିଜ୍ୟ କାରବାର ଆଳରେ ଏ ପର୍ଯ୍ୟନ୍ତ ୭ଟି ଯୁଦ୍ଧ ଅଟକାଇଲିଣି। ତେଣୁ ମୁଁ ନୋବେଲ ପୁରସ୍କାର ପାଇବାକୁ ହକ୍‌ଦାର ବୋଲି ଟ୍ରମ୍ପ କହିଛନ୍ତି। 'ଆମେରିକାନ କର୍ଣ୍ଣରଷ୍ଟୋନ ଇନଷ୍ଟିଚ୍ୟୁଟ ଫାଉଣ୍ଡର୍ସ ଡିନର'ରେ ସାମିଲ ହୋଇ ଟ୍ରମ୍ପ ଶନିବାର ଏହି ଟିପ୍ପଣୀ ଦେଇଥିଲେ।

ଟ୍ରମ୍ପ କହିଥିଲେ ଯେ ବିଶ୍ୱସ୍ତରରେ ଆମେ ପୁଣି ଥରେ ଏପରି କାମ କରୁଛୁ, ଯେଉଁଥି ପାଇଁ ଆମେରିକାକୁ ସମ୍ମାନ ଦିଆଯାଉଛି। ପୂର୍ବରୁ କେବେ ଆମକୁ ଏପରି ସମ୍ମାନ ଦିଆଯାଇ ନାହିଁ। ଆମେ ଶାନ୍ତି ଚୁକ୍ତି କରି ଯୁଦ୍ଧ ବନ୍ଦ କରାଉଛୁ। ଭାରତ-ପାକିସ୍ତାନ, ଥାଇଲାଣ୍ଡ-କାମ୍ବୋଡିଆ, ଆର୍ମେନିଆ-ଆଜରବୈଜାନ, କୋସୋଭୋ-ସର୍ବିଆ, ଇସ୍ରାଏଲ-ଇରାନ, ଇଜିପ୍ଟ-ଇଥିଓପିଆ, ରାୱାଣ୍ଡା-କଙ୍ଗୋ ଆଦି ଯୁଦ୍ଧ ବନ୍ଦ କରିଛୁ। ଭାରତ ଏବଂ ପାକିସ୍ତାନର ନେତାଙ୍କୁ ସମ୍ମାନ କରୁଛି। ଉଭୟ ଦେଶ ଆମ ସହ ବାଣିଜ୍ୟ କାରବାର କରିବାକୁ ଚାହୁଁଥିଲେ। ତେଣୁ ଏହାକୁ ପାଥେୟ କରି ଆମେ ଯୁଦ୍ଧ ବନ୍ଦ କରିଥିଲୁ। ଏ ପର୍ଯ୍ୟନ୍ତ ଟ୍ରମ୍ପ ୪୦ ଥର ଏହି ଯୁଦ୍ଧ ବନ୍ଦ ଦାବି କଲେଣି। ୬୦ ପ୍ରତିଶତ ଯୁଦ୍ଧ କେବଳ ବାଣିଜ୍ୟ ପାଇଁ ବନ୍ଦ ହୋଇଛି ବୋଲି ସେ କହିଥିଲେ।

### ମୁଁ ନୋବେଲ ପାଇବାକୁ ହକ୍‌ଦାର

ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେଲେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ହେବେ ବୋଲି ଟ୍ରମ୍ପଙ୍କୁ କୁହାଯାଇଥିଲା। ଏହାର ଉତ୍ତରରେ ଟ୍ରମ୍ପ କହିଥିଲେ ଯେ ବାକି ସାତୋଟି ଯୁଦ୍ଧ ବନ୍ଦ କରିବାକୁ ନେଇ କ'ଣ ମିଳିବ। ମୋତେ ପ୍ରତ୍ୟେକ ଯୁଦ୍ଧ ବନ୍ଦ ପାଇଁ ନୋବେଲ ପୁରସ୍କାର ମିଳିବା ଉଚିତ। କିନ୍ତୁ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କଲେ ନୋବେଲ ପାଇବାକୁ ଯୋଗ୍ୟ ହେବେ ବୋଲି ସେମାନେ କହିଥିଲେ। କାରଣ ଏହା ହେଉଛି ସବୁଠୁ ବଡ଼ ଯୁଦ୍ଧ।

## ଏଲ୍‌ଓସିରେ ଭାରତ-ପାକ୍ ଗୁଳି ବିନିମୟ

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ପୁଣି ଥରେ ଉତ୍ତେଜନା ସୃଷ୍ଟି ହୋଇଛି। କୁପଓ୍ୱାଡା ଜିଲ୍ଲାର ନାଉଗାଁ ସେକ୍ଟରରେ ପାକିସ୍ତାନ ପୋଷ୍ଟରୁ ୪ ରାଉଣ୍ଡ ଗୁଳିବର୍ଷା କରାଯାଇଥିଲା। ଭାରତୀୟ ଯବାନମାନେ ମଧ୍ୟ ଏହାର କଡ଼ା ଜବାବ ଦେଇଛନ୍ତି। ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ଏବେ ସୀମା ଶାନ୍ତ ରହିଛି। ଏହି ଘଟଣାକୁ ଔପଚାରିକ ଭାବେ ଅସ୍ତ୍ର ବିରତିର ଉଲ୍ଲଂଘନ ବୋଲି କୁହାଯିବ ନାହିଁ ବୋଲି ଭାରତୀୟ ସେନା ସୂତ୍ରରୁ ଜଣାଯାଇଛି। ସେନା ତରଫରୁ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ଉଲ୍ଲେଖଥାଉ କି, ଶୀତଋତୁ ଆସିବା ପୂର୍ବରୁ ପାକିସ୍ତାନ ସେନା ଗୁଳିବର୍ଷଣ କରି ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ। ଅବଶ୍ୟ ଏ ନେଇ ଭାରତୀୟ ସେନା ଭଲଭାବେ ଅବଗତ ରହିଛି।

## କେନ୍ଦ୍ରର ଭିଡ଼ ନିୟନ୍ତ୍ରଣ ଚିନ୍ତା

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି): ଭିଡ଼ ନିୟନ୍ତ୍ରଣକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବୃଦ୍ଧି ପାଇଛି। ଏହାକୁ ନେଇ ସରକାର ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ଏବଂ ବଡ଼ ଆୟୋଜନଗୁଡିକ ପାଇଁ ଏଥିରେ ଧ୍ୟାନ ଦିଆଯାଇଛି। କୁମ୍ଭ ଭଳି ମେଳା, ଖେଳ ଷ୍ଟାଡିୟମ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ବାବାମାନଙ୍କ ପ୍ରବଚନ ଆଦି ମଧ୍ୟ ସାମିଲ ରହିଛି। ସାମ୍ପ୍ରଦାୟିକ ଦଙ୍ଗା, ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଏବଂ ସାମାଜିକ ଗଣମାଧ୍ୟମରେ ଚାଲିଥିବା ଜନଆକ୍ରୋଶ ମଧ୍ୟ ଏହାର ପରିସରରେ ରହିଛି। ନୂଆ ପରିସ୍ଥିତିକୁ ଦେଖି ସ୍ୱରାଷ୍ଟ୍ର ମନ୍ତ୍ରାଳୟ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି। ସାମାଜିକ ଗଣମାଧ୍ୟମ ଯୁଗରେ ଖୁବଶୀଘ୍ର ଅପପ୍ରଚାର ବ୍ୟାପିଯାଉଛି। ଭିଡ଼ର ନୂଆ ମାନସିକତା ଉପରେ ଗବେଷଣା କରାଯାଇଛି। ଏହାକୁ ଆଧାର କରି 'କ୍ରାଉଡ କଣ୍ଟ୍ରୋଲ ଆଣ୍ଡ ମାସ୍ ଗ୍ୟାଦରିଂ ମ୍ୟାନେଜମେଣ୍ଟ' ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଗତ କିଛି ବର୍ଷ ହେଲା ସାମାଜିକ ଗଣମାଧ୍ୟମରୁ ସୃଷ୍ଟି ହୋଇଥିବା ଆକ୍ରୋଶ ଅଚାନକ ବିକ୍ଷୋଭରେ ବଦଳି ଯାଉଥିବା ଦେଖାଯାଉଛି। ଏଥିଯୋଗୁଁ ଭାରତର ତିନୋଟି ପଡୋଶୀ ଦେଶ ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାର ସରକାର ଭୁଶୁଡି ଯାଇଛି। ଏହାକୁ ଦେଖି ଭାରତ ସରକାର ମାର୍ଗଦର୍ଶିକା ଆଣିଥିବା କୁହାଯାଉଛି। 'ବ୍ୟୁରୋ ଅଫ୍ ପୁଲିସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ' ଏହି ଏସଓପି ପ୍ରସ୍ତୁତ କରିଛି। ଏଥିରେ ଅରାଜକତା ସୃଷ୍ଟି କରୁଥିବା ସଭା ପରିଚାଳନାର ଉପାୟ ଦିଆଯାଇଛି। ସାମାଜିକ ଗଣମାଧ୍ୟମ ପରିଚାଳନା ଏବଂ ଏହାର ଜବାବୀ ଉପାୟ ବିଷୟକୁ ମଧ୍ୟ ଯୋଡ଼ା ଯାଇଛି। ଭିଡ଼ ନିୟନ୍ତ୍ରଣ ମଡ୍ୟୁଲାର ମନୋବିଜ୍ଞାନ, ସାମାଜିକ ଏବଂ ଲଜିଷ୍ଟିକ ଦିଗ ସାମିଲ ରହିଛି। ବେଆଇନ ଭାବେ ଗୋଟିଏ ସ୍ଥାନରେ ଏକାଠି ହେବା ଏବଂ ଆକ୍ରମକ ବିକ୍ଷୋଭ ପ୍ରଦର୍ଶନ ପାଇଁ ସୁରକ୍ଷାବାହିନୀ ମୁତୟନର ମଡେଲ ଦିଆଯାଇଛି। ଚାଷୀ ଏବଂ ଶ୍ରମିକଙ୍କ ରାଲି ନିମନ୍ତେ ଅଲଗା ବ୍ୟବସ୍ଥାର ପ୍ରସ୍ତାବ ରହିଛି।

### ଗାଇଡଲାଇନ୍ସ ଜାରି

# ନେତାଙ୍କୁ ବାସ୍ତୁ ଭୟ: ସଚିବାଳୟ ଛାଡ଼ିଲେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):

ଏବେ ରାଜନୀତିରେ ବାସ୍ତୁକୁ ନେଇ ଜୋରସୋର୍‌ରେ ଚର୍ଚ୍ଚା ଚାଲିଛି। ତେଲଙ୍ଗାନାର ସବୁଠାରୁ ଯୁବ ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ (୫୫)ଙ୍କୁ ବାସ୍ତୁଦୋଷ ଭୟ ଘାରିଛି। ସେ ଏତେ ଭୟଭୀତ ହୋଇଯାଇଛନ୍ତି ଯେ ରାଜ୍ୟ ସଚିବାଳୟରେ ଆଉ ବସୁ ନାହାନ୍ତି। ସେ ସଚିବାଳୟର ନୂଆ କୋଠା ଛାଡ଼ି ପଳାଇଛନ୍ତି। ବଞ୍ଜାରା ହିଲ୍ସ ସ୍ଥିତ ହାଇ ସିକ୍ୟୁରିଟି ବ୍ୟବସ୍ଥା ଥିବା ତେଲଙ୍ଗାନା ପୁଲିସର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରରୁ କାମ କରୁଛନ୍ତି। ସଚିବାଳୟର ନୂଆ କୋଠାରେ ବାସ୍ତୁଦୋଷ ରହିଛି ବୋଲି ସେ କହୁଛନ୍ତି। ରେଭନ୍ତଙ୍କ ସମ୍ବନ୍ଧିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୬୫୦ କୋଟି ଟଙ୍କାରେ ପ୍ରସ୍ତୁତ ଏହି ୭ ମହଲା ବିଶିଷ୍ଟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କ ଭବ୍ୟ କାର୍ଯ୍ୟାଳୟ ରହିଛି। ମନ୍ତ୍ରୀ, ମୁଖ୍ୟ ସଚିବଙ୍କ ସମେତ ପ୍ରମୁଖ ଅମଲାତାନ୍ତ୍ରିକ ଅଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏଠାରେ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଆରଏସ ମୁଖ୍ୟ କେ.ଚନ୍ଦ୍ରଶେଖର ରାଓଙ୍କ ସମୟରେ ଏହି କୋଠା ନିର୍ମାଣ ହୋଇଥିଲା। ସେ ୨୦୨୩ ଏପ୍ରିଲ ୩୦ରେ ଏହାକୁ ଉଦ୍‌ଘାଟନ କରିଥିଲେ। କିନ୍ତୁ ଡିସେମ୍ବରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସେ ହାରି ଯାଇଥିଲେ। ପରେ କଂ।।ଗ୍ରେସ ନେତା ମୁଖ୍ୟମନ୍ତ୍ରୀ ଭାବେ ଶପଥ ।।ନେଇଥିଲେ।

ପୁରୁଣା ସଚିବାଳୟ କୋଠାରେ ବାସ୍ତୁଦୋଷ ଥିବା ଭାବି କେସିଆର ନୂତନ ସଚିବାଳୟ ନିର୍ମାଣ କରିଥିଲେ। ଏଥିପାଇଁ ବାସ୍ତୁ ନୀତି ଅନୁସରଣ କରି କାର୍ଯ୍ୟାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଦୁଇ ଥରର କାର୍ଯ୍ୟକାଳ ମଧ୍ୟରେ ସେ ପ୍ରାୟ ୨୪ ଥର ପୁରୁଣା ସଚିବାଳୟ ବୁଲିବାକୁ ଯାଇଥିଲେ। ସେ ତାଙ୍କର ଅଧିକାଂଶ କାର୍ଯ୍ୟ କ୍ୟାମ୍ପ ଅଫିସ ତଥା ବାସଭବନ ପ୍ରଗତି ଭବନରୁ କରୁଥିଲେ।

### ପୁଲିସ କମାଣ୍ଡ ସେଣ୍ଟରରୁ କରୁଛନ୍ତି କାମ

### ୬୫୦ କୋଟିରେ ପ୍ରସ୍ତୁତ ହୋଇଥିଲା ନୂଆ କୋଠା

କଂଗ୍ରେସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୋଠାର ମୁଖ୍ୟ ପ୍ରବେଶ ଦ୍ୱାର ପ୍ରଥମେ ପୂର୍ବ ଦିଗକୁ ମୁହଁ କରି ରହିଥିଲା। ପରେ ଏହାକୁ ବନ୍ଦ କରି ଦକ୍ଷିଣ-ପୂର୍ବକୁ ସ୍ଥାନାନ୍ତରିତ କରାଯାଇଥିଲା। କେସିଆର ପ୍ରଥମେ ପୂର୍ବ ଦିଗରୁ ପ୍ରବେଶ କରିଥିଲେ। କିନ୍ତୁ ଗତ ବିଧାନସଭା ନିର୍ବାଚନ ପୂର୍ବରୁ ସେ ପୂର୍ବ ପ୍ରବେଶ ଦ୍ୱାରକୁ ବନ୍ଦ କରିଦେଇଥିଲେ।

ରେଭନ୍ତଙ୍କ ଘନିଷ୍ଠଙ୍କ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ହେବା ପରଠାରୁ ସେ ନୂତନ କୋଠାରେ ବାରମ୍ବାର ଅଣ-ନିଶ୍ୱାସୀ ଅନୁଭବ କରିଥିଲେ। ପରେ ଯାଞ୍ଚରୁ ବାସ୍ତୁଦୋଷ ଥିବା ଜଣାପଡ଼ିଥିଲା। ଏହାକୁ ସୁଧାରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ପୁଲିସ ନିୟନ୍ତ୍ରଣ କକ୍ଷରେ ରହିବାକୁ ପସନ୍ଦ କରିଥିଲେ। ସେ କେବଳ ସ୍ୱତନ୍ତ୍ର ପ୍ରତିନିଧି କିମ୍ବା ଅତିଥିଙ୍କୁ ଭେଟିବା ସମୟରେ ନୂତନ ସଚିବାଳୟକୁ ଯାଇଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଘନିଷ୍ଠଙ୍କ ଅନୁଯାୟୀ କେସିଆରଙ୍କ ଅନେକ ବିଶ୍ୱସ୍ତ କର୍ମଚାରୀ ସଚିବାଳୟରେ ରହିଛନ୍ତି। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ରେଭନ୍ତ ନୂତନ କୋଠାକୁ ଯିବା ପରେ ଅନେକ ବୈଠକ କରିଥିଲେ। କିନ୍ତୁ ଏହାର ସବୁ ସୂଚନା ବାହାରକୁ ବାହାରି ଯାଇଥିଲା। ବର୍ଷ ଆରମ୍ଭରେ ଫୋନ୍ ଟ୍ୟାପିଂ ଦୁର୍ନୀତି ରେଭନ୍ତଙ୍କ ସନ୍ଦେହକୁ ଆହୁରି ମଜବୁତ କରିଥିଲା। ଏହା ପରେ ରେଭନ୍ତ ଧୀରେ ଧୀରେ ପୋଲିସ କମାଣ୍ଡ ସେଣ୍ଟରକୁ ସ୍ଥାନାନ୍ତରିତ ହେବା ଆରମ୍ଭ କରିଥିଲେ।



ନାମ ଗୋପନ ରଖି ଜଣେ ବିଆରଏସ ନେତା କହିଛନ୍ତି ଯେ କେସିଆର ନିଜର ରାଜନୈତିକ ଉତ୍ତରାଧିକାରୀ ତଥା ପୁଅ କେ.ଟି. ରାମା ରାଓଙ୍କ ପାଇଁ ନୂତନ କୋଠା ନିର୍ମାଣ କରିଥିଲେ। ଅଗ୍ନି ସୁରକ୍ଷା ମାନ ଖରାପ ଥିବା ଦର୍ଶାଇ ସେ ପ୍ରାୟ ୭୦ କୋଟି ଟଙ୍କା ବ୍ୟୟ କରି ପୁରୁଣା ସଚିବାଳୟକୁ ଭାଙ୍ଗି ଦେଇଥିଲେ।

କରୋନା ସମୟରେ ଏପରି କରାଯାଇଥିଲା। ସେତେବେଳେ ରାଜ୍ୟ ଭୟଙ୍କର ଆର୍ଥିକ ସଙ୍କଟରେ ଥିଲା। ତେଣୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏହି ପଦକ୍ଷେପକୁ ବିରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଅଯଥାରେ ଅର୍ଥ ବ୍ୟୟ କରୁଥିବା କହିଥିଲେ। ଅପବ୍ୟୟ ଖର୍ଚ୍ଚ ବୋଲି କହିଥିଲେ। ଏହା ସତ୍ତ୍ୱେ କେସିଆର ବିଆରଏସକୁ ଏକ ଜାତୀୟ ଶକ୍ତି ଭାବରେ ପୁନର୍ଗଠିତ କରିବାକୁ ଚାହିଁଥିଲେ।

୨୦୨୩ ବିଧାନସଭା ନିର୍ବାଚନରେ ପରାଜୟ ପରେ କେସିଆର ବଞ୍ଜାରା ହିଲ୍ସରେ ଥିବା ଦଳୀୟ ମୁଖ୍ୟାଳୟ 'ତେଲଙ୍ଗାନା ଭବନ'ର ମୁଖ୍ୟ ପ୍ରବେଶ ଦ୍ୱାରର ଦିଗ ପରିବର୍ତ୍ତନ କରିଥିଲେ। ପୂର୍ବରୁ ତେଲଙ୍ଗାନା ଭବନର ମୁଖ୍ୟ ଦ୍ୱାର ଉତ୍ତର-ପଶ୍ଚିମ ଦିଗକୁ ଥିଲା। ମାତ୍ର ପରେ ଉତ୍ତର-ପୂର୍ବ ଦିଗରେ ଆଉ ଏକ ଦ୍ୱାର ଖୋଲାଯାଇଥିଲା। ଜଣେ ଦଳୀୟ ନେତା କହିଥିଲେ ଯେ କୋଠା ସାମ୍ନାରେ ଏକ ବିଧି ପୋଟୁ ତଥା ଟି-ଜଙ୍କସନ୍ ଅଛି। ଯେଉଁଠାରେ ତିନୋଟି ରାସ୍ତା ଗୋଟିଏ ସ୍ଥାନରେ ମିଶୁଛି। ବାସ୍ତୁ ଅନୁସାରେ ଏହା ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ଏହାକୁ ଦୂର କରିବା ପାଇଁ ମୁଖ୍ୟ ଦ୍ୱାରର ଦିଗ ପରିବର୍ତ୍ତନ କରାଯାଇଥିଲା।

## ମହାଳୟା ଅମାବାସ୍ୟା



ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼

# ବାଣ ଗୋଦାମରେ ବିସ୍ଫୋରଣ:୨ ମୃତ,୧୨ ଆହତ

ହରଭଙ୍ଗା,୨୧।୯(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଥାନା ଜିଆଁକଟା ଗ୍ରାମରେ ରବିବାର ସକାଳେ ଭୟଙ୍କର ବାଣ ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ଜଣ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ ଭୟଙ୍କର ବିସ୍ଫୋରଣରେ ବିଦ୍ୟୁତ୍ ଖୁଣ୍ଟ ଠାରୁ ଆରମ୍ଭ କରି ଘର,ଅଟୋ,ବାଇକ୍ ଏପରିକି ବାଣଥିବା ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଭୟଙ୍କର ବିସ୍ଫୋରଣ ଶବ୍ଦରେ ଲୋକଙ୍କ ଛାତିଥରି ଉଠିଥିଲା। ଏଥିରେ ଲକ୍ଷ୍ମୀଧର ବେହେରା(୫୦)ଙ୍କ ସହଆଉଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି।ଏହା ସହିତ ଭଗବାନ ବେହେରା, ଅନନ୍ତ ବେହେରା, ଶାନ୍ତି ବାଘ,ଶ୍ରୀମନ୍ତ ବାଘ,ଅମର ବେହେରା, ମୋହନ ବେହେରା, କୁମୁଦିନୀ ବେହେରା, ଖଗେଶ୍ୱର ବେହେରା, ପ୍ରବାସୀ ବେହେରା, ଚନ୍ଦ୍ରିକା



ବେହେରା,ରେଖା ବେହେରାଙ୍କ ସମେତ ୧୨ଜଣ ଗୁରୁତର ଆହାତ ହୋଇଥିବା ଜଣାପଡିଛି। ଅନ୍ୟପଟେ ରମା ଭୋକ୍ତା ନାମକ ଜଣେ ମହିଳା ନିଖୋଜ ଥିବା କୁହାଯାଉଛି। ସେହିପରି ଗ୍ରାମରେ ସତ୍ୟନାରାୟଣ ନାୟକ ସମେତ ପାଖ ଆଖରେ ଥିବା ଅନେକ ଲୋକଙ୍କ ପକ୍କାଘର, ଆଜବେଷ୍ଟସ୍ ଘର ଭାଙ୍ଗିଥିବା ଜଣାପଡିଛି।

ସୂଚନା ଅନୁସାରେ ଜିଆଁକଟା ଗ୍ରାମର ମାଗିସାହୁ ନାମକ ବ୍ୟକ୍ତି ଏକ ସିଲଭର ଫ୍ୟାକ୍ଟ୍ରି କରି କଂସାବାସନ କରି ବହୁଦିନ ହେଲା ସେଠାରେ ବ୍ୟବସାୟ କରୁଥିଲେ। ସେ ୧୦/୧୨ଟି ଛୋଟ ଛୋଟ ଆଜବେଷ୍ଟସ ଛପର ଘରକୁ ଭଡ଼ା ରେ ଦେଇଥିଲେ। ସେହି ଘରେ ପ୍ଲାଷ୍ଟିକ୍ ବ୍ୟବସାୟ ଠାରୁ ଆରମ୍ଭ କରି ମୁଢ଼ି ବ୍ୟବସାୟ କରୁଥିବା ଲୋକଙ୍କ ସହିତ କିଛି ଶ୍ରମିକ ଶ୍ରେଣୀର ଲୋକେ ସେଠାରେ ଭଡ଼ାରେ ରହୁଥିଲେ। ରବିବାର ସକାଳେ ପ୍ରାୟତଃ ସମସ୍ତେ କାମଧନ୍ଦାରେ ବାହାରି ଯାଇଥିଲେ। ସକାଳ ପ୍ରାୟ୧୦.୩୦ ସମୟରେ ଉକ୍ତ ଘରୁ ଭୟଙ୍କର ବାଣ ବିସ୍ଫୋରଣ ଘଟିଥିଲା।ଏଥିରେ ଚାରିଆଡ ଧୂଆଁମୟ ହୋଇଯାଇଥିଲା। ବିସ୍ଫୋରଣର ପ୍ରକୋପ ଏତେ ଭୟଙ୍କର ରହିଥିଲା ଯେ ଏକ କିଲୋମିଟର ଦୂରରେ ଥିବା ପୁରୁଣାକଟକ ଏବଂ ଚାରିଛକ ବଜାରରେ ଏକ ଭୂମିକମ୍ପ ଭଳି କମ୍ପନ ସୃଷ୍ଟି ହେବା ସହିତ ଲୋକଙ୍କ ଦୋକାନ ଘର କାଚ ଭାଙ୍ଗିଯାଇଥିଲା। ଏପରିକି ଅନେକ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହିତ ଗୁରୁତର ଅବସ୍ଥାରେ ଅନେକ ଚିକିତ୍ସାଧିନ ଥିବା ଜଣାପଡିଛି।

# ଆକାଶରୁ ଖସିଲା ବଜ୍ର: ୪ ମୃତ

## ଗଞ୍ଜାମରେ ମହିଳାଙ୍କ ସମେତ ୩ ମୃତ

ଖଲ୍ଲିକୋଟ/ଦିଗପହଣ୍ଡି,୨୧।୯ (ସମିସ):ଖଲ୍ଲିକୋଟ, ଦିଗପହଣ୍ଡି, ବେଗୁନିଆପଡ଼ା ଥାନା ଅଞ୍ଚଳରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ଥାନା ଭରସା ନୂଆପଲ୍ଲୀ ଗ୍ରାମର ଚନ୍ଦ୍ରମା ଗୌଡ଼, ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଅଙ୍ଗାରଗାଁ ଶଙ୍ଖଭୂମି ଗ୍ରାମର ସୁବାସ ଦାସ ଓ ଦିଗପହଣ୍ଡିର ବିଶ୍ୱନାଥ ଗୌଡ଼। ଚନ୍ଦ୍ରମା ଗୌଡ଼ ବିଲରେ କାମ କରୁଥିବାବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ଚନ୍ଦ୍ରମାଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ ଶଙ୍ଖଭୂମି ଗ୍ରାମର ସୁବାସ ଦାସ ଗାଈଗୋଠ ନେଇ ନିକଟସ୍ଥ ବିଲରେ ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଛେଳି ଚରାଇବାକୁ ଯାଇଥିବା ବେଳେ କଇଠଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ପେଣ୍ଠାଗ୍ରାମର ବିଶ୍ୱନାଥ ଗୌଡ଼ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସମୁଦ୍ରରେ ବଜ୍ରପାତ; ବାପା ମୃତ

ମହାକାଳପଡ଼ା,୨୧।୯(ସମିସ): ମାଛ ଧରିବା କାଳ ହୋଇଛି। ମଝି ସମୁଦ୍ରରେ ବଜ୍ରପାତ ଯୋଗୁଁ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଥିବାବେଳେ ପୁଅ ନିଖୋଜ ହୋଇଯାଇଛି।ମହାକାଳପଡ଼ା ବ୍ଲକ୍‌ରେ ଏଭଳି ଦୁଃଖଦ ଘଟଣା ଘଟିଛି। ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଗ୍ରାମର ମତ୍ସ୍ୟଜୀବୀ ବିଜୟ ପରିଡ଼ା ଓ ତାଙ୍କ ପୁଅ ଗୁଲିଆ ପରିଡ଼ା ମାଛ ଧରିବାକୁ ଡଙ୍ଗାରେ ସମୁଦ୍ରକୁ ଯାଇଥିଲେ। ଶନିବାର ଅପରାହ୍ଣରେ ଘଡ଼ଘଡ଼ି ସହ ପ୍ରବଳ

### ପୁଅ ନିଖୋଜ

ବର୍ଷା ହୋଇଥିବାବେଳେ ଡଙ୍ଗା ଉପରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ବିଜୟ ପରିଡ଼ା ସେହି ଜାଲ ଡଙ୍ଗା ଉପରେ ଟଳି ପଡ଼ିଥିଲେ।ରବିବାର ସକାଳେ ଅନ୍ୟ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବାବେଳେ ଡଙ୍ଗା ଭାସୁଥିଲା ଓ ବିଜୟଙ୍କ ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେବା ସହିତ ଉଦ୍ଧାର କରିଥିଲେ। ବାପା ସାଙ୍ଗରେ ଯାଇଥିବା ପୁଅ ଗୁଲୁଆ ପରିଡ଼ା ନିଖୋଜଥିବା ଜଣାପଡ଼ିବା ପରେ ବନ ବିଭାଗ, ପୁଲିସ ଟିମ୍ ବୋଟ୍ ସାହାଯ୍ୟରେ ଖୋଜାଖୋଜି ଜାରି ରଖିଥିବା ପୂର୍ବତନ ସରପଞ୍ଚ ମନୋଜ କୁମାର ପାତ୍ର କହିଛନ୍ତି।

## ୨୭ରେ ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ



ଝାରସୁଗୁଡ଼ା,୨୧।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖରେ ଝାରସୁଗୁଡ଼ା ଆସିବେ। ଝାରସୁଗୁଡ଼ାର ଅମଲିପାଲି ଠାରେ ଥିବା ରିଜର୍ଭ ପଡିଆରେ ଆୟୋଜିତ ହେବାକୁ ଥିବା ଯୁବ ସମାବେଶର ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ଭାଷଣ ଦେବେ। ଏଥିପାଇଁ ଆଜି ଆନୁଷ୍ଠାନିକ ସୂଚନା ମିଳିବା ପରେ ଅମଲିପାଲି ପଡିଆ ସହ ଅନ୍ୟ ଦୁଇଟି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହ ଉତ୍ତରାଞ୍ଚଳ ଆଇଜି, ଜିଲ୍ଲାପାଳ ଓ ଏସପି ପଡିଆକୁ ବୁଲି ଦେଖିଛନ୍ତି। ଏହାପରେ ଅମଲିପାଲି ପଡିଆରେ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ସନ୍ଧ୍ୟାରେ ସାମ୍ଭାବ୍ୟ କାର୍ଯ୍ୟକ୍ରମ ସକାଶେ ପ୍ରସ୍ତୁତି ଦେଖିବା ପାଇଁ ଝାରସୁଗୁଡ଼ା ପହଞ୍ଚିଛନ୍ତି। ଝାରସୁଗୁଡ଼ାରେ ଯୁବ ସମାବେଶ ଆୟୋଜନ ହେବ ଓ ରାଷ୍ଟ୍ରୀୟ ସ୍ତରରେ ଯୁବକଙ୍କ ମଙ୍ଗଳ ପାଇଁ କିଛି ଯୋଜନା ପ୍ରଧାନମନ୍ତ୍ରୀ ଘୋଷଣା କରିବେ ବୋଲି ସୂଚନା ଦେଇଛନ୍ତି।

**କିଲର୍ ଦୀପକ ଲାଗି ବଢୁଛି ଅଡୁଆ।**

# ଅପର୍ଣ୍ଣା ଦୁର୍ଘଟଣା ସାକ୍ଷୀଙ୍କୁ ଜେରା କରିବ ପୁଲିସ

ଭୁବନେଶ୍ୱର, ୨୧।୯ (ସମିସ): ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟାକାଣ୍ଡରେ ଗିରଫ ହୋଇଥିବା କିଲର ସ୍ୱାମୀ ଦୀପକର କଳା କାରନାମା ଧିରେ ଧିରେ ପଦାକୁ ଆସୁଛି। ଦୀପକ ତା'ର ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କୁ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ପରେ ପୁଲିସ ପୁରୁଣା ଫାଇଲ୍ ଖୋଲି ତଦନ୍ତକୁ ଜୋରଦାର କରିଛି। ତଦନ୍ତକାରୀ ଅଧିକାରୀ ଡିଏସପି ଅଜୟ କୁମାର ଦାସ ଅପର୍ଣ୍ଣାଙ୍କ



ବାପା, ମାଆ, ଦାଦା, ମାମୁଁ ପୁଅ ଭାଇ, ଦୁଇ ଭଉଣୀ ସେମାନଙ୍କ ସ୍ୱାମୀଙ୍କ ବୟାନ ରେକର୍ଡ କରିଛନ୍ତି। ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ଦିନ ଶୁଭମିତ୍ରାଙ୍କୁ ଡାକ୍ତରଖାନାରେ ଦେଖିଥିବା ମାମୁଁ ପୁଅ ଭାଇ ବୟାନ ଦେଇଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକଙ୍କ ପରେ ଦୁର୍ଘଟଣା ମାମଲାର ସାକ୍ଷୀମାନଙ୍କୁ ପୁନର୍ବାର ପଚରାଉଚରା କରାଯିବ ଓ ସାକ୍ଷୀ ଥିବା ୫ ବ୍ୟକ୍ତିଙ୍କୁ ନୋଟିସ୍ କରି ଡକାଯିବ ବୋଲି ପୁଲିସ କହିଛି। ସେମାନଙ୍କ ଠାରୁ ଘଟଣା ସମ୍ପର୍କରେ ପଚରାଉତ୍ତୁରା କରିବା ସହ ବୟାନ ରେକର୍ଡ କରାଯିବ। ଏହା ଭିତରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ମାମଲାର ତଦନ୍ତ କରୁଥିବା ତଦନ୍ତକାରୀ

### ଶୁଭମିତ୍ରା ହତ୍ୟାକାଣ୍ଡରେ ୨୫ ଜଣଙ୍କ ବୟାନ ରେକର୍ଡ

ଅଧିକାରୀ ଓ ତତ୍କାଳୀନ ଖୁଣ୍ଟୁଣୀ ଥାନା ଅଧିକାରୀଙ୍କୁ ମଧ୍ୟ ପଚରାଉଚରା କରାଯାଇଛି।

ଦୀପକ ଅଭିଯୋଗରେ ଦର୍ଶାଇଥିବା ଟ୍ରକର ମାଲିକ ଓ ଚାଳକଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବ ବୋଲି ପୁଲିସ କହିଛି। ଘଟଣା ସହିତ ସଂପୃକ୍ତ ବିଭିନ୍ନ ଲୋକଙ୍କ ବୟାନ ରେକର୍ଡ କରିବା ପରେ ସେସବୁକୁ ତର୍ଜମା କରାଯିବ। ପ୍ରାଥମିକ ତଦନ୍ତରୁ ପ୍ରମାଣ ମିଳିଲେ କିଲର୍ ସ୍ୱାମୀ ଦୀପକକୁ ରିମାଣ୍ଡରେ ନେବ ଖୁଣ୍ଟୁଣୀ ଥାନା ପୁଲିସ। ତାକୁ ରିମାଣ୍ଡରେ ନେଇ ପଚରାଉଚରା କରି ପ୍ରମାଣ ଗୋଟାଇବ। ସେପଟେ ଶୁଭମିତ୍ରା ହତ୍ୟାକାଣ୍ଡର ତଦନ୍ତ କରୁଥିବା କ୍ୟାପିଟାଲ ଥାନା ପୁଲିସ ମଧ୍ୟ ପ୍ରମାଣ ଗୋଟାଇବାରେ ଲାଗିଛି। ଗତକାଲି ଜେସିବି ଚାଳକ ଓ ମାଲିକଙ୍କ ପଚରାଉଚରା କରିଥିବା ବେଳେ ଶୁଭମିତ୍ରାଙ୍କ ବାପା, ମାଆ, ଭାଇଙ୍କର ମଧ୍ୟ ବୟାନ ରେକର୍ଡ ହୋଇଛି। ଶୁଭମିତ୍ରା ହତ୍ୟାକାଣ୍ଡରେ ଏପର୍ଯ୍ୟନ୍ତ ମୋଟ ୨୫ ଜଣଙ୍କ ବୟାନ ରେକର୍ଡ କରିସାରିଲାଣି ପୁଲିସ। ଏଥିସହିତ କଲ୍ ଡିଟେଲ ରିପୋର୍ଟ (ସିଡିଆର), ସିନ୍ ରିକ୍ରିଏସନକୁ ମଧ୍ୟ ପ୍ରମାଣ ଭାବରେ କୋର୍ଟରେ ଦାଖଲ କରାଯିବ। ତଦନ୍ତ ଏକପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଶବ୍ ବ୍ୟବଚ୍ଛେଦ ରିପୋର୍ଟ ଆସିବାକୁ ପୁଲିସ ଅପେକ୍ଷା କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଚାର୍ଜସିଟ୍ ଦାଖଲ କରାଯିବ ବୋଲି ପୁଲିସ କହିଛି।




# ବିଶ୍ୱକର୍ମା ପୂଜା ୫ମ ସନ୍ଧ୍ୟାରେ ପ୍ରବଳ ଭିଡ଼






ଅନୁଗୋଳ,୨୧।୯ (ସମିସ):

ନାଲକୋ ନଗର ପ୍ରସିଦ୍ଧ ବିଶ୍ୱକର୍ମା ପୂଜାର ୫ମ ସନ୍ଧ୍ୟାରେ ରବିବାର ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଦୋକାନ ବଜାରରେ ଭଲ ବିକ୍ରିବଟା ହୋଇଥିଲା। ଏଥିସହ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ସବୁଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। ପୂଜା ମଣ୍ଡପରେ ପ୍ରଭୁ ବିଶ୍ୱକର୍ମାଙ୍କ ମେଢ଼ ସାଙ୍ଗକୁ ଅନେକ ମଣ୍ଡପରେ ପାୱାର୍ ମେଢ଼ ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। କୌତୁହଳପୂର୍ଣ୍ଣ, ଶିକ୍ଷଣୀୟ, ଧାର୍ମିକ ଦୃଶ୍ୟର ମେଢ଼ ସବୁ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ବିଦ୍ୟୁତ୍ ଚାଳିତ ଶ୍ରୀଗଣେଷଙ୍କ ପ୍ରତିମୂର୍ତ୍ତି ଆସନରୁ ଉଠିବା ବସିବା ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଥିବା ବେଳେ ବିଦ୍ୟୁତ୍ ସବଷ୍ଟେସନ ମଣ୍ଡପରେ ବିଦ୍ୟୁତ ଚାଳିତ ଶ୍ରୀକୃଷ୍ଣଙ୍କ ପୁତନା ବଧ, ସିଂହ ରଡ଼ି ଆଦି ପ୍ରତିମୂର୍ତ୍ତି ପ୍ରଦର୍ଶିତ ହୋଇଛି। କାଷ୍ଟ ହାଉସ (ବି) ପୂଜା ମଣ୍ଡପରେ ଅପରେସନ ସିନ୍ଦୂର' ଦୃଶ୍ୟ ସ୍ଥାନିତ ହୋଇଛି।

## ବାଇକର ଗର୍ଜନ ଓ ହର୍ଣ୍ଣରେ ଦର୍ଶକ ଅତିଷ୍ଠ

ମେଳା ପାଇଁ ସମଗ୍ର ନାଲକୋ ନଗର ଅଞ୍ଚଳ, ଟାଉନସିପ ମାର୍କେଟ, ଏଫସିଆଇ ରୋଡ୍, ବଅଁରପାଳ-ଅନୁଗୋଳ ରୋଡ୍ ଜନଗହଳି ହେଉଛି। ଅପରାହ୍ନରୁ ରାତି ୧୦/୧୧ଟା ଯାଏଁ ରାସ୍ତାରେ ଗହଳି ରହୁଛି। କିଛି ଉଦଭ୍ରାନ୍ତ ଯୁବକ ଉଚ୍ଚ ଶବ୍ଦରେ ବାଇକ ହର୍ଣ୍ଣ ବଜାଇ ବେପରୁଆ ଗାଡ଼ିଚାଳନା କରୁଛନ୍ତି। ମେଳା ଅଞ୍ଚଳରେ ଟ୍ରାଫିକ ନିୟନ୍ତ୍ରଣ ସରିଯିବା ପରେ ରାତି ୧୦ଟା ବେଳକୁ ଏହି ସବୁ ରୋଡ୍‌ରୋମିଓ ବାଇକରେ ପଇଁତରା ମାରୁଛନ୍ତି। ଫଳରେ ଦର୍ଶକ ଅତିଷ୍ଠ ହୋଇପଡୁଛନ୍ତି।

## ମେଳାରେ ପରିବେଶ ସଚେତନତା

ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଅପରିହାର୍ଯ୍ୟ ଏବଂ ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। ଅନୁଗୋଳ ମାନବ ସେବା ଚାରିଟେବୁଲ ଟ୍ରଷ୍ଟର ଅନ୍ତେବାସୀ ଏବଂ ସମାଜସେବୀ କିନ୍ନର ଚିନ୍ମୟୀ ଦାସ ବିଶ୍ୱକର୍ମା ପୂଜା ମେଳାରେ ପରିବେଶ ସୁରକ୍ଷା ସମ୍ପର୍କିତ ଜନଜାଗରଣ କରିଥିଲେ। କୁନି କୁନି ପିଲାଙ୍କ ସମେତ ଚିନ୍ମୟୀ ଗଛ ବେଶରେ ସଜ୍ଜିତ ହୋଇ ସଚେତନତା ବାର୍ତ୍ତା ଦେଇଥିଲେ। ହାତରେ ପ୍ଲାକାର୍ଡ ଧରି ଲୋକଙ୍କୁ ଗଛ ଲଗାଇ ତାହାର ଯତ୍ନ ନେବାକୁ ପ୍ରବର୍ତ୍ତାଉଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ସେବାକାର୍ଯ୍ୟ ସହ ସାପକାମୁଡ଼ା, ହାତୀ ସୁରକ୍ଷା, ବନାଗ୍ନି, ବନ୍ୟଜନ୍ତୁ ସୁରକ୍ଷା, ଜଳ ସଂରକ୍ଷଣ, ପରିବେଶ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟ କରି କିନ୍ନର ଚିନ୍ମୟୀ ଦାସ ଏ ଅଞ୍ଚଳରେ ବେଶ ପରିଚିତ ଏବଂ ପ୍ରଶଂସିତ।

## କୋଣାର୍କ ମହୋତ୍ସବ ଦୃଶ୍ୟ

ପୁଣ୍ୟ ଦୃଶ୍ୟକୁ ଚିତ୍ରଣ କରିଛି କାର୍ବନ ଏରିଆ (ଇଲେକ୍ଟ୍ରିକାଲ) ପୂଜା ମଣ୍ଡପ। ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରୁଛି ବିଭିନ୍ନ ସେଲଫି ପଏଣ୍ଟ। ରୋଡିଂ ସପ-୧ ମଣ୍ଡପରେ ପ୍ରଭୁ ବିଶ୍ୱକର୍ମାଙ୍କ ଦରବାରରେ ଶୋଭାପାଉଛି କୋଣାର୍କ ମହୋତ୍ସବର ଚିତ୍ର।

# ସରକାରୀ କାର୍ଯ୍ୟାଳୟରେ ପୁଣି ଦଲାଲ ସକ୍ରିୟ

● ସକାଳୁ ସଞ୍ଜ ଯାଏଁ ଅଫିସ ବାରଣ୍ଡାରେ ଡେରା ପକାଉଛନ୍ତି

**ଅନୁଗୋଳ,୨୧।୯ (ସମିସ):** ଦୀର୍ଘଦିନ ଅନ୍ତରରେ ପୁଣି ଥରେ ଅନୁଗୋଳ ସହରରେ ସକ୍ରିୟ ହୋଇଛି ଦଲାଲ ଗୋଷ୍ଠୀ। ଏଥର କିନ୍ତୁ ଅଲଗା ଯୋଜନାରେ ଲୋକଙ୍କଠାରୁ ଲୁଟ୍ କରିବାକୁ ଯୋଜନା କରୁଛନ୍ତି। ସକାଳୁ ସଞ୍ଜ ଯାଏଁ ସରକାରୀ କାର୍ଯ୍ୟାଳୟ ବାରଣ୍ଡାରେ ଏମାନେ ବୁଲୁଥିବା ଦେଖାଯାଉଛି। ଧୋବ ଫରଫର ସାର୍ଟ ସାଙ୍ଗକୁ ଇସ୍ତ୍ରି ଦିଆ ପ୍ୟାଣ୍ଟ। ଏମିତିକି ପୂରା ଅଫିସର କାଇଦାରେ ଏମାନେ ଅଫିସ ଆଗରେ ବୁଲୁଛନ୍ତି। ଫଳରେ ସରଳିଆ ଲୋକେ ଏମାନଙ୍କୁ ସହଜରେ ବିଶ୍ୱାସ କରିଯାଉଛନ୍ତି। ଏହି ଅଫିସର ରୂପଧାରୀମାନେ କିଛି ସରକାରୀ ବାବୁଙ୍କ ଚା' ଜଳଖିଆ ବ୍ୟବସ୍ଥା ମଧ୍ୟ କରୁଥିବା ଦେଖାଯାଇଛି। ସେତିକିରେ ଅଟକି ନାହିଁ ଏମାନଙ୍କ କାର୍ଯ୍ୟ। ସରକାରୀ କାର୍ଯ୍ୟାଳୟ ମଧ୍ୟକୁ ଏମାନଙ୍କ ଅବାଧ ପ୍ରବେଶ ରହିଥିବା ଦେଖାଯାଇଛି। ଏପରିକି କୌଣସି ସରକାରୀ ବୈଠକ ହେଲେ ଏମାନେ ତାକୁ ଆୟୋଜନ କରୁଛନ୍ତି। ବିଶେଷକରି ତହସିଲ, ସବରେଜିଷ୍ଟ୍ରାର ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏପରି କିଛି ବ୍ୟକ୍ତିଙ୍କ ଲମ୍ବା ଧାଡ଼ି ଲାଗୁଛି। ଜନପ୍ରତିନିଧିଙ୍କ ପାଖ ଲୋକ କହି ପ୍ରଥମେ ଅଫିସରଙ୍କ ନିକଟତର ହୋଇ ପରେ ବେପାର ଆରମ୍ଭ କରୁଛନ୍ତି। ସାଧାରଣ ଲୋକଟିଏ ସରକାରୀ ବିଧି ବ୍ୟବସ୍ଥା ସମ୍ପର୍କରେ ଅଜ୍ଞ ଥିବାବେଳେ ଆମେ ତୁମ କାମ କରିଦେବୁ କହି ଭରସା ଦେଉଛନ୍ତି। ଆଉ ସରକାରୀ ବାବୁଙ୍କ ସହ ଭେଟ କରାଇ ତୁମ କାମ ହୋଇଯିବ ବୋଲି କହୁଛନ୍ତି। ଅଫିସ ବାହାରେ ମୂଲଚାଲ ଛିଣ୍ଡିବା ପରେ ଆରମ୍ଭ ହେଉଛି କାର୍ଯ୍ୟ। ସାଧାରଣ ଲୋକଟିଏ ଏହି ସବୁ ସରକାରୀ କାର୍ଯ୍ୟାଳୟକୁ ଗଲେ ଅଧିକାରୀଙ୍କ ଦେଖା ମିଳୁନାହିଁ। କିନ୍ତୁ ଏହି ଦଲାଲମାନେ ଅଫିସର ମାଲିକ ଭଳି ୨୪ଘଣ୍ଟା ଅଫିସ ବାରଣ୍ଡାରେ ଜଗି ବସୁଛନ୍ତି। ଏହାର ଫାଇଦା ନେଇ ସହର ମଧ୍ୟରେ ବେଆଇନ ଭାବେ ମାଟି ଚୋରା ଚାଲାଣ, ବାଲି ଚାଲାଣ ଆଦି କାର୍ଯ୍ୟରେ ଏମାନେ ସିଦ୍ଧହସ୍ତ ପାଲଟିଛନ୍ତି। ଜିଲ୍ଲାପାଳ ଏହି ସବୁ ଘଟଣା ଉପରେ ନଜର ଦେବା ସହ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଏଭଳି ଦଲାଲଙ୍କ କବଳରୁ ମୁକ୍ତି କରିବା ପାଇଁ ଦାବି ହେଉଛି।

■ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ବକେୟା ଦରମା ପ୍ରଦାନ ଦାବି

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆଜି



**କିଶୋରନଗର,୨୧।୯ (ସମିସ):** ବିଜୁ ଶ୍ରମିକ ସାମ୍ମୁଖ୍ୟର କମ୍ୟୁନିଟି ସପୋର୍ଟ କର୍ମଚାରୀଙ୍କୁ ବକେୟା ଦରମା ପ୍ରଦାନ ଦାବିରେ କିଶୋରନଗର ବ୍ଲକର ସମସ୍ତ କମ୍ୟୁନିଟି ସପୋର୍ଟ କର୍ମଚାରୀ ସୋମବାର ଜିପିଏଲଏଫ୍ ଓ ଓଏଲଏମ୍ ଅଫିସରେ ତାଲା ପକାଇ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦେବେ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରବିବାର ଏ ନେଇ ବ୍ଲକ ସଂଘ ସଭାପତି ସରୋଜିନୀ ପ୍ରଧାନ, ସମ୍ପାଦକ ଅସ୍ମିତା ନାୟକଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ଏବିଇଓ ଓ ସ୍ଥାନୀୟ ତହସିଲଦାରଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି।

■ ୧୦ ପ୍ରତିଶତ କମିଲା ଜିଏସଟି

# 'ବାଇକ୍‌ରେ ଦଶ ହଜାର ଟଙ୍କା ଫାଇଦା ପାଇବେ ଗ୍ରାହକ'

**ଅନୁଗୋଳ,୨୧।୯ (ସମିସ):** ବାଇକ୍ ଉପରେ କେନ୍ଦ୍ର ସରକାର ୧୦ ପ୍ରତିଶତ ଜିଏସ୍‌ଟି ହ୍ରାସ କରିଛନ୍ତି। ସୋମବାରଠାରୁ ଏହି ନୂଆ ଜିଏସ୍‌ଟି ସ୍ଲାବ୍ ଲାଗୁ ହେବ। ଏ ନେଇ ରବିବାର ଅପରାହ୍ନରେ ଅନୁଗୋଳ ଜିଲ୍ଲା ଅଟୋମୋବାଇଲ ଡିଲର୍ସ ଆସୋସିଏସନ ସଭାପତି ଇଂ ଅମ୍ବିକା ପ୍ରସାଦ ଭଟ୍ଟ ଏକ ସାମ୍ବାଦିକ ସମ୍ମିଳନୀରେ ଗ୍ରାହକମାନେ ଏହାର ଫାଇଦା ଉଠାଇବା ପାଇଁ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ବାଇକ୍ ଓ ସ୍କୁଟରରେ




ଗ୍ରାହକମାନେ ପ୍ରାୟ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଫାଇଦା ପାଇପାରିବେ ବୋଲି ସେ କହିଛନ୍ତି। ୨୦୧୭ରେ ସାରା ଦେଶରେ ଜିଏସଟି ଲାଗୁ କରାଯାଇଥିଲା। ଦୁଇଚକିଆ ଯାନ ଉପରେ ୨୮ ପ୍ରତିଶତ ଜିଏସଟି ଲାଗୁ କରାଯାଇଥିଲା। ସେତେବେଳେ ଭାରତୀୟ ଅଟୋମୋବାଇଲ ଡିଲର୍ସ ଫେଡେରେସନ ଦୁଇଚକିଆ ଯାନ ବର୍ତ୍ତମାନ ସମୟରେ ଏକ ଅତ୍ୟାବଶ୍ୟକୀୟ ବସ୍ତୁ ହୋଇ ଯାଇଥିବାରୁ ଏହା ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଲାଗୁ ହେବା ଉଚିତ ବୋଲି ଯୁକ୍ତି ଦର୍ଶାଇଥିଲେ। ହେଲେ ସରକାର ଦୀର୍ଘ ୮ ବର୍ଷ ପରେ ଏହି ଦାବିକୁ ଗ୍ରହଣ କରି ଦୁଇଚକିଆ ଯାନ ଉପରେ ୧୮ ପ୍ରତିଶଦ ଜିଏସ୍‌ଟି ରଖିବା ପାଇଁ ଘୋଷଣା କରିଛନ୍ତି। ଫଳରେ ସୋମବାରଠାରୁ ଗ୍ରାହକ ଏହାର ସୁଫଳ ପାଇପାରିବେ ବୋଲି ଇଂ. ଭଟ୍ଟ ପ୍ରକାଶ କରିଛନ୍ତି। ଏ ନେଇ ଅନୁଗୋଳ ଜିଲ୍ଲା ଆସୋସିଏସନ ପକ୍ଷରୁ ସେ ଫେଡେରେସନକୁ ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ମାଣ୍ଡୋଠିଆ, ମନୋଜ ଗୁପ୍ତା, ଅନୀଲ କୁମାର ରାଉତ, ବିକ୍ରମ ଅଗ୍ରୱାଲ, ସନ୍ତୋଷ କୁମାର ଅଗ୍ରୱାଲ, ରଜତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ଗୁରୁତର ଦୋକାନୀଙ୍କ ମୃତ୍ୟୁ

**କଣିହାଁ,୨୧।୯ (ସମିସ):** କଣିହାଁ ବ୍ଲକ ରେଙ୍ଗାଲି ଥାନା କରଡ଼ାଖମଣ ଗ୍ରାମରେ ଶନିବାର ଏକ ଦୋକାନରେ ନିଆଁ ଲାଗିଯିବାରୁ ଦୋକାନ ଘର ସହ ସାମଗ୍ରୀ ସମ୍ପୂର୍ଣ୍ଣ ଜଳିପୋଡ଼ି ନଷ୍ଟ ହୋଇଥିବା ବେଳେ ଏଥିରେ ଦୋକନୀ ବନୋଜ ସାହୁ ଜଳିଯାଇ ଗୁରୁତର ହୋଇଥିଲେ। ତେବେ ରବିବାର ଭୋର ସମୟରେ କଟକ ଏସ୍‌ସିବି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଅଗ୍ନିକାଣ୍ଡ ପରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ନିକଟସ୍ଥ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ତାଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ିଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଏସ୍‌ସିବି ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା।

ସୂଚନା ଅନୁଯାୟୀ, ଗାଁରେ ବନୋଜ ଏକ ଭେରାଇଟି ଷ୍ଟୋର କରି ପରିବାର ପ୍ରତିପୋଷଣ କରୁଥିଲେ। ଦୋକାନରେ ବିଭିନ୍ନ ସାମଗ୍ରୀ ସହ ଖମାର ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଆଣି ଖୁଚୁରାରେ ବିକ୍ରି କରୁଥିଲେ। ତେବେ ବ୍ୟବସାୟର ଉନ୍ନତି ପାଇଁ ବନୋଜଙ୍କ ବାପା ତାଙ୍କୁ କିଛି ଉପଦେଶ ଦେଇଥିଲେ। ବନୋଜ ଏହାକୁ ଗ୍ରହଣ ନ କରିବା ସହ ବାପାଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ନିଜ ଦୋକାନକୁ ଜାଳିଦେବା ଉଦ୍ଦେଶ୍ୟରେ ଶନିବାର ଅପରାହ୍ନରେ ବନୋଜ ବିକ୍ରି ଉଦ୍ଦେଶ୍ୟରେ ଥିବା ପେଟ୍ରୋଲକୁ ଦୋକାନ ଘରେ ଢାଳି ଦେଇଥିଲେ। ତେବେ ଏହି ସମୟରେ କିଛି ପେଟ୍ରୋଲ ତାଙ୍କ ଶରୀରରେ ପଡ଼ିଥିଲା। ଦୋକାନ ସାମଗ୍ରୀ ଉପରକୁ ଦିଆସିଲି ମାରିବା ସମୟରେ ତାଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା ବୋଲି ରେଙ୍ଗାଲି ଥାନା ଆଇଆଇସି ଜୟନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ସେ କହିଛନ୍ତି। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ନିଖୋଜ ଛାତ୍ରୀଙ୍କ ମୃତଦେହ ପୋଖରୀରୁ ଉଦ୍ଧାର

**କିଶୋରନଗର,୨୦।୯ (ସମିସ):** କିଶୋରନଗର ଥାନା ଜଏରାଟ ଗ୍ରାମ ପୋଖରୀରୁ ରବିବାର ପୁଲିସ ଉପସ୍ଥିତିରେ ବାମୁର ଅଗ୍ନିଶମ ବାହିନୀ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଛାତ୍ରୀ ହେଲେ ଜଏରାଟର ସଞ୍ଜୟ ସେଠୀଙ୍କ ଝିଅ ସାଗରିକା ସେଠୀ (୧୫)। ସେ ଜଏରାଟ ହାଇସ୍କୁଲରେ ପାଠ

**ସ୍ଥିତି ଅନୁଧ୍ୟାନ କଲେ ଏସପି**

ପଢୁଥିଲେ। ଶନିବାର ପରୀକ୍ଷା ଥିବାରୁ ପୂର୍ବାହ୍ନ ୧୦ଟାରେ ସେ ସ୍କୁଲ ଯାଇଥିଲେ। ହେଲେ ବିଳମ୍ବ ହୋଇଯାଇଥିବାରୁ ସେ ପରୀକ୍ଷାରୁ ବଞ୍ଚିତ ଘରକୁ ଫେରିଥିଲେ। ହେଲେ ରାତିରେ ଘରୁ କେଉଁଆଡ଼େ ପଳାଇ ଯାଇଥିଲେ। ଏ ନେଇ ପରିବାର ଲୋକେ କିଶୋରନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରି ନିରାଶ ହୋଇଥିଲା। ରବିବାର ଗାଁ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସାଗରିକାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ଅନୁଗୋଳ ଏସପି ରାହୁଲ ଜୈନ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ପବିତ୍ର ନଗର କ୍ଲବର ନୂତନ କମିଟି ଗଠିତ



**କଣିହାଁ,୨୧।୯ (ସମିସ):** କଣିହାଁ ବ୍ଲକ ପବିତ୍ରନଗରସ୍ଥିତ ପବିତ୍ରନଗର କ୍ଲବର ନୂତନ କମିଟି ଗଠିତ ହୋଇଛି। କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଗାମୀ ୨୦୨୫-୨୬ ବର୍ଷ ପାଇଁ କମିଟି ଗଠନ କରିଥିଲେ। ସଭାପତି ଭାବେ ଜିତେନ୍ଦ୍ର କୁମାର ସାହୁ, ଉପସଭାପତି ସୁଶାନ୍ତ କୁମାର ପ୍ରଧାନ, ସମ୍ପାଦକ ଜ୍ଞାନରଞ୍ଜନ ଜ୍ୟୋତିଷ, ସହସମ୍ପାଦକ କାହ୍ନୁଚରଣ ପ୍ରଧାନ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ଭାବେ ହିମେନ୍ଦ୍ର ସାହୁ, ପ୍ରବୀଣ କୁମାର ସାହୁ, ଦୁଷ୍ମନ୍ତ କୁମାର ସାହୁ, ଚନ୍ଦନ କୁମାର ପ୍ରଧାନ, କାହ୍ନୁଚରଣ ସାହୁ, ଅକ୍ଷୟ କୁମାର ସାହୁ, ସିପୁନ କୁମାର ସାହୁ, ସିପୁନ କୁମାର ବିଶ୍ୱାଳ, ସୁବ୍ରତ କୁମାର ବିଶ୍ୱାଳ ପ୍ରମୁଖ ମନୋନୀତ ହୋଇଛନ୍ତି। ଏଥିରେ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ ଓ ମହକ'




**ଅନୁଗୋଳ,୨୧।୯ (ସମିସ):** ଅନୁଗୋଳ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ "ଉତ୍ସାହ ଓ ମହକ' ସ୍ଥାନୀୟ ବ୍ଲାକ ଡାଇମଣ୍ଡ ସଭଗୃହରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଉତ୍କଳ ବାଳାଶ୍ରମ, ଆଦୃତ ଶିଶୁ ସେବା ସଦନ, ଆଠମଲ୍ଲିକ ବାଳାଶ୍ରମ ଏବଂ ନବଜୀବନ କମ୍ୟୁନିଟି ସେଣ୍ଟର ଶିଶୁଯତ୍ନ ଅନୁଷ୍ଠାନର ଶିଶୁମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହାସହ ପରିବାରରେ ଥଇଥାନ କରାଯାଇଥିବା ଶିଶୁମାନେ ପୃଥକ ଭାବେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ଏକ ଉତ୍ତମ ମାଧ୍ୟମ ବୋଲି କହିଥିଲେ। ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚଳିତବର୍ଷ ଶିଶୁଯତ୍ନ ଅନୁଷ୍ଠାନରୁ ଦଶମ ବୋର୍ଡ ପରୀକ୍ଷାରେ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଦୁଇଜଣଙ୍କୁ ଯଶୋଦା ଯୋଜନାରେ ୫ ହଜାର ଟଙ୍କା ଲେଖାଏଁ ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ।

ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ଜିଲ୍ଲା ଶିଶୁମଙ୍ଗଳ କମିଟି ଅଧକ୍ଷ ଦୀପ୍ତିମୟୀ ସାହୁ, କିଶୋର ନ୍ୟାୟବୋର୍ଡ ସଦସ୍ୟ ରଜତ ଦାସ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଚିନ୍ମୟୀ ସାମନ୍ତରାୟ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜଗନ୍ନାଥ ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡିଏସପି ଯୋଗେଶ୍ୱରୀ ବେହେରା, ଲଳିତା ଲାକ୍ରା, ପିଇଓ ଦ୍ରୌପଦୀ ମାର୍ଣ୍ଡି, ଡ. କୁଳମଣି ନାୟକ, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ଗୀତାଞ୍ଜଳି ପ୍ରଧାନ, ଝରଣା ନାୟକ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁମାନେ ଆଗମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ବେହେରା ସୂଚନା ଦେଇଛନ୍ତି। ଜିଲ୍ଲା ଶିଶୁସୁରକ୍ଷା କାର୍ଯ୍ୟାଳୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶରତପାଳ କଲେଜ ଅଧକ୍ଷଙ୍କ ଡକ୍ଟରେଟ ଲାଭ



ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଲବିହାର, ମହୁଲବରାଇ, ସାରସକଣା ଅଧକ୍ଷ ଭାବେ କାର୍ଯ୍ୟରତ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ ରୁ ଶିକ୍ଷା ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼.ସୁଦର୍ଶନ ମିଶ୍ର ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀ ସାହୁଙ୍କ ସନ୍ଦର୍ଭଟି **"KNOWLEDGE BELIEF AND ATTITUDE OF STAKEHOLDERS TOWARDS MOTHER TONGUE BASED MULTILINGUAL EDUCATION : A REGIONAL STUDY FROM ODISHA"**. ହରିୟାଣା ସ୍ଥିତ ଚୌଧୁରୀ ରଣବୀର ସିଂ ବିଶ୍ୱ ବିଦ୍ୟାଳୟ ର ଶିକ୍ଷା ବିଭାଗର Profesor Sandeep Berwal ଏବଂ ମଣିପୁର ବିଶ୍ୱ ବିଦ୍ୟାଳୟର Profesor Keisham Shitaljit Singh (Head Dept . Education)ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି । ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ ମୟୂରଭଞ୍ଜ ଜିଲ୍ଲା ଖେର୍ଣ୍ଣା ଗ୍ରାମର ସ୍ୱର୍ଗତ ବଳରାମ ସାହୁ ଏବଂ ରୁକ୍ମଣି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି । ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ବାରିପଦାର ଆରାଧ୍ୟା ଦେବୀ ମା' ଅମ୍ବିକା ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ପ୍ରଫେସର ଡ଼.ଚଣ୍ଡିପ୍ରସାଦ ନନ୍ଦ (Director Odisha Research Centre, BBSR) ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼.ଶରତ କୁମାର ରାଉତ ନିଜ ପିତାମାତା , ଧର୍ମପତ୍ନୀ ମିନାରାଣୀ ସାହୁ , କନ୍ୟା ଶ୍ରୁତିରେଖା ସାହୁ , ପୁତ୍ର ପ୍ରିତମ କୁମାର ସାହୁ , ସମସ୍ତ ପରିବାର ବର୍ଗ , ସମସ୍ତ ସହକର୍ମୀ ଏବଂ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି ।

## ମହାଳୟା ପାଇଁ ତାଳଚେର ଚଳଚଞ୍ଚଳ

**ତାଳଚେର,୨୧କ।୯ (ସମିସ):** ପିତୃପୁରୁଷଙ୍କ ଆତ୍ମାର ଶାନ୍ତି ଓ ବୈକୁଣ୍ଠପ୍ରାପ୍ତି ଉଦ୍ଦେଶ୍ୟରେ ତାଳଚେର ଅଞ୍ଚଳର ପ୍ରତ୍ୟେକ ପରିବାରରେ ରବିବାର ମହାଳୟା ପାଳନ କରାଯାଇଛି। ସକାଳୁ ପରିବାରର ମୁଖ୍ୟ ପୁରୁଷ ଓ ମହିଳା ଶୁଦ୍ଧପୁତ ହୋଇ ପୁରୋଧାମାନଙ୍କ ଦ୍ୱାରା କଦଳୀପତ୍ର, ଶାଳପତ୍ର, ଧୂପଦୀପ, ଫୁଲ ଓ ଅରୁଆ ଚାଉଳ ଇତ୍ୟାଦି ରଖି ପିଣ୍ଡଦାନ କରିଥିଲେ। ଶ୍ରାଦ୍ଧ କିପରି ପାଳନ କରାଯାଏ ସେ ଉପରେ ଅନେକଙ୍କ ଅଭିଜ୍ଞତା ନ ଥିଲେ ମଧ୍ୟ ପରିବାରର ବରିଷ୍ଠ ସଦସ୍ୟ ବ୍ରାହ୍ମଣଙ୍କ ସହାୟତାରେ ବିଭିନ୍ନ ବିଧିବିଧାନ ଅନୁସାରେ ପିଣ୍ଡଦାନ କରିଥିଲେ।

# ସହିଦ ବିକା ନାଏକଙ୍କ ୮୮ତମ ବଳିଦାନ ଦିବସ ପାଳିତ

ଅନୁଗୋଳ,୨୧।୯ (ସମିସ):



ଓଡ଼ିଶା ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରଥମ ସହିଦ ବିକା ନାଏକଙ୍କ ୮୮ତମ ବଳିଦାନ ଦିବସ ଅନୁଗୋଳ ଜିଲ୍ଲା ପରିଷଦ ସଭାଗୃହରେ ପାଳିତ ହୋଇଛି। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ଧରଣୀଧର ନାଥ ଯୋଗଦେଇ ସହିଦ ବିକା ନାଏକଙ୍କ ତ୍ୟାଗ, ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନ ଓ ଅଧୁନା ତାଙ୍କପ୍ରତି ହୋଇଥିବା ଅନ୍ୟାୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନପୂର୍ବକ ତାଙ୍କ ନାମରେ ପୂର୍ବରୁ ଥିବା ବିଦ୍ୟାଳୟକୁ ପୁନଃ ନାମିତ କରିବା ସହ ଜିଲ୍ଲା ତଥା ରାଜ୍ୟ ସ୍ତରରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଇତିହାସରେ ତାଙ୍କ ନାମ ସ୍ଥାନିତ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ବରିଷ୍ଠ ଆଇନଜୀବୀ ତଥା ଆବାହକ ତପନ କୁମାର ଦେହୁରୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଲେଖକ ଦୀନେଶ କୁମାର ମାଳି, ବାଜି ରାଉତ ଛାତ୍ରାବାସର ସାଧାରଣ ସମ୍ପାଦକ ଇଂ ଧନେଶ୍ୱର ସାହୁ, ନାଟ୍ୟକାର କୁଳମଣି ବେହେରା, ସହିଦ ବିକା ନାଏକଙ୍କ ନାତି ଆର୍ତ୍ତତ୍ରାଣ ନାଏକ, ସହିଦଙ୍କ ଗ୍ରାମ ଚନ୍ଦ୍ରବିଲର ସଭାପତି ସିପୁନ୍ କୁମାର ବେହେରା, ପ୍ରସନ୍ନ ବରାଳ, ମୁଖ୍ୟବକ୍ତା ଭାବେ ଚିତ୍ତରଞ୍ଜନ ଗୌତମ ଯୋଗଦେଇଥିଲେ। ଆଗାମୀ ଦିନରେ ସହିଦ୍ ବିକା ନାଏକଙ୍କୁ କିପରି ଉପଯୁକ୍ତ ସମ୍ମାନ ଦିଆଯାଇ ପାରିବ ସେ ସମ୍ପର୍କରେ ଅତିଥିମାନେ ଉଲ୍ଲେଖ କରିଥିଲେ। ଏହି ଅବସରରେ ସହିଦ ବିକା ନାଏକଙ୍କ ଉପରେ କୁଳମଣି ବେହେରାଙ୍କ ରଚିତ ନାଟକ "ସହିଦ ବିକା', ଦୀନେଶ କୁମାର ମାଳିଙ୍କ ଦ୍ୱାରା ରଚିତ ଉପନ୍ୟାସ "ସହିଦ ବିକା ନାଏକ କି ଖୋଜ୍' ଓ ମନ୍ତବ୍ୟ ପତ୍ରିକା ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ସହିଦ ବିକା ନାଏକଙ୍କ ଉପରେ ରଚିତ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ସହିଦ ବିକା ନାଏକ ସ୍ମୃତି ପରିଷଦ ସଂଯୋଜକ ପ୍ରଦ୍ୟୁମ୍ନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଆଇନଜୀବୀ ପୁରନ୍ଦର ପ୍ରଧାନ, ଶିବରାମ ଦେହୁରୀ, ସଞ୍ଜୟ କୁମାର ଦେହୁରୀ, ସମାଜସେବୀ କୁମୁଦ ଚନ୍ଦ୍ର ନାଏକ, ଅଶୋକ ନାଏକ, ଟଙ୍କଧର ବେହେରା, ସମୀର ନାଏକ, ବିକଳ ନାଏକ, ମହେଶ୍ୱର ନାଏକ, ତାପସ ନାଏକ, ଅକ୍ଷୟ ବେହେରା, ବିନୟ ସେନ, ଯଶକେତନ ନାଏକ, କାର୍ତ୍ତିକ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ● ହତ୍ୟା ଅଭିଯୋଗ ଆଣିଲେ ପରିବାର



ଢେଙ୍କାନାଳ/ପରଜଙ୍ଗ,୨୧।୯(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବାରିହାପୁର ଗ୍ରାମରେ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଗାଁର ଶ୍ରୀକାନ୍ତ ବାରିକଙ୍କ ସ୍ତ୍ରୀ ଅନିତା ବାରିକ। ତେବେ ଯୌତୁକ ପାଇଁ ଅନିତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦେବାକୁ ମୃତଦେହ ଝୁଲାଇ ଦିଆଯାଇଥିବା ତାଙ୍କ ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଅନିତା ୮ ମାସ ତଳେ ଶ୍ରୀକାନ୍ତଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଯୌତୁକ ପାଇଁ ତାଙ୍କୁ ସ୍ୱାମୀ ଏବଂ ଶାଶୂଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ସ୍ୱାମୀ ଶ୍ରୀକାନ୍ତ ଏବଂ ତାଙ୍କ ପରିବାର ଲୋକେ ମିଶି ଅନିତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ଶ୍ରୀକାନ୍ତଙ୍କୁ ଅଟକ ରଖି ପୁଲିସ ତଦନ୍ତ ଆରମ୍ଭ କରିଛି।

# ଅହମଦିୟା ମହିଳା ସଂଗଠନ ପକ୍ଷରୁ ଶିଶୁ ଓ ବରିଷ୍ଠ ନାଗରିକଙ୍କ ସେବା



ଢେଙ୍କାନାଳ,୨୧।୯(ସମିସ): ଆନ୍ତର୍ଜାତିକ ଶାନ୍ତି ଦିବସ ଅବସରରେ ଅହମଦିୟା ମୁସଲିମ ମହିଳା ସଂଗଠନ ଲଜନା ଇମାଇଲ୍ଲାହ କରଡ଼ାପଲ୍ଲୀ, ତିଗିରିଆ ପକ୍ଷରୁ ସମାଜସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଭାନେତ୍ରୀ ନରଗିସ ବାନୋଙ୍କ ନେତୃତ୍ୱରେ ସଭ୍ୟାମାନେ ଗୋବିନ୍ଦପୁର ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ସଞ୍ଚାଳିତ ଶିଶୁଯତ୍ନ ଅନୁଷ୍ଠାନ ଏବଂ ବରିଷ୍ଠ ନାଗରିକ ଗୃହରେ ୩୦୦ ପ୍ୟାକେଟ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅହମଦିୟା ମୁସଲିମ ସମ୍ପ୍ରଦାୟ ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାରୀ ମୌଲବୀ ଶେଖ ଇସହାକ, ତିଗିରିଆ ଯୁବ ସଂଗଠନ ଅଧ୍ୟକ୍ଷ ସରାଫତ ଅଲ୍ଲୀ, ମହମ୍ମଦ ସଫାକତ ପ୍ରମୁଖ ଯୋଗଦେଇଥିଲେ। ଲଜନା ସଂଗଠନର ସଭାନେତ୍ରୀ ନରଗିସ ବାନୋ କହିଥିଲେ, ଦୀନଦରିଦ୍ର ଓ ଅସହାୟଙ୍କୁ ସେବା କରିବା ହିଁ ପରମ ପୁଣ୍ୟ। ପ୍ରତ୍ୟେକ ଦାନରେ ଆମେ ଆଲ୍ଲାହଙ୍କ ସନ୍ତୋଷ ଓ ମାନବତାର କଲ୍ୟାଣକୁ ଲକ୍ଷ୍ୟ କରୁଛୁ। ସୂଚନାଯୋଗ୍ୟ, ଅହମଦିୟା ମୁସଲିମ ସମ୍ପ୍ରଦାୟ ସମଗ୍ର ବିଶ୍ୱର ୨୦୦ରୁ ଅଧିକ ଦେଶରେ 'ପ୍ରେମ ସଭିଙ୍କ ପାଇଁ, ଘୃଣା କାହା ପ୍ରତି ନାହିଁ' ଆଦର୍ଶକୁ ପାଥେୟ କରି ନିରନ୍ତର କାର୍ଯ୍ୟ କରୁଛି।

# ଅଭିନୟ ଟାଲେଣ୍ଟ ସୋ'



ଢେଙ୍କାନାଳ,୨୧।୯(ସମିସ): ସ୍ଥାନୀୟ ଜିଲ୍ଲା ଲେଖକ ସଂସଦ ଭବନରେ ଢେଙ୍କାନାଳର ଅଭିନୟ ଫାଉଣ୍ଡେସନ ନୃତ୍ୟ ଅନୁଷ୍ଠାନ ତରଫରୁ ଅଭିନୟ ଟାଲେଣ୍ଟ ସୋ' ଅନୁଷ୍ଠିତ ହୋଇଛି। ଏଥିରେ ବରିଷ୍ଠ ନାଟ୍ୟକାର ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ସମାଜସେବୀ ତଥା ପରିଷଦର କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏ ଅବସରରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, ତର୍କ ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ଶିଳ୍ପୀ ପଟ୍ଟନାୟକଙ୍କ ସମେତ ନୀହାରିକା ମିଶ୍ର, କାବେରୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ନୃତ୍ୟଗୁରୁ ସୁଚିସ୍ମିତା ମାନା, ସମ୍ପାଦିକା ରଶ୍ମିତା ପଟେଲ, ନୃତ୍ୟଗୁରୁ ଆଲୋକ ରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ନିର୍ଦ୍ଧାରିତ ସମୟ ପୂର୍ବରୁ ଇଏସ୍ଆଇ ହସ୍ପିଟାଲରେ ତାଲା




ସେବା ନ ପାଇ କର୍ମଚାରୀ ନିରାଶ

ହିନ୍ଦୋଳ,୨୧।୯(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗାସ୍ଥିତ ଇଏସଆଇ ହସ୍ପିଟାଲରେ ନିର୍ଦ୍ଧାରିତ ସମୟ ପୂର୍ବରୁ ତାଲା ପଡୁଥିବାରୁ କର୍ମଚାରୀମାନେ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ଏହି ହସ୍ପିଟାଲର ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ଟାଟାଷ୍ଟିଲ, ରୁଙ୍ଗଟା ଇସ୍ପାତ, ଜିଏମଆର, ନବଭାରତ ଭଳି ପ୍ରାୟ ୧୦ଟି କାରଖାନା ରହିଛି। ଏହି କାରଖାନାର କର୍ମଚାରୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସ୍ଥାପିତ ଏହି ହସ୍ପିଟାଲର କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁଁ କର୍ମଚାରୀମାନଙ୍କୁ ସେବା ମିଳିପାରୁନାହିଁ। ଏ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

## ଜୀବିକା ପାଇଁ ଇନ୍ଦିପୁର କଂସାବାସନ ଶିଳ୍ପ କାରିଗରଙ୍କ ସଂଘର୍ଷ

# ଉଜୁଡ଼ିବାକୁ ବସିଛି ଦୁଇଶହ ବର୍ଷର କୌଳିକ ବୃତ୍ତି



ଢେଙ୍କାନାଳ,୨୧।୯(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମ କଂସାବାସନ ଶିଳ୍ପରେ ସମଗ୍ର ରାଜ୍ୟରେ ସୁନାମ ଅର୍ଜନ କରିଛି। ଗାଁରେ ନିର୍ମାଣ କରାଯାଉଥିବା କଂସା ବାସନର ସ୍ୱତନ୍ତ୍ରତା ଓ ଚାହିଦା ରହିଥିବା ବେଳେ ଏଠାକାର କଂସା ବେଲାର ଚାହିଦା ସବୁଠାରୁ ଅଧିକ। ଗ୍ରାମର ପୁରୁଷ ଓ ମହିଳା କାରିଗରମାନେ ପ୍ରାୟ ୨ ଶହ ବର୍ଷ ଧରି କଂସା ସାମଗ୍ରୀ ନିର୍ମାଣ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ତେବେ ଆଧୁନିକ ଯୁଗରେ କଂସା ବାସନର ଚାହିଦା କ୍ରମାଗତ ହ୍ରାସ ପାଇବାରୁ କାରିଗରମାନେ ବଞ୍ଚିବା ପାଇଁ ଏବେ ସଂଘର୍ଷ ଚଳାଇଛନ୍ତି।

ଏକଦା ଆମ ସାମାଜିକ ଜନଜୀବନ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲା କଂସା ବାସନ। କି ଧନୀ, କି ଗରିବ, ରାଜାଠାରୁ ଗରିବ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ କଂସା ବାସନର ବହୁଳ ବ୍ୟବହାର ହେଉଥିଲା। ଝିଅଟିଏ ଶାଶୂ ଘରକୁ ଗଲେ ଅନ୍ୟ ସାମଗ୍ରୀ ସହ କଂସା ବାସନ ନିଶ୍ଚିତ ଯାଉଥିଲା। ପ୍ରତ୍ୟେକ ଘରେ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଭାବେ କଂସା ବାସନ ଓ ପିତ୍ତଳ ବାସନର ଚାହିଦା ସବୁଠାରୁ ଅଧିକ ଥିଲା। ଏମିତିକି ଆର୍ଥିକ ଅଭାବ ପଡ଼ିଲେ ଅନେକ ଗରିବ ଲୋକ ନିଜ କଂସା ବାସନକୁ ବିକି କିମ୍ବା ବନ୍ଧକ ଦେଇ ସାମୟିକ ଭାବେ ସମସ୍ୟା ଦୂର କରିପାରୁଥିଲେ। ତେଣୁ ଏହି କଂସା ବାସନର ଚାହିଦା ପୂରଣ ପାଇଁ ବହୁ ପ୍ରାଚୀନ କାଳରୁ ଅନେକ ସ୍ଥାନରେ କଂସାରି ସମ୍ପ୍ରଦାୟର ଲୋକେ ଏହାକୁ ପାରମ୍ପରିକ ଭାବେ ତିଆରି କରି ବିକ୍ରି କରୁଥିଲେ। ଏଗୁଡ଼ିକର ଓଜନ, ମାନ ଆଉ ଶୈଳୀକୁ ନେଇ ଓଡ଼ିଶାର ବିଭିନ୍ନ ଗାଁ ପ୍ରସିଦ୍ଧି ଲାଭ କରିଛନ୍ତି। କଂସା ବାସନର ଏଇ ପାରମ୍ପରିକ ଶୈଳୀକୁ ନେଇ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରର ଗାଁର ସୁନାମ ରହିଛି। ଏଠାରେ ନିର୍ମାଣ କରାଯାଉଥିବା କଂସା ବାସନର ସ୍ୱତନ୍ତ୍ରତା ଓ ଚାହିଦା ରହିଛି। ଏହି ଗାଁରେ ତିଆରି ହେଉଥିବା ବେଲାକୁ ପେଟଫୁଲା ବେଲା ବୋଲି କୁହାଯାଏ। ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ନିର୍ମିତ କଂସା ବେଲା ଅପେକ୍ଷା ଇନ୍ଦିପୁରର ଫେଟଫୁଲା ବେଲାକୁ ଲୋକେ ଅଧିକ ପସନ୍ଦ କରନ୍ତି। ଦୀର୍ଘ ୨ଶହ ବର୍ଷରୁ ଅଧିକ କାଳ ଧରି ଇନ୍ଦିପୁର ଗାଁର କାରିଗରମାନେ ନିଜ କୌଳିକ ବେଉସା ଭାବେ ଏହାକୁ ଗ୍ରହଣ କରିଆସିଛନ୍ତି। ଏବେ କିନ୍ତୁ ଧୀରେ ଧୀରେ ଏଠାରେ ଏହାର ଅବକ୍ଷୟ ଘଟିଲାଣି। ଏକଦା ଏହି ଗାଁରେ ଶହ ଶହ କଂସାରି ପରିବାର ଏହି ହେଉସାରୁ ଗୁଜୁରାଣ ମେଣ୍ଟାଉଥିଲେ। ଏବେ ଏହା କମି କମି ମାତ୍ର ୩୦/୪୦ ପରିବାର ଏହି ଶିଳ୍ପକଳା ସହିତ ଜଡ଼ିତ ଅଛନ୍ତି। ଆବଶ୍ୟକ ଉପାଦାନର ଅହେତୁକ ମୂଲ୍ୟବୃଦ୍ଧି ସାଙ୍ଗକୁ ଯୁବପିଢ଼ିର ଅନାଗ୍ରହ ଯୋଗୁଁ କଂସା ବାସନ ନିର୍ମାଣ କମିଯାଉଛି।

ଏହି ବାସନ ନିର୍ମାଣ ଏକ ସ୍ୱତନ୍ତ୍ର ତଥା କଷ୍ଟସାଧ୍ୟ କଳା। ପରିଶ୍ରମ ତୁଳନାରେ ଆୟ ଯଥେଷ୍ଟ ହେଉ ନ ଥିବାରୁ କାରିଗରମାନେ ଏଥିପ୍ରତି ବିତସ୍ପୃହ ହୋଇ ପଡୁଛନ୍ତି। ଅନ୍ୟପଟେ ଷ୍ଟିଲ, ଫାଇବର ପରି ଶସ୍ତା ଓ ହାଲୁକା ଜିନିଷଗୁଡ଼ିକର ବଜାର ପ୍ରବେଶ ଯୋଗୁଁ ମଧ୍ୟ କଂସା ବାସନର ଚାହିଦା କମିଯାଉଥିବା ଗ୍ରାମର ଅନେକ କାରିଗର ଓ ବ୍ୟବସାୟୀ ପ୍ରକାଶ କରିଛନ୍ତି। ଏବେ ଅବଶ୍ୟ ପୁଣି ଲୋକଙ୍କ ମଧ୍ୟରେ ପାରମ୍ପରିକ କଂସା ବାସନ ପ୍ରତି ଆଗ୍ରହ ବଢୁଥିବା ବେଳେ ନିପୁଣ କାରିଗରଙ୍କ ସଂଖ୍ୟା କମିଗଲାଣି ବୋଲି ଅନ୍ୟଜଣେ କାରିଗର ଦୁଃଖର ସହିତ ମତ ଦେଇଛନ୍ତି। ଇନ୍ଦିପୁରର ଏହି କଂସା ଶିଳ୍ପ ଢେଙ୍କାନାଳ ଜିଲ୍ଲାକୁ ସମଗ୍ର ରାଜ୍ୟରେ ଏକଦା ପରିଚୟ ଦେଇଥିଲା। ଏବେ କ୍ରମଶଃ ତାହା ଲୁପ୍ତ ହେବାକୁ ବସିଲାଣି। ଜିଲ୍ଲାର ଗୌରବ ଓ ଏହି ଭିନ୍ନ ଐତିହ୍ୟ ସମ୍ପର୍କରେ ତଥ୍ୟ ଆହରଣ ନିମନ୍ତେ ଇନ୍ଦିପୁର ଗ୍ରାମରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୨୯ତମ ସଂସ୍କରଣ ଅନୁଷ୍ଠିତ ହୋଇଛି। ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଏତିହ୍ୟ ପଦଯାତ୍ରୀମାନେ ଇନ୍ଦିପୁରର ପ୍ରାୟ ୧୦ଟି ଶାଳ ପରିଦର୍ଶନ କରି କଂସା ବାସନ ନିର୍ମାଣଶୈଳୀ ଦେଖିବା ସହ କାରିଗରମାନଙ୍କ ସହିତ ଭାବବିନିମୟ କରିଥିଲେ। ଏହାସହ ଗ୍ରାମରେ ଥିବା ଏକାଧିକ କଂସା ପିତ୍ତଳ ଗୋଦାମ ଏବଂ ବିକ୍ରୟ କେନ୍ଦ୍ର ବୁଲି ଦେଖିଥିଲେ। ସରକାରୀ ସ୍ତରରେ ଯଥେଷ୍ଟ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲ୍ଲାର ଏହି ସ୍ୱତନ୍ତ୍ର ଐତିହ୍ୟ ଦିନେ ଲୋପ ପାଇଯିବ ବୋଲି ପଦଯାତ୍ରୀମାନେ ଅନୁଭବ କରିଥିଲେ। ପଦଯାତ୍ରୀଙ୍କ ମଧ୍ୟରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ ପଟ୍ଟନାୟକ, ରମେଶ ପତି, ବଦ୍ରିନାଥ ଜେନା, ସ୍ୱର୍ଣ୍ଣପ୍ରଭା ସେଠୀ, ଜନ୍ମେଜୟ ରାଉତ, ସାରନାଥ ମିଶ୍ର, ପଦ୍ମନାଭ ଲେଙ୍କା, ଅକ୍ଷୟ କୁମାର ଦାଶ, ହୃଦାନନ୍ଦ ବେହେରା, ଆଦିତ୍ୟ ମିଶ୍ର, ଜ୍ଞାନରଞ୍ଜନ ସାହୁ, ଭୁବନେଶ୍ୱରରୁ ଆସିଥିବା ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ମହାପାତ୍ର, ମୋନାଲିସା ତ୍ରିପାଠୀ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୫ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପୂର୍ବତନ ଇନ୍ଦିପୁର ସରପଞ୍ଚ ରାଜକିଶୋର ସାହୁ ପଦଯାତ୍ରା ପରିଚାଳନା କରିଥିଲେ।

# ଇଫୁନା ଓ ଉଫୁନା ପକ୍ଷରୁ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ



ଢେଙ୍କାନାଳ,୨୧।୯(ସମିସ): ସ୍ଥାନୀୟ ଏକ ହୋଟେଲ କନ୍‌ଫରେନ୍ସ ହଲରେ ଇଣ୍ଡିଆନ ଫେଡେରେସନ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନ (ଇଫୁନା) ଓ ଉତ୍କଳ ଫେଡେରେସନ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନ (ଉଫୁନା) ପକ୍ଷରୁ ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ ହୋଇଛି। ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡରେସନ ଅଫ ୟୁନାଇଟେଡ ନେସନ୍ସ ଆସୋସିଏସନ ଭାଇସ ଚେୟାରମ୍ୟାନ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ। ଇଫୁନାର ଜାତୀୟ ଉପସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ବିଶିଷ୍ଟ ଅତିଥି ଭାବେ ପରିବେଶବିତ ଉପେନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ସମାଜବାଦୀ ନେତା ସରୋଜ ଶତପଥୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମ୍ପାଦକ ବସନ୍ତ କୁମାର ବିଶ୍ୱାଳ, ଶିକ୍ଷାବିତ୍ ବାହାଦୁର ପାଟସାହାଣୀ, ୟୁନେସ୍କୋର ଆଜୀବନ ସଦସ୍ୟ ତଥା ଉଫୁନାର ମିଡିଆ ପ୍ରଭାରୀ ଡ. ଦେବୀପ୍ରସାଦ ମିଶ୍ର, ସମାଜସେବୀ ସରୋଜ ଶତପଥୀ, ସାମରିକ କର୍ମୀ ବିପିନ ବିହାରୀ ବେହେରା, ଲକ୍ଷ୍ମୀଧର ଶତପଥୀ, ତରୁଣ କୁମାର ବିଶ୍ୱାଳ, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ପ୍ରେମାନନ୍ଦ ଶତପଥୀ, ବିନୟ କୁମାର ସାହୁ, କର୍ମଚାରୀ ନେତା ଗୋକୁଳ ଚନ୍ଦ୍ର ପଣ୍ଡା, ଇଂ. ଯୁଧିଷ୍ଠିର ସାହୁ, ଡ. ମାନସୀ କର, ଡ. ଅନୁପମା ମିଶ୍ର ପ୍ରମୁଖ ଯୋଗଦେଇ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଦେଶ ଦେଶ ମଧ୍ୟରେ ଶାନ୍ତି ବିରାଜମାନ କଲେ ରାଷ୍ଟ୍ରଗୁଡ଼ିକର ବିକାଶ ସମ୍ଭବ ବୋଲି କହିଥିଲେ। ସମାଜସେବୀ ବିନୟ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ବାହାଦୁର ପାଟସାହାଣୀ, ଗୋଲକ ବିହାରୀ ନାୟକ, ଡ. ଦେବୀପ୍ରସାଦ ମିଶ୍ର, ଡ. ମାନସୀ କର, ସୁକାନ୍ତି ସାହୁ, ଡ. ଅନୁପମା ମିଶ୍ର, ଡ. କବିତା ମହାନ୍ତି, ମମତା ମିଶ୍ର, ମୈତ୍ରେୟୀ ଶୁଭଦା, ଡ. ପ୍ରମୋଦ ପରିଡ଼ା, ଦେବପ୍ରସାଦ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଡ. ଦେବୀପ୍ରସାଦ ମିଶ୍ର ଅନ୍ତର୍ଜାତୀୟ ଶାନ୍ତି ଦିବସ-୨୦୨୫ ପାଇଁ ଦୁଇଟି ଇଂରାଜୀ ଓ ଗୋଟିଏ ଓଡ଼ିଆ ସନେଟ ପାଠ କରିଥିଲେ।

## ହିନ୍ଦୋଳରେ ଶିକ୍ଷାର ବିକଳ ଚିତ୍ର

# ଦୁଇଜଣ ଶିକ୍ଷକରେ ଚାଲିଛି ହାଇସ୍କୁଲ



ଖଜୁରିଆକଟା,୨୧।୯(ସମିସ): ଶିକ୍ଷାର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ଏବେ ହିନ୍ଦୋଳର ଅନେକ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ଦେଖିବାକୁ ମିଳୁଛି। ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତର ଏକମାତ୍ର ସିଦ୍ଧେଶ୍ୱର ହାଇସ୍କୁଲରେ ନବମ ଏବଂ ଦଶମ ଶ୍ରେଣୀରେ ମୋଟ ୮୯ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅଛନ୍ତି ମାତ୍ର ଦୁଇଜଣ ଶିକ୍ଷକ ଏବଂ ଜଣେ ହିନ୍ଦୀ ଶିକ୍ଷକ। ଏହି ସ୍କୁଲକୁ ପୂର୍ବ ସରକାର ବିଦ୍ୟାଳୟ ରୂପାନ୍ତରୀକରଣରେ ସାମିଲ କରି ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ଲାବୋରେଟରୀ ନିର୍ମାଣ ସହ ଖେଳପଡ଼ିଆ ଉନ୍ନତିକରଣ ଆଦି କାର୍ଯ୍ୟ କରି ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି ସହ ପାଠ ପଢ଼ିବା ପାଇଁ ଏକ ଉନ୍ନତ ପରିବେଶ ସୃଷ୍ଟି କରିଛନ୍ତି। ସମସ୍ତ ସୁବିଧା ଉପଲବ୍ଧ ଥାଇ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀ ହୀସ୍ତା ହେଉଛନ୍ତି। ହାଇସ୍କୁଲ ପାଠ୍ୟକ୍ରମରେ ସାମିଲ ୮ଟି ବିଭାଗ ପାଇଁ ମାତ୍ର ୩ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ସଂସ୍କୃତ ପାଠ୍ୟକ୍ରମର ଏକ ବିଷୟ ବୋଲି ଭୁଲିଗଲେଣି। କାରଣ ଦୀର୍ଘବର୍ଷ ହେଲା ଏଠାରେ ସଂସ୍କୃତ ଶିକ୍ଷକ ନାହାନ୍ତି। ପୁଣି ଏଠାରେ ଦୀର୍ଘବର୍ଷ ହେବ ଖେଳ ଶିକ୍ଷକ ମଧ୍ୟ ନାହାନ୍ତି। ଭଗବାନ ଭରସାରେ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଛନ୍ତି। ଶିକ୍ଷାର ଏ ବିକଳ ଓ ନଗ୍ନଚିତ୍ର ହିନ୍ଦୋଳର ବହୁ ବିଦ୍ୟାଳୟରେ ଦେଖିବାକୁ ମିଳୁଛି। ତୁରନ୍ତ ଶିକ୍ଷକ ପଦବୀ ପୂରଣ କରି ଶିକ୍ଷାଦାନକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଭାବକ ତଥା ବୁଦ୍ଧିଜୀବୀ ଦାବି କରିଛନ୍ତି।

ଭିତ୍ତିଭୂମି ଥାଇ ହୀନସ୍ତା ହେଉଛନ୍ତି ଛାତ୍ରଛାତ୍ରୀ

## ପାଖେଇ ଆସିଲାଣି ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା

# ପଲ୍ଲିଶ୍ରୀ ମେଳାରେ ୨ ଶହ ଷ୍ଟଲ ନିର୍ମାଣ ହେବ



ଢେଙ୍କାନାଳ,୨୧।୯(ସମିସ): ପାଖେଇ ଆସିଲାଣି ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା। ପୂଜା ଅବସରରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ନିମନ୍ତେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପଲ୍ଲିଶ୍ରୀ ମେଳା ସୁରୁଖୁରୁରେ ଆୟୋଜନ ନେଇ ଜିଲ୍ଲାପାଳ ପାଟିଲ ସମ୍ପୃକ୍ତ ବିଭାଗର ସହଯୋଗ କାମନା କରିଥିଲେ। ଏ ବର୍ଷ ପଲ୍ଲିଶ୍ରୀ ମେଳା ମହିଷାପାଟସ୍ଥିତ ପଡ଼ିଆରେ ଅକ୍ଟୋବର ୮ରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମେଳା ପ୍ରତ୍ୟେକ ଦିନ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ମେଳାରେ ୩୦ ଜିଲ୍ଲାର ବ୍ୟବସାୟୀଙ୍କ ସମେତ ବାହାର ରାଜ୍ୟର ବ୍ୟବସାୟୀ ସାମିଲ ହେବେ। ବ୍ୟବସାୟୀଙ୍କ ପାଇଁ ମୋଟ ୨୦୦ ଷ୍ଟଲ ନିର୍ମାଣ କରାଯିବ। ସୁରକ୍ଷା ଦୃଷ୍ଟିକୋଣରୁ ଏହାର ବୀମା ମଧ୍ୟ କରାଯାଉଛି। ଏଥିସହ ଲୋକଙ୍କ ସୁବିଧା ପାଇଁ ଅସ୍ଥାୟୀ ଶୌଚାଳୟ, ମୁଦ୍ରା ଉଠାଣ କେନ୍ଦ୍ର, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ପାନୀୟ ଜଳ ବନ୍ଦୋବସ୍ତ କରାଯିବ। ଲୋକେ ଏଥର ଖାଦ୍ୟ ଷ୍ଟଲରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସହ ରାଜ୍ୟ ବାହାର ଖାଦ୍ୟର ମଜା ନେଇପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର, ଆଇଏଏସ ପ୍ରୋବେସନର ଭଗତ ସାମଲ କଲ୍ୟାଣ ରାଓ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ଜିଲ୍ଲାପରିଷଦର ଅତିରିକ୍ତ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଆଶିଷ ରଞ୍ଜନ ସାହୁଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

# ବାଙ୍ଗୁରସିଂହ ଗ୍ରାମ ରାସ୍ତା ଅବସ୍ଥା ଶୋଚନୀୟ

ଖଜୁରିଆକଟା,୨୧।୯(ସମିସ)



ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ ଗ୍ରାମ ରାସ୍ତାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ପାଣି କାଦୁଅରେ ଭର୍ତ୍ତିହୋଇ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାୟ ଏକ କିଲୋମିଟର ଲମ୍ବ ଏହି ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ଯୋଜନାରେ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଗ୍ରାମବାସୀ ବର୍ଷସାରା ପାଣି କାଦୁଅରେ ଯିବା ଆସିବା କରିବାକୁ ବାଧ ହେଉଛନ୍ତି। ରାସ୍ତା ନିର୍ମାଣ ସମୟରେ ସୂଚନା ଫଳକରେ ରାସ୍ତା ସହିତ ଡ୍ରେନ ନିର୍ମାଣ ଉଲ୍ଲେଖ ଥିବା ବେଳେ ଡ୍ରେନ ନିର୍ମାଣ କରାଯାଇ ନ ଥିବା ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତା ଶୀଘ୍ର ନଷ୍ଟ ହୋଇଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ବାଙ୍ଗୁରସିଂହ ପଞ୍ଚାୟତ ଓଡ଼ାପଡ଼ା ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ପ୍ରବେଶପଥରେ ରହିଛି। ଓଡ଼ାପଡ଼ା ବ୍ଲକଠାରୁ ଦୁଇ କିଲୋମିଟର ଦୂରରେ ମୁଖ୍ୟ ଗ୍ରାମ ଥିବା ବେଳେ ବ୍ଲକର ପୂର୍ବ ଦିଗରେ ନୂଆ ବାଙ୍ଗୁରସିଂହ ଗ୍ରାମ ଅବସ୍ଥିତ। ଏହି ଗ୍ରାମର ଲୋକମାନେ ସବୁବେଳେ ସରପଞ୍ଚ ଓ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି। ପଞ୍ଚାୟତର ମୁଖ୍ୟ ଗ୍ରାମ ହିସାବରେ ପଞ୍ଚାୟତର ସିଂହଭାଗ ଅର୍ଥ ବାଙ୍ଗୁରସିଂହ ଗ୍ରାମରେ ଖର୍ଚ୍ଚ ହେଉଛି। ଗ୍ରାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଉନ୍ନୟନ କାର୍ଯ୍ୟର କୌଣସି ଚିହ୍ନ ଦେଖିବାକୁ ମିଳେ ନାହିଁ। ସୂଚନା ଅଧିକାର ଆଇନ ବଳରେ ଓଡ଼ାପଡ଼ା ବ୍ଲକ ପ୍ରଶାସନ ତଥ୍ୟ ଦେଉ ନ ଥିବାରୁ ଦୁର୍ନୀତି ଜାଣିବା ମଧ୍ୟ ସମ୍ଭବ ହେଉନାହିଁ। ଉନ୍ନୟନ କାର୍ଯ୍ୟରେ ବଡ଼ ଦୁର୍ନୀତି ହେଉଥିବାରୁ ଲୋକେ ସରକାରୀ ଯୋଜନାର ସୁଫଳ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ଜନ ପ୍ରତିନିଧିମାନେ ଠିକାଦାରି କରୁଥିବାରୁ ସେମାନଙ୍କୁ ବିରୋଧ କରିବା ପାଇଁ କେହି ସାହସ କରୁନାହାନ୍ତି। ଉନ୍ନୟନ ନାମରେ କୋଟି କୋଟି ଟଙ୍କା ହରିଲୁଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଓଡ଼ାପଡ଼ା ବ୍ଲକ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ରାସ୍ତା ସହ ଡ୍ରେନ ରହୁଛି। କିନ୍ତୁ ଆବଶ୍ୟକ ଜମି ନ ଥିଲେ ଡ୍ରେନ ନିର୍ମାଣ ହୋଇପାରୁ ନ ଥିବା ସେ କହିଛନ୍ତି। ଅନ୍ୟପଟେ ଅଳ୍ପ କିଛି ରାସ୍ତା ଛାଡ଼ିଦେଲେ ପ୍ରାୟ ସବୁ ରାସ୍ତା କଡ଼ରେ ଡ୍ରେନ ନିର୍ମାଣ ପାଇଁ ଆବଶ୍ୟକ ଜମି ରହିଥିଲେ ମଧ୍ୟ କୌଣସି ରାସ୍ତା କଡ଼ରେ ଡ୍ରେନ ନିର୍ମାଣ କରାଯାଇ ନ ଥିବା ଦେଖିବାକୁ ମିଳିଛି। ଫଳରେ ନିମ୍ନମାନର ରାସ୍ତା ଉପରେ ପାଣି ଜମି ରାସ୍ତା ନଷ୍ଟ ହେଉଥିବା ଜଣାପଡ଼ିଛି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ହିନ୍ଦୀ ପକ୍ଷ ଉଦଯାପନୀ ଦିବସ ସମାରୋହ



ଢେଙ୍କାନାଳ,୨୧।୯(ସମିସ): ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍ ପରିସରରେ ଓଡ଼ିଶା ହିନ୍ଦୀ ଶିକ୍ଷକ ସଂଘ ଶାଖା ପକ୍ଷରୁ ହିନ୍ଦୀ ପକ୍ଷ ଉଦ୍‌ଯାପିତ ହୋଇଛି। ବରିଷ୍ଠ ହିନ୍ଦୀ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ହିନ୍ଦୀ ଶିକ୍ଷକ ସତ୍ୟବ୍ରତ ପଣ୍ଡା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତିଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ପାଠ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ ଯୋଗଦେଇ ହିନ୍ଦୀ ଭାଷାରେ ଅଭିଭାଷଣ ରଖିଥିଲେ। ହିନ୍ଦୀ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ପାଇଁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କମଳିନୀ ପାଣିଗ୍ରାହୀ ଯୋଗଦେଇ ପ୍ରାଥମିକ ସ୍ତରରୁ ପିଲାମାନଙ୍କୁ ହିନ୍ଦୀ ଶିକ୍ଷା ଦିଆଯିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥାନର ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ସତ୍ୟନାରାୟଣ ପଣ୍ଡା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଯୋଗଦେଇ ଢେଙ୍କାନାଳ ମାଟିର ସମର କବି ବ୍ରଜନାଥ ବଡ଼ଜେନା ହିନ୍ଦୀ ଭାଷାରେ ଉନ୍ନତ ସାହିତ୍ୟ ସୃଷ୍ଟି କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। ଉଚ୍ଚ ବିଦ୍ୟାଳୟ ସ୍ତରରେ ହିନ୍ଦୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପଯୁକ୍ତ ଯୋଗ୍ୟତା ଥାଇ ମଧ୍ୟ ସେମାନଙ୍କୁ ପ୍ରଧାନଶିକ୍ଷକ ପଦବୀ ପାଇଁ କ୍ୟାଡରରେ ଅନ୍ତର୍ଭୁକ୍ତ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟିତ୍ରୀ ମିନତୀ କୁମାରୀ ମିଶ୍ର, ବରିଷ୍ଠ ହିନ୍ଦୀ ଶିକ୍ଷକ ଭୁବନେଶ୍ୱର ରାଉତ ଓ ଜିଲ୍ଲାରେ ନୂତନ କରି ଯୋଗଦାନ କରିଥିବା ୧୯ ଜଣ ହିନ୍ଦୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ ହାଇସ୍କୁଲ୍ ସାର୍ଟିଫିକେଟ୍ ହିନ୍ଦୀ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଜିଲ୍ଲାର ୧୭୩ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ମୋମେଣ୍ଟୋ ପ୍ରଦାନ କରାଯାଇଥିଲା।

# ସମ୍ପାଦକୀୟ



ମାନବାଧିକାର ସୁରକ୍ଷା ସଭ୍ୟତାର ସବୁଠାରୁ ବଡ଼ ଆହ୍ୱାନ।

-ନେଲ୍‌ସନ୍ ମାଣ୍ଡେଲା।

ସକାଳ
THE SAKALA

## ଖେଳାଳିଙ୍କ ଦେଶପ୍ରେମ !

ଭାରତ ଓ ପାକିସ୍ତାନ କ୍ରିକେଟ୍ ଦଳର କପ୍ତାନଙ୍କ ମଧ୍ୟରେ କରମର୍ଦ୍ଦନ ପ୍ରସଙ୍ଗକୁ ନେଇ ବିବାଦୀୟ ହୋଇପଡ଼ିଥିବା ଚଳିତ ଏସିଆ କପ୍ କ୍ରିକେଟ୍ ପୁଣି ଏକ ବିତର୍କ ସହିତ ଯୋଡ଼ି ହୋଇଯାଇଛି। ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟକୁ ପହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପରିବାର ପ୍ରତି ଉତ୍ସର୍ଗ କରିଥିବା ଭାରତୀୟ ଦଳ ଘୋଷଣା କରିବା ପରେ ଆମ୍ ଆଦ୍‌ମି ପାର୍ଟି ନେତା ସୌରଭ ଭରଦ୍ୱାଜ୍ ଏହାକୁ ଛଳନା ବୋଲି ପରୋକ୍ଷରେ ଆକ୍ଷେପ କରିଛନ୍ତି। ତାଙ୍କ ମତରେ ଯଦି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଓ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ବାସ୍ତବରେ ଦେଶପ୍ରୀତି ଓ ପହଲ୍‌ଗାମ୍ ପୀଡ଼ିତଙ୍କ ପ୍ରତି ସମବେଦନା ଅଛି ତେବେ ମ୍ୟାଚ୍‌ଲବ୍ଧ ସମ୍ପୂର୍ଣ୍ଣ ଆର୍ଥିକ ରୋଜଗାରକୁ ପୀଡ଼ିତଙ୍କ ପରିବାରକୁ ଉତ୍ସର୍ଗ କରନ୍ତୁ। ଶ୍ରୀଭରଦ୍ୱାଜ୍‌ଙ୍କ ଯୁକ୍ତି କିଛି ମନ୍ଦ ନୁହେଁ। କାରଣ ବିଶ୍ୱରେ ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ ଭାବେ ମାନ୍ୟତାପ୍ରାପ୍ତ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଓ ତାହାର ଧନାଢ୍ୟ ସଦସ୍ୟମାନେ ଯଦି ଏସିଆ କପ୍ ବାବଦ ସେମାନଙ୍କ ମ୍ୟାଚ୍ ଫି ଦାନ କରିଦିଅନ୍ତେ ତେବେ ସମୁଦ୍ରରୁ ମାତ୍ର ଆଞ୍ଜୁଳାଏ ପାଣି କାଢ଼ି ନେବା ପରି ହୁଅନ୍ତା। ଆପ୍ ନେତାଙ୍କ ମତକୁ ଭାରତୀୟ କ୍ରିକେଟ୍ ଖେଳାଳିମାନେ କେତେ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି ଓ କରିବେ ତାହା ଭିନ୍ନ କଥା; କିନ୍ତୁ ସ୍ୱାଭାବିକ ଭାବେ କ୍ରିକେଟ୍‌ର ଅନ୍ଧଭକ୍ତମାନେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି ଏବଂ ଶ୍ରୀଭରଦ୍ୱାଜ୍‌ଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି।

ଆମ ଭାରତୀୟ କ୍ରିକେଟ୍‌ରମାନଙ୍କ ଦେଶଭକ୍ତି ଓ ରାଷ୍ଟ୍ରୀୟ ଭାବନା କେତେ ତାହା ୨୦୦୨ ଆଇସିସି ଚମ୍ପିଆନ୍ ଟ୍ରଫି ବେଳେ ଜଣାପଡ଼ିଯାଇଥିଲା; ଅଥଚ କ୍ରିକେଟ ରଙ୍କୁଣା ଭାରତୀୟମାନେ ଖେଳାଳିମାନଙ୍କର ସେହି ସ୍ୱାର୍ଥପର ମାନସିକତାକୁ ହଜମ୍ କରିଦେଇଥିଲେ। ପ୍ରାୟ ସମସ୍ତ ନିର୍ଣ୍ଣାୟକ ମ୍ୟାଚ୍‌ରେ ବିଫଳ ହେଉଥିବାର ବିରଳ ରେକର୍ଡଧାରୀ ତଥାକଥିତ କ୍ରିକେଟ୍‌ର ଭଗବାନ୍‌ଙ୍କୁ ଭାରତ ଓ ଭାରତବାସୀ ବିଭିନ୍ନ ରତ୍ନ-ଅଳଙ୍କାରରେ ସମ୍ମାନିତ କରିବାରେ କୌଣସି ହେଳା କରିନାହାନ୍ତି। ତାଙ୍କର ଅସୁମାରୀ ସମ୍ପଦ ପଛରେ ଈଶ୍ୱରଦତ୍ତ ପ୍ରତିଭା ତୁଳନାରେ ଭାରତୀୟଙ୍କ କ୍ରିକେଟ୍‌ପ୍ରେମ ଯେ ଅଧିକ ରହିଛି ତାହା ଅନସ୍ୱୀକାର୍ଯ୍ୟ। ଅଥଚ ତାଙ୍କୁ ପୁରସ୍କାରରେ ମିଳିଥିବା ଫେରାରି କାରକୁ ଭାରତ ଆଣିବା ପାଇଁ ସୀମାଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ପାଇଁ ସେ ଭାରତ ସରକାରଙ୍କ ଉପରେ ଏକପ୍ରକାର ଚାପ ପକାଇ ସଫଳ ହୋଇଥିଲେ। ତେଣୁ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ଠାରୁ ଦେଶସ୍ୱାର୍ଥ ଓ ରାଷ୍ଟ୍ରୀୟ ଭାବନାରେ ଆନ୍ତରିକତା ଓ ବାସ୍ତବତା ଆଶା କରିବା ବୃଥା, ଏହା ଏକ ଅପ୍ରିୟ ସତ୍ୟ। କ୍ରିକେଟ୍ ସହିତ ଦେଶପ୍ରେମ ଓ ରାଷ୍ଟ୍ରୀୟ ଭାବନା କେବଳ ବଞ୍ଚି ରହିଛି ଦେଶର ଅଗଣିତ କ୍ରିକେଟ୍‌ପ୍ରେମୀଙ୍କ ପାଖରେ ଏବଂ ସେମାନେ ଭାବି ନେଇଛନ୍ତି ସେମାନଙ୍କର ପୂଜ୍ୟ କ୍ରିକେଟ୍-ଦେବତାମାନେ ମଧ୍ୟ ସମଭାବାପନ୍ନ ହୋଇଥିବେ। କିନ୍ତୁ ସେମାନେ ଯେ କୁହେଳିପୂର୍ଣ୍ଣ ଏକ ଭ୍ରାନ୍ତ ଓ ଅନ୍ଧବିଶ୍ୱାସର କ୍ରିକେଟ୍-ଆକର୍ଷଣର ମୋହାଛନ୍ନ ଦୁନିଆରେ ବୁଡ଼ି ରହିଛନ୍ତି ତାହା ହୃଦୟଙ୍ଗମ କରିବାକୁ ଆହୁରି ବହୁବର୍ଷ ଲାଗିଯିବ।

ବିଡ଼ମ୍ବନା ଏହା ଯେ ଯେଉଁ ହକି ଖେଳାଳି ଜଣକ ଭାରତୀୟତାର ଗୌରବ ବଜାୟ ରଖିବା ପାଇଁ ତାଙ୍କ କ୍ରୀଡ଼ାଜୀବନ କାଳରେ ଜାଣତରେ କିମ୍ବା ଅଜାଣତରେ ସାମାନ୍ୟତମ ସାଲିସ୍ କରି ନଥିଲେ ଆମେ ତାଙ୍କୁ ଏ ପର୍ଯ୍ୟନ୍ତ ଭାରତ ରତ୍ନ ଭଳି ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରିବାକୁ ଆନ୍ତରିକତା ପ୍ରଦର୍ଶନ କରିନାହୁଁ। ପ୍ରବଳ ଜ୍ୱରାକ୍ରାନ୍ତ ହୋଇ ମଧ୍ୟ ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତକୁ ଜିତାଇବା ପାଇଁ ପଡ଼ିଆକୁ ଓହ୍ଲାଇଥିବା ଏହି ମହାନ୍ କ୍ରୀଡ଼ା ବ୍ୟକ୍ତିତ୍ୱ ଜର୍ମାନୀ ତରଫରୁ ଖେଳିବା ଲାଗି ହିଟ୍‌ଲର ଯାଚି ଦେଇଥିବା ବିପୁଳ ଅର୍ଥ, ପଦବୀ ଓ ପ୍ରତିପତ୍ତିକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଅଥଚ ଆମେ ତାଙ୍କ ଜନ୍ମଦିନକୁ କେବଳ ଜାତୀୟ କ୍ରୀଡ଼ା ଦିବସ ଭାବେ ଘୋଷଣା କରି ଆମ କର୍ତ୍ତବ୍ୟ ସାରି ଦେଇଛୁ। ବୋଧହୁଏ କ୍ରିକେଟ୍‌କୁ ଛାଡ଼ି ଆଉ କୌଣସି ଖେଳ କିମ୍ବା ଖେଳାଳିଙ୍କ ସହିତ ଦେଶପ୍ରେମ ଓ ରାଷ୍ଟ୍ରଭକ୍ତି ଜଡ଼ିତ ନାହିଁ; ଯଦିବା କିଏ କେଉଁଠି କେତେବେଳେ ଦେଶଭକ୍ତିର ଉଦାହରଣଟିଏ ସୃଷ୍ଟି କରିଛନ୍ତି ତାହା ମଧ୍ୟ ବୋଧହୁଏ କ୍ରିକେଟ୍ ବିନା ନିରର୍ଥକ!

## ଟ୍ରମ୍ପ ଦାଉ

ଭାରତ ଓ ଭାରତୀୟଙ୍କୁ ସବୁମତେ ହଇରାଣ ହରକତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସତେଯେମିତି ଖୋଜି ଖୋଜି ଉପାୟମାନ ବାହାର କରୁଛନ୍ତି। ଭାରତୀୟ ଉତ୍ପାଦ ଉପରେ ବର୍ଦ୍ଧିତ ହାରରେ ଶୁଳ୍କ ଲାଗୁ କରି ଭାରତ ସରକାରଙ୍କ ଉପରେ ତାଙ୍କର ରାଗ ବୋଧହୁଏ ଶାନ୍ତ ହୋଇ ନାହିଁ। ଇତିମଧ୍ୟରେ ୟୁରୋପୀୟ ସଂଘ ସହିତ ଭାରତର ବାଣିଜ୍ୟ ରାଜିନାମାକୁ ଭଣ୍ଡୁର କରିବାକୁ ସବୁମତେ ଉଦ୍ୟମ କରୁଛନ୍ତି ଏବଂ ୟୁକ୍ରେନ୍‌କୁ ମତାଇ ଭାରତୀୟ ଉତ୍ପାଦ ଆମଦାନୀ ନ କରିବାକୁ ମସୁଧା କରିଛନ୍ତି। ପୁଣି ଏବେ ସେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ଉପରେ ଦାଉ ସାଧିବାର ଉପାୟଟିଏ ପାଇଯାଇଛନ୍ତି।

ଟ୍ରମ୍ପଙ୍କ ସଦ୍ୟତମ ଘୋଷଣା ଅନୁଯାୟୀ, ଏଣିକି ବିଦେଶୀ ପେସାଦାରମାନଙ୍କୁ ନିଯୁକ୍ତି ଦେଉଥିବା ଆମେରିକୀୟ ସଂସ୍ଥାମାନେ ପ୍ରତି ବିଦେଶୀ କର୍ମଚାରୀ ପିଛା ଏଚ୍୧-ବି ଭିସା ବାବଦକୁ ବାର୍ଷିକ ୧ ଲକ୍ଷ ଡଲାର(ଭାରତୀୟ ମୁଦ୍ରାରେ ପ୍ରାୟ ୯୦ ଲକ୍ଷ ଟଙ୍କା) ପୈଠ କରିବାକୁ ପଡ଼ିବ(ଏବେ ତାହା ମାତ୍ର ୧୫୦୦ ଡଲାର ଅଛି)। ସେପ୍ଟେମ୍ବର ୨୧ରୁ ତତ୍କାଳ ଲାଗୁ ହେବାକୁ ଥିବା ଟ୍ରମ୍ପଙ୍କ ଏହି ନିର୍ଦ୍ଦେଶ ପରେ ହୁଏତ ଆମେରିକୀୟ ସଂସ୍ଥାମାନେ ବିଦେଶୀ କର୍ମଚାରୀ ନିଯୁକ୍ତିକୁ କାଣ୍ଟଛାଣ୍ଟ କରିବେ କିମ୍ବା ଭିସା ବାବଦ ଅର୍ଥ ପ୍ରବାସୀ କର୍ମଚାରୀଙ୍କ ଦରମାରୁ କାଟି ରଖିବେ। ଆମେରିକାର ବିଭିନ୍ନ ସଂସ୍ଥାମାନଙ୍କରେ ସର୍ବାଧିକ ପ୍ରବାସୀ ଭାରତୀୟ କାମ କରୁଥିବାରୁ ଉଭୟ ପଦକ୍ଷେପରେ ସେମାନେ ହିଁ ସର୍ବାଧିକ ପ୍ରଭାବିତ ହେବେ। ଆମେରିକୀୟ କମ୍ପାନୀମାନେ ବିଦେଶରୁ ଶସ୍ତାରେ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଉଥିବାରୁ ଆମେରିକୀୟ ପେସାଦାରମାନେ କର୍ମସଂସ୍ଥାନ ହରାଉଛନ୍ତି ବୋଲି ଆଭ୍ୟନ୍ତରୀଣ ଅଭିଯୋଗ ହୋଇଆସୁଥିଲା। ତେଣୁ 'ମାଗା' ଯୋଜନାରେ ଆମେରିକୀୟଙ୍କୁ ସନ୍ତୁଷ୍ଟ କରିବାକୁ ଟ୍ରମ୍ପ ଉପରୋକ୍ତ ଘୋଷଣା କରିଥିବା କୁହାଯାଉଥିଲେ ହେଁ ବାସ୍ତବରେ ତାଙ୍କର ଭାରତ ବିରୋଧୀ ଅସୂୟା ହିଁ ସ୍ପଷ୍ଟ ହେଉଛି। କାରଣ ଏଚ୍୧-ବି ଭିସାଧାରୀଙ୍କ ମଧ୍ୟରୁ ୭୦% ବା ପ୍ରାୟ ୪ ଲକ୍ଷ ଭାରତୀୟ। ଏଥିରେ କିନ୍ତୁ ଆମେରିକୀୟ ସଂସ୍ଥା ଓ ଅର୍ଥନୀତି ହିଁ ଅଧିକ ପ୍ରଭାବିତ ହେବ। କ୍ରୋଧାନ୍ଧ ଓ ପଦମତ୍ତ ଟ୍ରମ୍ପ ଏହି ହିତାହିତ ଜ୍ଞାନଶୂନ୍ୟ ହୋଇଥିବା ସ୍ୱାଭାବିକ।

# ଜିଏସ୍‌ଟି ସଂସ୍କାର କେତେ ସଂପୂର୍ଣ୍ଣ

**ନଳିନୀ କାନ୍ତ ଧର**

ଜୁଲାଇ, ୧ ୨୦୧୭ରୁ ପ୍ରଣୟନ କରାଯାଇଥିବା ସାମଗ୍ରୀ ଓ ସେବା କର(ଜିଏସ୍‌ଟି) ସ୍ୱାଧୀନତା ପରେ କର ବ୍ୟବସ୍ଥାରେ ସବୁଠାରୁ ବଡ଼ ସଂସ୍କାର ଥିଲା। ନିକଟରେ ଏଥିରେ କେତେକ ସଂଶୋଧନ କରାଯାଇଛି, ଯାହାକୁ ଜିଏସ୍‌ଟି-୨ ଆଖ୍ୟା ଦିଆଯାଇଛି। ପୂର୍ବରୁ କେନ୍ଦ୍ର ଓ ରାଜ୍ୟସ୍ତରରେ ବିଭିନ୍ନ ପ୍ରକାର ଅଲଗା ଅଲଗା ହାରରେ ସାମଗ୍ରୀ ଓ ସେବା ଉପରେ ପ୍ରାୟ ୧୭ ପ୍ରକାର କର ଲାଗୁଥିଲା। ଜିଏସ୍‌ଟି ଲାଗୁ ହେବା ପରେ ଦେଶରେ ଉତ୍ପାଦିତ ସାମଗ୍ରୀ ଓ ସେବା ଉପରେ ଗୋଟିଏ କର ଲାଗୁ ହେଲା। ଭାରତଭଳି ଏକ ବିଶାଳ ଦେଶରେ, ଯେଉଁଠି ଜନସାଧାରଣଙ୍କର ଅର୍ଥନୈତିକ ତାରତମ୍ୟ ଖୁବ୍ ଅଧିକ, ସେଠାରେ 'ଗୋଟିଏ ଦେଶ ଗୋଟିଏ କର' ବ୍ୟବସ୍ଥା ଆଶାନୁରୂପ ସଫଳ ହୋଇପାରି ନ ଥିଲା। ଜିଏସ୍‌ଟି-୧ରେ ୦, ୫, ୧୨, ୧୮ ଓ ୨୮ ପ୍ରତିଶତ ହାରରେ ୫ଟି ସ୍ଲାବ୍ ନିର୍ଦ୍ଧାରିତ ହୋଇଥିବା ବେଳେ ସୁନା ଉପରେ ସ୍ୱତନ୍ତ୍ର ଭାବରେ ୩ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିଲା। ଏତେଗୁଡ଼ିକଏ ସ୍ଲାବ୍ ରହିଥିବାରୁ ଅନେକ ସମୟରେ ନିର୍ଦ୍ଦିଷ୍ଟ ସାମଗ୍ରୀର ଟିକସ ହାର ନେଇ ବିଭ୍ରାଟ, ଟିକସ ଫାଙ୍କି ଏବଂ କିଛି ସାମଗ୍ରୀ ଉପରେ ମାତ୍ରାଧିକ ଟିକସ ଆଦି ପାଇଁ ସରକାର ସମାଲୋଚନାର ଶରବ୍ୟ ହେଉଥିଲେ। ତେଣୁ ପରିବର୍ତ୍ତିତ ସ୍ଥିତିକୁ ଅନୁଧ୍ୟାନ କରି ସରକାର ୨୮ ପ୍ରତିଶତ ଓ ୧୨ ପ୍ରତିଶତ ସ୍ଲାବ୍‌କୁ ଉଚ୍ଛେଦ କରି ବର୍ତ୍ତମାନ ମେରିଟ୍ ଗୁଡ୍ସ ଉପରେ ୫ ପ୍ରତିଶତ ଓ ଷ୍ଟାଣ୍ଡାର୍ଡ ଗୁଡ୍ସ ଉପରେ ୧୮ ପ୍ରତିଶତ - ଏହିଭଳି ମାତ୍ର ଦୁଇଟି ସ୍ଲାବ୍ ସ୍ଥିର କରିଛନ୍ତି। ଏହାବ୍ୟତୀତ ସିଗାରେଟ୍, ଗୁଟ୍‌ଖା, ମଦ, ବିଳାସ ସାମଗ୍ରୀ, ବଡ଼ କାର ଇତ୍ୟାଦି ଉପରେ ସିନ୍ ଗୁଡ୍ସ ଟିକସ ଭାବରେ ୪୦ ପ୍ରତିଶତ ଟିକସ ନିର୍ଦ୍ଧାରିତ କରିଛନ୍ତି। ପ୍ରଚଳିତ ସମସ୍ତ ସେସ୍‌କୁ ବି ସମାପ୍ତ କରାଯାଇଛି। ଜିଏସ୍‌ଟି ଟିକସ କମ୍ ହେବା ଫଳରେ ଦରଦାମ ହ୍ରାସ ପାଇବା ସହ ମୁଦ୍ରାସ୍ଫୀତି ମଧ୍ୟ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ସରକାର ଚଳିତ ବର୍ଷ ଏଥିଯୋଗୁଁ ୪୮, ୦୦୦କୋଟି ଟଙ୍କା ଏବଂ ଆସନ୍ତା ବର୍ଷ ୧, ୫୦, ୦୦୦ କୋଟି ଟଙ୍କାର ରାଜସ୍ୱ ହରାଇବେ ବୋଲି ଆକଳନ କରାଯାଇଛି।

ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ପ୍ରାଥମିକ ପର୍ଯ୍ୟାୟରେ ୬୬.୫ ଲକ୍ଷ ବ୍ୟବସାୟିକ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ ହୋଇଥିଲେ, ଯାହା ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧.୫୧ କୋଟିରେ ପହଞ୍ଚିଛି। ରାଜସ୍ୱ ମଧ୍ୟ ଆଶାନୁରୂପକ ବୃଦ୍ଧି ପାଇ ୨୨.୦୪ ଲକ୍ଷ କୋଟି ଟଙ୍କା ହୋଇଛି। କ୍ଷୁଦ୍ର ବ୍ୟବସାୟୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଇତ୍ୟାଦିଙ୍କ ପାଇଁ ଜିଏସ୍‌ଟିର ଜଟିଳ ପ୍ରକ୍ରିୟା ସବୁକୁ ପାଳନ କରିବା ବ୍ୟୟସାପେକ୍ଷ ଓ କଷ୍ଟସାଧ୍ୟ ହେଉଥିଲା। ତେଣୁ ଏହାକୁ ସରଳ କରାଯାଇଛି। ଯେଉଁମାନଙ୍କର ମାସିକ କାରବାର ୨.୫ଲକ୍ଷ ଟଙ୍କାରୁ କମ୍ ହେବ ସେମାନଙ୍କୁ ସ୍ୱୟଂଚାଳିତ ପ୍ରକ୍ରିୟାରେ ମାତ୍ର ୩ ଦିନ ଭିତରେ ପଞ୍ଜୀକରଣ କରାଯିବ। ଆବଶ୍ୟକତା ଅନୁଯାୟୀ, ଏଥିରୁ କୌଣସି ସମୟରେ ସେମାନେ ଓହରି ପାରିବେ ଓ ପ୍ରତ୍ୟାବର୍ତ୍ତନ ମଧ୍ୟ କରି ପାରିବେ। ଏହାଦ୍ୱାରା ହାରାହାରି ୯୬ ପ୍ରତିଶତ ପ୍ରତିଷ୍ଠାନ ଉପକୃତ ହେବେ। ବିଦେଶକୁ ରପ୍ତାନୀ କରୁଥିବା ସାମଗ୍ରୀ ଓ ଏସ୍‌ଇଜେଡ୍‌ରୁ ବିକ୍ରି ହେଉଥିବା ସାମଗ୍ରୀ ଉପରେ ୯୦ ପ୍ରତିଶତ କର ସ୍ୱୟଂଚାଳିତ ଯାନ୍ତ୍ରିକ ପ୍ରକ୍ରିୟାରେ ଏହାର ମୂଲ୍ୟାୟନ କରି ତୁରନ୍ତ କର ପ୍ରାପ୍ୟ ଫେରସ୍ତ ହୋଇଯିବ, ଯାହାକି ରପ୍ତାନି କ୍ଷେତ୍ରରେ ୩୮ ପ୍ରତିଶତ ଯୋଗଦାନ କରୁଥିବା କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ଗୋଷ୍ଠୀ ବିଶେଷ ଲାଭବାନ ହେବେ।

ଜିଏସ୍‌ଟି ପ୍ରଚଳନ ହେବା ପରଠାରୁ ଟିକସ ହାରରେ ସଂଶୋଧନ ହୋଇଚାଲିଛି ଏବଂ ପୂର୍ବର ହାରାହାରି ୧୫.୫ ପ୍ରତିଶତ ସାମଗ୍ରିକ ଟିକସରୁ ନୂତନ ହାର ଭିତ୍ତିରେ ମାତ୍ର ୧୦.୫ ପ୍ରତିଶତ ହୋଇଯିବ। ସେହିପରି ଭାବରେ ପୂର୍ବରୁ ମୋଟ ଘରୋଇ ଉତ୍ପାଦନର ୬.୫ ପ୍ରତିଶତ ରାଜସ୍ୱ ଆୟ ବର୍ତ୍ତମାନ ୫.୪ ପ୍ରତିଶତକୁ ଖସିଯିବ। ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ରେ ୧.୫ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ସଂକୁଚିତ ହେବ। ତେଣୁ ରାଜସ୍ୱ ବୃଦ୍ଧି ପାଇଁ କେତେକ ସୁନା, ରୁପା ପରି ମୂଲ୍ୟବାନ ଧାତୁ ଉପରେ ୩ ପ୍ରତିଶତରୁ ୫ ପ୍ରତିଶତ ଏବଂ ଆୟର କେତେକ ଆବଶ୍ୟକୀୟ ସାମଗ୍ରୀ ଉପରେ ଲାଗୁଥିବା ୫ ପ୍ରତିଶତ ଟିକସକୁ ୮ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ମଧ୍ୟ ମତ ପ୍ରକାଶ ପାଇଛି। ଅନେକ ରାଜ୍ୟରେ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ରାଜସ୍ୱ ହ୍ରାସ ଫଳରେ ସେମାନଙ୍କର ବିତ୍ତୀୟ ନିଅଣ୍ଟ ବୃଦ୍ଧି ପାଇବ ଏବଂ ଦେଶରେ ଏକକ କର ବ୍ୟବସ୍ଥା ଲାଗୁ ହେଲା ପରେ ତାଙ୍କର କୌଣସି ନୂତନ ଟିକସ ଆଦାୟ କରିବା ସାର୍ବଭୌମିକ କ୍ଷମତା ନାହିଁ। ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କୁ ନେଇ ଜିଏସ୍‌ଟି ପରିଷଦ ଗଠିତ। ସମସ୍ତ ନିଷ୍ପତ୍ତି ଏହି ପରିଷଦ ନିର୍ଦ୍ଧାରଣ କରିଥାଏ। କିନ୍ତୁ ଚଳିତ ଟିକସ ହ୍ରାସର ଘୋଷଣା ବା ପ୍ରତିଶ୍ରୁତି ପ୍ରଧାନମନ୍ତ୍ରୀ ଲାଲ୍ କିଲ୍ଲାରୁ ସ୍ୱାଧୀନତା ଦିବସ ଉଦ୍‌ବୋଧନୀ ଭାଷଣରେ ଦେଲେ, ଯାହାକି ଏକ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମାନ୍ୟ ବ୍ୟତିକ୍ରମ ହୋଲି ଅନୁଭୂତ ହୁଏ।

ଟିକସ ହାରରେ ହ୍ରାସ ଫଳରେ ଜନସାଧାରଣ ଅଧିକ କ୍ରୟ କଲେ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କର ଲାଭ ବୃଦ୍ଧି ପାଇବ ଏବଂ ସରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ଭାବରେ କିଛିମାତ୍ରାରେ ଭରଣା କରିବେ। ଟିକସ ହାର ହ୍ରାସ ପାଇବା ପରେ ପୂର୍ଣ୍ଣମାତ୍ରାରେ ଜନସାଧାରଣ ଯେପରି ଏହାର ଲାଭ ପାଇବାରିବେ ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। କାରଣ ବିଗତ ଦିନରେ ଏହାର ବ୍ୟତିକ୍ରମ ଅନେକ ଦୃଷ୍ଟାନ୍ତ ଅଛି। ଯଦିଓ ଭାରତର ସମସ୍ତ ଉତ୍ପାଦିତ ସାମଗ୍ରୀ ଓ ସେବା ଜିଏସ୍‌ଟି ଅନ୍ତର୍ଭୁକ୍ତ ହୋଇଛି; କିନ୍ତୁ ପେଟ୍ରୋଲିୟମ୍ ସାମଗ୍ରୀ, ବିଦ୍ୟୁତ ଓ ଜମିକିଣା ବିକା ଇତ୍ୟାଦି ଏହି ବ୍ୟବସ୍ଥା ଅଧୀନକୁ ଆସିପାରିନାହିଁ। ଆଗାମୀ ଦିନରେ ଅନ୍ତତଃ ପେଟ୍ରୋଲିୟମ୍ ସାମଗ୍ରୀକୁ ଜିଏସ୍‌ଟି ଅଧୀନକୁ ଆଣିବା ପାଇଁ ଦାବି ହେଉଛି। କିନ୍ତୁ ପେଟ୍ରୋଲିୟମ ସାମଗ୍ରୀ ଉପରେ ବର୍ତ୍ତମାନ ହାରାହାରି ୫୮ ପ୍ରତିଶତ ଟିକସ ଆଦାୟ ହେଉଥିବାରୁ ଏବଂ ରାଜ୍ୟମାନେ ମଧ୍ୟ ଅଧିକ ରାଜସ୍ୱ ପାଉଥିବାରୁ ଏହାକୁ ଅନ୍ତତଃ ୪୦ ପ୍ରତିଶତ ସ୍ଲାବ୍‌ରେ ସାମିଲ କରି ଅତିରିକ୍ତ ସେସ୍ ମାଧ୍ୟମରେ ଭରଣା କଲେ କେସକେଡିଂ ପ୍ରଭାବ ଦୂର ହେବା ସହ ବ୍ୟବସାୟିକ ଗୋଷ୍ଠୀ ଇନ୍‌ପୁଟ୍ କ୍ରେଡିଟ୍ ପାଇପାରନ୍ତେ। ସମସ୍ତ ବ୍ୟବସାୟିକ ପ୍ରକ୍ରିୟା ସରଳ ହୋଇପାରନ୍ତା।

ଅନୁରୂପ ଭାବରେ ଜିଏସ୍‌ଟିକୁ ମଧ୍ୟ ଫେସ୍ଲେସ୍ କରାଯାଉ। ଅବଶ୍ୟ ସରକାର ସବୁ ରାଜ୍ୟରେ ଏକ ଟ୍ରିବ୍ୟୁନାଲ ସ୍ଥାପନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି, ଯାହା ବିବାଦ ସମାଧାନରେ ସମସ୍ତଙ୍କ ପାଇଁ ସହାୟକ ହେବ। ଜିଏସ୍‌ଟି ପ୍ରଣୟନ ହେବା ସମୟରୁ ମ୍ୟାନୁଫେକ୍‌ଚରିଂ ପାଇଁ ୪୦ ଲକ୍ଷ ଏବଂ ସେବା ପ୍ରଦାନକାରୀଙ୍କ ପାଇଁ ୨୦ ଲକ୍ଷ ବାର୍ଷିକ କାରବାର ଉପରେ ଜିଏସ୍‌ଟି ବହିର୍ଭୂତ ଥିଲା, ଯାହାକି ମୁଦ୍ରାସ୍ଫୀତି ହିସାବକୁ ନେଲେ ଅନ୍ତତଃ ଏହାକୁ ଦୁଇଗୁଣ କରିବାର ଆବଶ୍ୟକତା ଅଛି। ଯାହା ଫଳରେ ଛୋଟ ଛୋଟ ବ୍ୟବସାୟୀ ବିଶେଷଭାବେ ଉପକୃତ ହେବେ। କାରଣ ଜିଏସ୍‌ଟି ଲାଗୁ ପରଠାରୁ ଅତିକ୍ଷୁଦ୍ର ବ୍ୟବସାୟୀ ନିୟମକାନୁନ ପାଳନର ଅସମର୍ଥତା ଯୋଗୁଁ ବହୁମାତ୍ରାରେ ସେମାନଙ୍କ କାରବାର ବନ୍ଦ କରିଦେବା ଅନେକ ଦୃଷ୍ଟାନ୍ତ ଅଛି।


ଗରିବ ଜନସାଧାରଣ ସେମାନଙ୍କର ଆୟର ସିଂହଭାଗ ସାମଗ୍ରୀ କିଣାକିଣିରେ ଖର୍ଚ୍ଚ ହେଉଥିବାରୁ ପରୋକ୍ଷ କର ବାବଦରେ ସେମାନେ ଅଧିକ ଖର୍ଚ୍ଚାନ୍ତି ହୋଇଥା'ନ୍ତି। ଅପରପକ୍ଷେ ଧନିକ ଗୋଷ୍ଠୀ ସେମାନଙ୍କର ଆୟର ଅପେକ୍ଷାକୃତ ଖୁବ୍ କମ୍ ସାମଗ୍ରୀ କିଣାରେ ଖର୍ଚ୍ଚ କରନ୍ତି ଏବଂ ବଳକା ରାଶି ପୁଞ୍ଜିବଜାରରେ ଇତ୍ୟାଦି ବିନିଯୋଗ କରି ଅଧିକ ଲାଭବାନ ହୋଇଥା'ନ୍ତି। ତେଣୁ ପରୋକ୍ଷ କର ଗରିବ ବର୍ଗର ଜନସାଧାରଣଙ୍କୁ ବେଶି ମାତ୍ରାରେ ପ୍ରଭାବିତ କରିଥାଏ। ବିକ୍ରି ହେଉଥିବା ସାମଗ୍ରୀ ବା ସେବାର ମୂଲ୍ୟବୃଦ୍ଧି ମୁଦ୍ରାସ୍ଫୀତି ବୃଦ୍ଧି ଅର୍ଥନୀତିରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ସାମଗ୍ରିକ ଭାବରେ ଦୀର୍ଘ ୮ ବର୍ଷର ଜିଏସ୍‌ଟିର ଯାତ୍ରା ସଂପୂର୍ଣ୍ଣ ତ୍ରୁଟିମୁକ୍ତ ନ ହେଲେ ମଧ୍ୟ ଭାରତରେ ପରୋକ୍ଷ କର ବ୍ୟବସ୍ଥାରେ ସ୍ଥିରତା ଓ ରାଜସ୍ୱ ବୃଦ୍ଧିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିଛି। ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଫଳରେ ଜିଏସ୍‌ଟି ଆଗାମୀ ଦିନରେ ଆହୁରି ସହଜ ଓ ସରଳ ହେବ ବୋଲି ଆଶା କରାଯାଏ। ଆଗାମୀ ଦିନରେ ବିକଶିତ ଦେଶମାନଙ୍କର ଅଭିଜ୍ଞତାକୁ ନେଇ ସଂସ୍କାର ପ୍ରକ୍ରିୟାକୁ ନିରବିଚ୍ଛିନ୍ନ ଭାବେ ଚାଲୁରଖିବା ଏକାନ୍ତ ବାଞ୍ଛନୀୟ।

ରାଉରକେଲା, ମୋ: ୯୪୩୭୩୪୪୬୫୪।

# ମହାଜାଗତିକ ବିକିରଣ ଓ ଦୃଷ୍ଟିଶକ୍ତିର ସମ୍ଭାବନା

**ଭୁବନାନନ୍ଦ ସାହୁ**

ଆମେରିକାର ଏରୋନେଟିକ୍ ସ୍ପେସ୍ ଏଜେନ୍ସି (ନାସା) ପ୍ରଥମ ଥର ପାଇଁ ବ୍ରହ୍ମାଣ୍ଡର ଉତ୍ପତ୍ତିକୁ ଜାଣିବା ପାଇଁ ମହାକାଶକୁ କୋବେ ନାମକ ଏକ ସାଟେଲାଇଟ ପଠାଇଥିଲା। ଏହି ସାଟେଲାଇଟ ଅବଲୋହିତ ଓ ମାଇକ୍ରୋୱେଭ୍ ବିକିରଣକୁ ମାପି ୧୩.୭ ବିଲିୟନ(୧ବିଲିୟନ=୧୦୦କୋଟି) ବର୍ଷ ପୂର୍ବେ ବ୍ରହ୍ମାଣ୍ଡର ଉତ୍ପତ୍ତି ହୋଇଛି ବୋଲି ଦର୍ଶାଇଥିଲା। ଏହି ବିକିରଣର ତାପମାତ୍ରା ବ୍ରହ୍ମାଣ୍ଡର ଉତ୍ପତ୍ତି ସମୟରେ ୧.୦ ଗୁଣନ ୧୦କୁ ୨୭ଥର ଗୁଣନ କରିବା ପରେ ଯେଉଁ ସଂଖ୍ୟା ଆସିବ ସେତିକି ଡିଗ୍ରୀ ସେଣ୍ଟିଗ୍ରେଡ୍ ଥିଲା। ଏହି ବିକିରଣ ବ୍ରହ୍ମାଣ୍ଡର ପ୍ରସାରଣ ସହିତ କମି କମି ଆସି ଏବେ ୩ ଡିଗ୍ରୀ କେଲଭିନରେ ଅଛି ବୋଲି କୋବେ ନିଷ୍କର୍ଷରେ ପହଞ୍ଚିଛି। ଏହି ସାଟେଲାଇଟ ଦୂର ବ୍ରହ୍ମାଣ୍ଡରୁ ଆସୁଥିବା ଅବଲୋହିତ ଓ ମାଇକ୍ରୋୱେଭ୍ ଆଲୋକର ଉଷ୍ମତାକୁ କ୍ୟାମେରାରେ ଦେଖି ତା'ର ସଠିକ ମାନଚିତ୍ରକୁ ତିଆରି କଲା।



ଆଜିର ଆମ ବ୍ରହ୍ମାଣ୍ଡଟି ୧୩.୭ ବିଲିୟନ ବର୍ଷ ପୂର୍ବରୁ ଏକ ବହୁତ ଛୋଟ ଓ ଘନ ପଦାର୍ଥରୁ ବିସ୍ଫୋରଣ ପରେ ସୃଷ୍ଟି ହୋଇଛି। ଏହା ହେଉଛି ବଡ଼ ଧରଣର ପ୍ରଥମ ପ୍ରମାଣ ଏବଂ ୨୦୦୬ରେ ଏହି ଆବିଷ୍କାର ପାଇଁ ଦୁଇ ଜଣ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ମିଳିଲା। ଆମେ ସମୁଦାୟ ଆଲୋକର କେବଳ ୦.୦୦୩୫% କୁ ଦେଖିପାରୁ। ଏହି ଦୃଶ୍ୟମାନ ଆଲୋକଟି ଇନ୍ଦ୍ରଧନୁର ସାତଟି ରଙ୍ଗ। ସେହି ସାତଟି ରଙ୍ଗ ହେଲା ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ନାରଙ୍ଗୀ ଓ ଲୋହିତ। ଆମ ଆଖିରେ ନୀଳ, ସବୁଜ ଓ ଲୋହିତ ରଙ୍ଗର କୋଷ ଅଛି। ଏହି କୋଷ ଆମକୁ ଇନ୍ଦ୍ରଧନୁର ସାତଟି ରଙ୍ଗ ଦେଖେଇପାରୁଛି। ଆମର ଆଖି ଅତିବାଇଗଣୀ ଓ ଅବଲୋହିତ ଆଲୋକକୁ ଦେଖି ପାରେନାହିଁ। ସୂର୍ଯ୍ୟାଲୋକରୁ ଆସୁଥିବା କିରଣର ୯୯.୯୯%କୁ ଆମେ ଦେଖିପାରି ନ ଥାଉ। ସେହି ଦେଖିପାରୁ ନଥିବା କିରଣଗୁଡ଼ିକ ହେଲା ଗାମାରେ, ଏକ୍ସରେ, ଅତିବାଇଗଣୀ, ଅବଲୋହିତ, ମାଇକ୍ରୋୱେଭ୍ ଓ ରେଡିଓ ୱେଭ୍। ଆମେ ଯଦି ସୂର୍ଯ୍ୟାଲୋକର ସବୁକିରଣ ଦେଖିପାରନ୍ତେ ପୃଥିବୀଟି ଆମକୁ ପରିରାଇଜ ପରି ଆହୁରି ସୁନ୍ଦର ଦେଖାଯା'ନ୍ତା। ବିଜ୍ଞାନର ଅଭିବୃଦ୍ଧି ବ୍ରହ୍ମାଣ୍ଡରେ ଆମ ପୃଥିବୀ ପରି ଆଉ ଅନେକ ଗ୍ରହର ଆବିଷ୍କାର କରିଛି, ଯେଉଁଠି ଜୀବ ସମାଜ ଥାଇପାରନ୍ତି। ବୋଧେ ସେହି ଜୀବ ସମାଜ ଆମଠୁ ଅଧିକ ସୂର୍ଯ୍ୟାଲୋକ କିରଣ ଦେଖିପାରୁଥିବେ।

କେତେକ ପ୍ରାଣୀ ଅବଲୋହିତ ଓ ଅତିବାଇଗଣୀ ଆଲୋକକୁ ଦେଖିବାର ଅସାଧାରଣ କ୍ଷମତା ରଖନ୍ତି। ଅନ୍ଧାରରେ ଶିକାର ଓ ଶିକାରୀକୁ ସଠିକ୍ ଭାବରେ ଦେଖିବା ପାଇଁ ସାପର ଅବଲୋହିତ ଦର୍ଶନ କ୍ଷମତା ଅଛି। ଏକ ଉଦାହରଣରେ ନିଆଁ ହେଉଛି ଦୃଶ୍ୟମାନ୍ ଆଲୋକ ଏବଂ ଏହାର ଉଷ୍ମତା ହେଉଛି ଅବଲୋହିତ ଆଲୋକ। ଆଖି ଓ ନାକ ମଧ୍ୟରେ ସାପର ଏକ ବିଶେଷ ଅଙ୍ଗ ଅଛି, ଯାହାକୁ ପିଟ୍ କିମ୍ବା ଗର୍ତ୍ତ କୁହାଯାଏ। ଏହି ଗର୍ତ୍ତ ସାହାଯ୍ୟରେ ସାପ ପ୍ରାଣୀର ଉଷ୍ମତାକୁ ମାପି ତା'ର ଚିତ୍ରପଟ ତିଆରି କରେ। ଏହି ଗର୍ତ୍ତ ଅଙ୍ଗରେ ଥିବା ସ୍ନାୟୁରେ ଟିଆରପିଏ ୧ନାମକ ଏକ ଶ୍ୱେତସାର ଥାଏ। ଏହି ଟିଆରପିଏ ୧ ହେଉଛି ଏକ ଉତ୍ତାପ ସକ୍ରିୟ ଶ୍ୱେତସାର। ଉଷ୍ମ ରକ୍ତ ପ୍ରାଣୀର ଶରୀରରୁ ଆସୁଥିବା ଅବଲୋହିତ ଉତ୍ତାପ ଦ୍ୱାରା ଟିଆରପିଏ୧ ସକ୍ରିୟ ହୋଇଯାଏ। ଉତ୍ତାପ ଗ୍ରହଣ ପରେ ମସ୍ତିଷ୍କରେ ଟିଆରପିଏ ୧ ଦ୍ୱାରା ଏକ ତାପଜ ଚିତ୍ର ତିଆରି ହୁଏ।

ଅନ୍ୟ ପ୍ରାଣୀମାନଙ୍କରେ ଅବଲୋହିତ କିରଣକୁ ଦେଖିପାରିବା ଏପର୍ଯ୍ୟନ୍ତ ଅସମ୍ଭବ ଥିଲା। ନାନୋଟେକ୍ନୋଲୋଜି ଜରିଆରେ ଏବେ ଏହି ଅସମ୍ଭବକୁ ସମ୍ଭବ କରା ହୋଇପାରିଛି। ଅନ୍ଧ ମୂଷାମାନଙ୍କ ଉପରେ ଦୀର୍ଘ ଗବେଷଣା ପରେ ତାଙ୍କୁ ପୁନର୍ବାର ଦେଖିବାର କ୍ଷମତା ଦିଆଯାଇ ପାରିଛି। ସାପର ଟିଆରପିଏ ୧ କୁ ଅନ୍ଧ ମୂଷାଙ୍କ ଆଖିରେ ପ୍ରତିରୋପଣ କରି ଉଷ୍ମତାକୁ ଦେଖିବାର ଶକ୍ତିକୁ ଅଣାଯାଇ ପାରିଛି। ଏହି ଆବିଷ୍କାର ଦିନେ ଅନ୍ଧ ଲୋକଙ୍କର ପୁନର୍ବାର ଦୃଷ୍ଟି ଶକ୍ତି ଫେରାଇ ଆଣିପାରିବ - ଏହା ବୈଜ୍ଞାନିକମାନଙ୍କର ବିଶ୍ୱାସ।

(ବୈଜ୍ଞାନିକ-ମାସାଚୁସେଟ, ଆମେରିକା)
ଜାମସେଠ(ପାଇକମାଳ, ବରଗଡ଼)

# ଆମ ବୃକ୍ଷଲତା ଆମ ଜୀବନ

### ପଦ୍ମ

### ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ପଦ୍ମ ବା କମଳ ହେଉଛି ଏକ ଦେଶୀୟ ଜଳଜ ଉଦ୍ଭିଦ, ଯାହା ଦକ୍ଷିଣ ଭାରତରୁ ଆରମ୍ଭ କରି ଉତ୍ତର ଭାରତ, ହିମାଳୟର ୧, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସର୍ବତ୍ର ବିଦ୍ୟମାନ। ବର୍ତ୍ତମାନ ଶ୍ରୀଲଙ୍କା, ଦକ୍ଷିଣପୂର୍ବ ଏସିଆ, ନ୍ୟୁ ଗିନି ଏବଂ ଉତ୍ତର ଓ ପୂର୍ବ ଅଷ୍ଟ୍ରେଲିଆରେ ଏହାର ଉପସ୍ଥିତି ରହିଛି। ହିନ୍ଦୁ, ବୌଦ୍ଧ, ଜୈନ, ଇସମାଇଲିବାଦ ଓ ଚୀନ୍ ସଂସ୍କୃତିରେ ଏହା ଗଭୀର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଧାର୍ମିକ ଗୁରୁତ୍ୱ ବହନ କରେ। ପବିତ୍ରତା, ପ୍ରଜ୍ଞା, ଆଧ୍ୟାତ୍ମିକ ଜାଗରଣ ଏବଂ ଦିବ୍ୟସୌନ୍ଦର୍ଯ୍ୟର ପ୍ରତୀକ, ଯାହା କଳା, ସ୍ଥାପତ୍ୟ ଓ ସାହିତ୍ୟ କ୍ଷେତ୍ରରେ ବ୍ୟାପକ ଭାବରେ ଚିତ୍ରିତ ଓ ପ୍ରସ୍ଫୁଟିତ ହୋଇଛି। ପଦ୍ମ ଖାଦ୍ୟ ଉପଯୋଗୀ ବିହନ ଭାବେ ଚାଷ ହେବାର ପ୍ରାୟ ୩, ୦୦୦ ବର୍ଷର ଏକ ଦୀର୍ଘ ଇତିହାସ ରହିଛି। ଏହାର ପ୍ରାୟ ୧୦୦ ପ୍ରକାର ଉପଜାତି ରହିଥିବା କୁହାଯାଏ। ପବିତ୍ର ପଦ୍ମ ଭାରତର ଜାତୀୟ ଫୁଲ ଏବଂ ଅନୌପଚାରିକ ଭାବରେ ଭିଏତନାମର ମଧ୍ୟ ଜାତୀୟ ଫୁଲ। ଚୀନ୍ ଦେଶର ଲୋକମାନେ ଏହି ତୃଣକୁ ଦୀର୍ଘାୟୁର ପ୍ରତୀକ ଭାବରେ ବିଶ୍ୱାସ କରନ୍ତି।

ପଦ୍ମର ଲମ୍ବା କାଣ୍ଡକୁ ରାଇଜୋମ ବା କନ୍ଦ କୁହାଯାଏ, ଯେଉଁଥିରେ ଅନେକ ବାୟୁ ରନ୍ଧ୍ର ଥାଏ। ରାଇଜୋମର ଗଣ୍ଠିରୁ ସୂକ୍ଷ୍ମ ତନ୍ତୁ ପରି ମୂଳ ବାହାରିଥାଏ। ପଦ୍ମ ଗଛର ରାଇଜୋମ ପୋଖରୀ କିମ୍ବା ନଦୀ ତଳ ମାଟିରେ ପାଣି ତଳେ ଅନୁଭୂମିକ ଭାବରେ ସ୍ଥାୟୀ ଭାବରେ ସ୍ଥାନିତ ଥିବା ବେଳେ ପତ୍ର ଓ ଫୁଲଗୁଡ଼ିକ ଜଳପୃଷ୍ଠରେ ଭାସମାନ ଅବସ୍ଥାରେ ଥା'ନ୍ତି। ଏହାର ପତ୍ରଟି ଆକାରରେ ବଡ଼, ଗୋଲାକାର। ପତ୍ର ନାଡ଼ ପ୍ରାୟ ୨୦୦ ସେମି ପର୍ଯ୍ୟନ୍ତ ଲମ୍ବା ହୋଇପାରେ, ଫୁଲଗୁଡ଼ିକ ୩୫ ସେମି ବ୍ୟାସ ପର୍ଯ୍ୟନ୍ତ ବଢ଼ିଥାଏ। ଫୁଲର କ୍ୟାଲିକ୍ସ ବା ବୃତି ମଣ୍ଡଳରେ ୫ ବୃତି, କରୋଲା ବା ଦଳ ମଣ୍ଡଳରେ ୧୦ ରୁ ୩୦ଟି କିମ୍ବା ତା'ଠାରୁ ଅଧିକ ପାଖୁଡ଼ା ଥାଏ, ଯାହା ହଳଦିଆ ଫୁଙ୍କେଶର ଚକ୍ରକୁ ଘେରି ରହିଥାଏ। ଫୁଙ୍କେଶର ଚକ୍ର ମଧ୍ୟରେ ଗାଇନୋସିୟମ୍ ବା ଫଳିକା ଚକ୍ର ଅବସ୍ଥିତ। କାର୍ପେଲ ବା ଫଳିକା ଚକ୍ରରେ ଏକ ଡିମ୍ବାଶୟ ଥାଏ, ଯାହା ଡିମ୍ବାଣୁକୁ ଧାରଣ କରେ। ସଫଳ ପରାଗ ସଙ୍ଗମ ପରେ, କାରପେଲ୍ ଏକ ବୀଜପଡ୍ କିମ୍ବା ଫଳକୁ ବିକଶିତ କରେ। ବୀଜପଡ୍ ସାଧାରଣତଃ ସବୁଜ ରଙ୍ଗର ଅନନ୍ୟ ତ୍ରିକୋଣୀୟ ଥାଳି ଆକୃତିର ହୋଇ ଥାଏ। ପରିପକ୍ୱ ହେବା ସହିତ ଏହା ରଙ୍ଗ ପରିବର୍ତ୍ତନ କରେ ଏବଂ କଠିନ ହୁଏ। ଭିତରେ ବିକାଶଶୀଳ ବିହନକୁ ସୁରକ୍ଷା ଦିଏ। ବୀଜପଡ୍ ପ୍ରାୟ ୧୦ ରୁ ୩୦ ବୀଜ ଧାରଣ କରିପାରେ। ବୀଜଗୁଡ଼ିକ ଗୋଲାକାର, ଛୋଟ ଓ ଗାଢ଼ ରଙ୍ଗର। ୧୯୯୪ ମସିହାରେ, ପ୍ରାୟ ୧, ୩୦୦ ବର୍ଷ ପୁରୁଣା ଏକ ପବିତ୍ର ପଦ୍ମରୁ ଏକ ବୀଜ, ଉତ୍ତର-ପୂର୍ବ ଚୀନ୍‌ର ଏକ ଶୁଷ୍କ ହ୍ରଦପଡ଼ିଆରୁ ସଫଳତାର ସହ ଅଙ୍କୁରିତ ହୋଇଥିଲା।

ପଦ୍ମ ଡାଳ, ବିହନ, ପତ୍ର ଓ ଫୁଲ ଦୀର୍ଘବର୍ଷ ଧରି ପାରମ୍ପରିକ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୋଇଆସୁଛି। ପତଳା ଝାଡ଼ା, ସଂକ୍ରମଣ, କାଶ, ଉଚ୍ଚ ରକ୍ତଚାପ, ଜ୍ୱର, କର୍କଟ, ସ୍ମରଣ ଶକ୍ତି ହ୍ରାସ, ମାଢ଼ି ରୋଗ, ....ଚିକିତ୍ସା ପାଇଁ ପଦ୍ମର ବିଭିନ୍ନ ଅଂଶ ବ୍ୟବହାର କରାଯାଏ। ଏହାର ଆଣ୍ଟିଅକ୍ସିଡାଣ୍ଟ କାର୍ଯ୍ୟକଳାପ ବିହନ ଓ ପତ୍ରରେ ସବୁଠାରୁ ଅଧିକ କେନ୍ଦ୍ରିତ ଦେଖାଯାଏ, ଯେଉଁଥିରେ କ୍ୟାମ୍ପଫେରୋଲ୍, କ୍ୟାଟେଚିନ୍, କ୍ଲୋରୋଜେନିକ୍ ଏସିଡ୍ ଓ କ୍ୱେର୍ସେଟିନ୍ ସମେତ ଆଣ୍ଟିଅକ୍ସିଡାଣ୍ଟ ଯୌଗିକ ଜୈବ ରସାୟନ ଥାଏ। ଟୁଥପେଷ୍ଟ ଓ ଅନ୍ୟାନ୍ୟ ମୁଖ ପରିଷ୍କାର ଉତ୍ପାଦରେ ଏକ ଉପାଦାନ ଭାବରେ ଏହାର ଉପଯୋଗ ହୁଏ। ପଦ୍ମ ଶୁଖିଲା ମୂଳ, ଚା, ପାଉଡର, କ୍ୟାପସୁଲ୍ ଓ ନିଶ୍ୱାସନ ସମେତ ଅନେକ ପ୍ରସ୍ତୁତିରେ ଉପଲବ୍ଧ। ପତ୍ରଗୁଡ଼ିକରେ ଫ୍ଲାଭୋନୋଲ୍ ମିକ୍ରେଲିଆନିନ୍ ଏବଂ ଆଲକାଲଏଡ୍ ଯେପରିକି କୋକ୍ଲାଓରିନ୍ ଓ ନରକୋକ୍ଲାଓରିନ୍ ଥାଏ। ସମଗ୍ର ଉଦ୍ଭିଦରେ ନ୍ୟୁସିଫେରିନ୍ ଓ ନେଫେରିନ୍ ସମେତ ଜୈବିକ ସକ୍ରିୟ ଯୌଗିକ ଉପାଦାନ ଥାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁଲିସ ହେପାଜତରୁ ଅପହର୍ତ୍ତା ଫେରାର

# ଏଏସ୍‌ଆଇ, ୨ କନେଷ୍ଟବଲ ନିଲମ୍ବିତ

ବାଲେଶ୍ୱର/ବାହାନଗା,୨୧।୯ (ସମିସ): ଏକ ନାବାଳିକା ଅପହରଣ ମାମଲାରେ ପୁଲିସ ହେପାଜତରୁ ଅପହର୍ତ୍ତା ଫେରାର ହେବା ଘଟଣାରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଗୋପାଳପୁର ଥାନାର ଜଣେ ଏଏସ୍‌ଆଇଙ୍କ ସହ ୨ କନେଷ୍ଟବଲଙ୍କୁ ନିଲମ୍ବନ କରିଛନ୍ତି। ଗୋପାଳପୁର ଥାନା ଦୋଳପୁର ଅଞ୍ଚଳର ଏକ ନାବାଳିକାକୁ ଆରୁହାବାଡ଼ ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ନେଇ ନାବାଳିକାଙ୍କ ମା' ଜୁନ ୩୦ରେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର ଏସ୍‌ପି ଗୋପାଳପୁର ଥାନାର ଏଏସଆଇ ଦୀପକ କୁମାର ଭୋଇ, କନେଷ୍ଟବଳ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନେଷ୍ଟବଳ ସୁଚିତ୍ରା ମାଝୀଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ପରେ ଏହି ଟିମ ସେପ୍ଟେମ୍ବର ୧୦ରେ ଟ୍ରାକ କରି ଆନ୍ଧ୍ରପ୍ରଦେଶରେ ସମ୍ପୃକ୍ତ ଯୁବକ ଜଣକ ନାବାଳିକାକୁ ଅପହରଣ କରି ରଖିଥିବାର ସନ୍ଧାନ ପାଇଥିଲେ। ପରେ ଏହି ଟିମ୍ ଆନ୍ଧ୍ର ପ୍ରଦେଶ ଯାଇ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକ ସଞ୍ଜୟ ରଥକୁ ଧରିବାରେ ସଫଳ ହୋଇ ଟ୍ରେନ ଯୋଗେ ଓଡ଼ିଶା ଆସୁଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତ ସଞ୍ଜୟ ରଥ ଟ୍ରେନରୁ ଫେରାର ହୋଇ ଯାଇଥିଲା। ଉକ୍ତ ଟିମ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହୋଇ କେବଳ ନାବାଳିକାକୁ ଧରି ଓଡ଼ିଶା ଫେରିଥିଲେ। କାର୍ଯ୍ୟରେ ଅବହେଳା ପାଇଁ ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ଗୋପାଳପୁର ଥାନା ଏଏସଆଇ ଦୀପକ କୁମାର ଭୋଇ, କନେଷ୍ଟବଳ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନେଷ୍ଟବଳ ସୁଚିତ୍ରା ମାଝୀଙ୍କୁ ନିଲମ୍ବନ କରିଛନ୍ତି।

# ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହତ୍ୟା

ଆନନ୍ଦପୁର,୨୧।୯ (ସମିସ): ସ୍ୱାମୀ-ସ୍ତ୍ରୀ ଘରେ ଶୋଇଥିବାବେଳେ ଶନିବାର ବିଳମ୍ବିତ ରାତିରେ ହଠାତ୍ କେହି ଦୁର୍ବୃତ୍ତ ଘରେ ପଶି ସ୍ୱାମୀଙ୍କୁ ହାଣି ଦେଇଛି। ରବିବାର ସକାଳେ ଏଭଳି ଅଭାବନୀୟ ଘଟଣା ଆନନ୍ଦପୁର ଥାନା ସିନ୍ଧୁରିଆ ଗାଁରେ ଚହଳ ପକାଇଛି। ମୃତକ ଜଣକ ହେଲେ ଜଗବନ୍ଧୁ ଦେଓଗାମ। ଖବରପାଇ ପୁଲିସ୍ ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ଅଭିଯୁକ୍ତକୁ ଧରିବା ପାଇଁ ତନାଘନା ଚଳାଇଛି। ପ୍ରକାଶ ଯେ, ଶନିବାର ରାତିରେ ଜଗବନ୍ଧୁ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିଲେ। ରାତି ସାଢ଼େ ୧୨ଟା ସମୟରେ କେହି ଦୁର୍ବୃତ୍ତ ଘରେ ପଶି ଜଗବନ୍ଧୁଙ୍କୁ ଜଙ୍ଘକୁ ଏକ ଧାରୁଆ ଅସ୍ତ୍ରରେ ହାଣି ଫେରାର୍ ହୋଇଯାଇଥିଲା। ଅନ୍ଧାରର ସୁଯୋଗ ନେଇ ଆକ୍ରମଣକାରୀ ଜଣକ ସେଠାରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲା। ସଙ୍ଗେ ସଙ୍ଗେ ଜଗବନ୍ଧୁଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ଜଙ୍ଘରେ ଶକ୍ତ ଆଘାତ ଏବଂ ପ୍ରବଳ ରକ୍ତସ୍ରାବ ଯୋଗୁଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ପୂର୍ବରୁ କୌଣସି କାରଣକୁ ନେଇ ଜଗବନ୍ଧୁଙ୍କ ସହ ତାଙ୍କର ଜଣେ ପୁତୁରାର ଝଗଡ଼ା ହୋଇଥିବାରୁ ହତ୍ୟାକାଣ୍ଡରେ ତା'ର ହାତ ଥାଇପାରେ ବୋଲି ସନ୍ଦେହ କରିଛନ୍ତି ଝିଅ ପୂଜାରାଣୀ। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

# ଟ୍ରେଲର-ଟ୍ରକ୍ ଧକ୍କା; ଜଣେ ମୃତ

ଝାରସୁଗୁଡ଼ା,୨୧।୯ (ସମିସ): ରବିବାର ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ କନକତୋରା ଛକ ନିକଟରେ ଏକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଅପରାହ୍ଣରେ ଝାରସୁଗୁଡ଼ାରୁ ଛତିଶଗଡ଼ ପଟକୁ ଯାଉଥିବା ଏକ ଟ୍ରେଲର ଏବଂ ଛତିଶଗଡ଼ ପଟୁ ଝାରସୁଗୁଡ଼ାକୁ ଆସୁଥିବା ଏକ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଟ୍ରେଲର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଖବର ଲେଖାହେବା ସୁଦ୍ଧା ତାଙ୍କ ପରିଚୟ ମିଳିପାରିନାହିଁ। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଛି। ଜନସାଧାରଣ ରାସ୍ତାରୋକ କରିଥିବାବେଳେ ପୁଲିସ ସେମାନଙ୍କୁ ବୁଝାସୁଝା କରିଛି। ଅନ୍ୟପଟେ ଏହି ଦୁର୍ଘଟଣାରେ ଦୁଇଟି କାର୍ ମଧ୍ୟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

# ସ୍ମୃତିସଭାରେ ଢୋଲକିଆଙ୍କୁ ଝୁରିଲେ ବହୁ ବିଶିଷ୍ଟ ବ୍ୟକ୍ତି

## ଢୋଲକିଆ ରାଜନେତା ଅପେକ୍ଷା ସମାଜସେବୀ ଅଧିକ ଥିଲେ: ମୁଖ୍ୟମନ୍ତ୍ରୀ





ନୂଆପଡ଼ା,୨୧।୯ (ସମିସ): ସ୍ଥାନୀୟ ଖରିଆରରୋଡ୍ ସହରରେ ସ୍ୱର୍ଗତଃ ବିଧାୟକ ତଥା ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ପୁଅ ଜୟ ଢୋଲକିଆ, ପୁତ୍ରବଧୂ ସୁମନ ଢୋଲକିଆ, ସନ୍ଦେଶ ଢୋଲକିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, କଂଗ୍ରେସର ଘାସିରାମ ମାଝୀ, ବିଜେପିର ବସନ୍ତ କୁମାର ପଣ୍ଡା ସ୍ୱର୍ଗୀୟ ବିଧାୟକଙ୍କୁ ଶ୍ରଦ୍ଧା ସୁମନ ଦେବା ସହ ତାଙ୍କ ବିୟୋଗରେ ଜିଲ୍ଲା ତଥା ରାଜ୍ୟ ଜଣେ ଦକ୍ଷ ସମାଜସେବୀ ଏବଂ ରାଜନେତାଙ୍କୁ ହରାଇଛି ବୋଲି କହିଥିଲେ। ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏକ ସ୍ୱତନ୍ତ୍ର ବିମାନରେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ଢୋଲକିଆଙ୍କ ସହ ଦୀର୍ଘ କୋଡିଏ ବର୍ଷର ସମ୍ପର୍କକୁ ଦୋହରାଇଇ ସେ ଜଣେ ରାଜନେତା ଅପେକ୍ଷା ସମାଜସେବୀ ଅଧିକ ଥିଲେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଜେଡି ତରଫରୁ ବିଧାୟକ ପ୍ରଦୀପ ଦିଶାରୀ, ପୁଷ୍ପେନ୍ଦ୍ର ସିଂ ଦେଓ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ ଅମାତ, ରଜନୀ କାନ୍ତ ସିଂ, ଡାବୁଗାଁ ବିଧାୟକ ମନୋହର ରାନ୍ଧାରୀ, ରମେଶ ମାଝୀ, ଦୀପିକା ଦୀପ, ଲମ୍ବୋଦର ନିଆଲ, ମନୋଜ କୁମାର ମିଶ୍ର, ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣି ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନାରେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ, ରାଜେଶ କୁମାର ନିଗମ, ଧନୀ ସାହୁ, ବଣ୍ଟିଡାଗା, କାର୍ତ୍ତିକ ଦୀପ, ରବି ବାଗ, ପ୍ରେମ ସାହୁ, ମନମିତ ସିଂ, ଶେଖର ଜୈନ, ରମାକାନ୍ତ ଠାକୁର ପ୍ରମୁଖ ସହଯୋଗ କରିଥିଲେ।

# ପାହାଡ଼ ଉପରୁ ମିଳିଲା ନିଖୋଜ କଏଦୀଙ୍କ ମୃତଦେହ

## ଜେଲ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର

ରାଉରକେଲା,୨୧।୯ (ସମିସ): ରାଉରକେଲା ସ୍ୱତନ୍ତ୍ର ଜେଲରୁ ଗତ ୪ ଦିନ ତଳେ ପାଚେରି ଡେଇଁ ଫେରାର ହୋଇଥିବା ବିଚାରାଧୀନ କଏଦୀ ସୁରେଶ ବାର୍ଲା (୩୨)ଙ୍କ କ୍ଷତବିକ୍ଷତ ଗଳିତ ମୃତଦେହକୁ ପୁଲିସ ନିକଟସ୍ଥ ଦୁର୍ଗାପୁର ପାହାଡ଼ ଉପରୁ ଜବତ କରିଛି। ରଘୁନାଥପାଲୀ ଥାନା ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆଜି ଏ ବିଷୟରେ ସୂଚନା ମିଳିବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପାନପୋଷ ଏସ୍‌ଡିପିଓ ରଶ୍ମୀରଞ୍ଜନ ମହାପାତ୍ର, ରଘୁନାଥପାଲୀ ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କ ପରିବାର ଏବଂ ଜେଲ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିବା ପରେ ତାହା ଜେଲରୁ ଫେରାର ହୋଇଥିବା ସୁରେଶ ବାର୍ଲାଙ୍କର ବୋଲି ସ୍ପଷ୍ଟ ହୋଇଥିଲା।



ମୃତ ସୁରେଶଙ୍କ ଶବ ପଚି ଯାଇଥିଲେ ହେଁ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଥିବା ପରିଲକ୍ଷିତ ହୋଇଥିଲା। ସେପଟେ ମୃତ ସୁରେଶଙ୍କ ପରିବାରବର୍ଗ ଏହି ମୃତ୍ୟୁ ପାଇଁ ଜେଲ କର୍ତ୍ତୃପକ୍ଷଙ୍କ ସମେତ ଡ୍ୟୁଟିରେ ଥିବା ଅନ୍ୟ କର୍ମଚାରୀଙ୍କୁ ଦାୟୀ କରି ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଛନ୍ତି। ମୃତ ସୁରେଶଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ବେଳେ ଅନେକ ପ୍ରଶ୍ନ ଉଠିଛି। ଜେଲ ପାଚେରିର ଉଚ୍ଚତା ପ୍ରାୟ ୩୫ରୁ ୪୦ ଫୁଟ ହୋଇଥିବା ବେଳେ ଏତେ ଉଚ୍ଚରୁ ସୁରେଶ ଡେଇଁ ଥିବାରୁ ଗୁରୁତର ଭାବେ ଆହତ ଅବସ୍ଥାରେ ନିକଟସ୍ଥ ଦୁର୍ଗାପୁର ପାହାଡ଼ ଉପରକୁ ଚାଲିଯିବା ଏବଂ ଚିକିତ୍ସା ଓ ଖାଦ୍ୟ ନ ପାଇ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ସୁରେଶଙ୍କ ମୃତ୍ୟୁ ପଛରେ କେବଳ ଏହି ଘଟଣା ନା ଅନ୍ୟ କିଛି ରହସ୍ୟ ଲୁଚି ରହିଛି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ସେପଟେ ପାନପୋଷ ଏସ୍‌ଡିପିଓ ଶ୍ରୀ ମହାପାତ୍ର କହିଛନ୍ତି ଯେ ପୁଲିସ ଏବେ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି।

ସେପ୍ଟେମ୍ବର ୧୭ ସକାଳ ପ୍ରାୟ ସାଢ଼େ ୧୦ଟାରୁ ୧୧ଟା ମଧ୍ୟରେ ଜେଲ ପରିସରରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମସ୍ତେ ବ୍ୟସ୍ତ ଥିବା ବେଳେ ସୁରେଶ ଜେଲ ଭିତରେ ଥିବା ୱାଚ୍ ଟାୱାର ଉପରେ ଚଢ଼ି ପାଚେରିରୁ ଡେଇଁ ଫେରାର ହୋଇ ଯାଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ତାକୁ ଧରିବା ପାଇଁ ଚଢ଼ଉ ଜାରି ରଖିଥିଲା। ଗତକାଲି ରାତିରେ ଜେଲ ରୋଡ ତଥା ସରକାରୀ ଆଇଟିଆଇ ପଛ ପାଖରେ ଥିବା ପାହାଡ ଉପରେ ଯୁବକଙ୍କ ଶବ ପଡ଼ିଥିବା ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ଆଜି ପରିବାର ଲୋକେ ପହଞ୍ଚି ଶବ ଚିହ୍ନଟ କରିଥିଲେ।

## ■ ମହିଳା ମହାସଂଘ ପୁନର୍ଗଠନ ବିବାଦ

# ବିଡିଓଙ୍କ ନାଁରେ ଥାନାରେ ଏତଲା

ନିମାପଡ଼ା,୨୧।୯ (ସମିସ): ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତରେ ମିଶନ ଶକ୍ତି ମହିଳା ମହାସଂଘର ନୂତନ କର୍ମକର୍ତ୍ତା ଚୟନକୁ ନେଇ ଗତ କିଛିଦିନ ହେଲା ବିବାଦ ଉଗ୍ରରୂପ ଧାରଣ କରିଛି। ମହିଳା ମହାସଂଘର କର୍ମକର୍ତ୍ତାମାନେ ଏହି ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟାରେ ଅନିୟମିତତା କରାଯାଉଥିବା ଅଭିଯୋଗ କରି ନିମାପଡ଼ା ବ୍ଲକ୍ କାର୍ଯ୍ୟାଳୟରେ ଦୁଇଥର ଧାରଣା ଦେବା ସହିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମହାସଂଘର ଶତାଧିକ ମହିଳା କାର୍ଯ୍ୟକର୍ତ୍ତା ଓ ସଭ୍ୟା ଗତ ୧୮ ତାରିଖରେ ବ୍ଲକ୍ କାର୍ଯ୍ୟାଳୟରେ ଧାରଣା ଦେବାବେଳେ ଏହି ସମୟରେ ନିଜ କାର୍ଯ୍ୟରେ ଆସିଥିବା ଦୁଇଜଣ ମହିଳା ଜୟନ୍ତୀ ସେଠୀ ଓ ଖୁଲଣା ଭୋଇ



ବିଡିଓଙ୍କୁ ଦେଖା କରିବାକୁ ଚାହିଁବାରୁ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ ଓ ବିପିଏମ୍ ମୋନାଲିସା ତ୍ରିପାଠୀ ଅଫିସ ରୁମ୍‌ରୁ ବାହାରି ଆସି ଗାଳିଗୁଲଜ କରିବା ସହ ତାଙ୍କୁ ଜାତିଆଣ ଆକ୍ଷେପ କରିଥିବାରୁ ଏ ନେଇ ରବିବାର ଜୟନ୍ତୀ ଓ ଖୁଲଣା ମହିଳା ମହାସଂଘର ଶତାଧିକ କର୍ମକର୍ତ୍ତା ଆସି ବିଡିଓ ଏବଂ ବିପିଏମ୍‌ଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ବାମଦେବ ସ୍ୱାଇଁ ସେମାନଙ୍କଠାରୁ ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଏ ସମ୍ପର୍କରେ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀଙ୍କୁ ପଚାରିବାରେ ଗତ ୧୮ ତାରିଖରେ ବ୍ଲକ୍‌ରେ କେତେକ ମହିଳା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଧାରଣାରେ ବିସିଥିଲେ। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି କହିବା ପରେ କାର୍ଯ୍ୟକର୍ତ୍ତାମାନେ ଧାରଣାରୁ ଓହରିଥିଲେ। ମାତ୍ର ଆଜି ମୋ ବିରୋଧରେ ୨ଜଣ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଆମ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ବୋଲି କିହିବା ସହିତ ଅଭିଯୋଗରେ କୌଣସି ସତ୍ୟାସତ୍ୟ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠାରୁ ନୂଆ...

ବିକ୍ରି କରୁଥିବା ସମସ୍ତ ଔଷଧ କମ୍ପାନୀଗୁଡ଼ିକୁ ଔଷଧ, ଫର୍ମୁଲେସନ ଏବଂ ଚିକିତ୍ସା ଉପକରଣର ଏମ୍‌ଆର୍‌ପି ଅପଡେଟ୍ ହେବ। ଏଥିରେ ବିଚ୍ୟୁତି ଘଟିଲେ ବ୍ୟବସାୟୀଙ୍କୁ ଜେଲ ଓ ଜୋରିମାନାରେ ଦଣ୍ଡିତ ହେବାକୁ ପଡ଼ିବ। ଜିଏସ୍‌ଟି ହ୍ରାସ ପରେ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ଲାଗୁ ହେବନାହିଁ। ସେପ୍ଟେମ୍ବର ୨୨ ପରେ ପୈଠ କରାଯାଇଥିବା ନବୀକରଣ ପ୍ରିମିୟମ ମଧ୍ୟ ଜିଏସ୍‌ଟି ମୁକ୍ତ ହେବ।

## ଜିଏସ୍‌ଟି ବଚତ୍...

ନୂଆ ଆୟକର ବ୍ୟବସ୍ଥା ଲାଗୁ କରାଯାଇଛି। ଏଥିରେ ବ୍ୟକ୍ତିଗତ ଆୟକର ଛାଡ଼ ସୀମାକୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆୟକର ଛାଡ଼ ସହିତ ଜିଏସ୍‌ଟି ହ୍ରାସ ଦେଶବାସୀଙ୍କ ପାଇଁ ଉତ୍ସାହ ଆଣିବ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଦେଶୀ ସାମଗ୍ରୀ ଉପରେ ଗୁରୁତ୍ୱ ଆରୋପ କରି କହିଛନ୍ତି ଯେ ଏହା ଜାତୀୟ ବିକାଶରେ ସହାୟକ ହେବ। ଜିଏସ୍‌ଟି ସଂସ୍କାର ସହିତ ସ୍ୱଦେଶୀ ସାମଗ୍ରୀ କାରବାର ଅଭିବୃଦ୍ଧିକୁ ଗତିଶୀଳ କରିବ ଏବଂ ଅଧିକରୁ ଅଧିକ ପୁଞ୍ଜି ଆଣିବା ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବ। ଆତ୍ମନିର୍ଭର ଭାରତ ଏବଂ ସ୍ୱଦେଶୀ ଅଭିଯାନରେ ସାମିଲ ହେବା ଲାଗି ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟଙ୍କୁ ଆହ୍ୱାନ ଜଣାଇଛନ୍ତି। ସେ କହିଛନ୍ତି ଯେ ଦେଶକୁ ଯାହା ଆବଶ୍ୟକ ଏବଂ ଭାରତରେ ଯାହା ତିଆରି କରାଯାଇପାରିବ ତାହା ଦେଶ ଭିତରେ ହିଁ ତିଆରି ହେବା ଉଚିତ। ଏହା ଭାରତର ସମୃଦ୍ଧି ସହ ଆତ୍ମନିର୍ଭରଶୀଳତାକୁ ଶକ୍ତି ଦେବ। ଏପରି ସାମଗ୍ରୀ କିଣିବା ଯାହା ଭାରତରେ ତିଆରି ହୋଇଛି।

## ଭାରତରୁ ଚିଙ୍ଗୁଡ଼ି...

ଟଙ୍କାର ଚିଙ୍ଗୁଡ଼ି ରପ୍ତାନି କରିଥିଲା। ଏହି ରପ୍ତାନିର ପ୍ରାୟ ଏକ ତୃତୀୟାଂଶ କେବଳ ଆମେରିକାକୁ ହୋଇଥିଲା। ଏହି ସମୟରେ ଆମେରିକା ପ୍ରଶାସନର ଚିଙ୍ଗୁଡ଼ି ଆମଦାନୀ କଟକଣା ରପ୍ତାନିକାରୀ, ମତ୍ସ୍ୟଜୀବୀ ଏବଂ ସରକାରଙ୍କୁ ଚିନ୍ତାରେ ପକାଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାର ଚିଙ୍ଗୁଡ଼ି ରପ୍ତାନି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୦୦୪-୦୫ ରେ ରାଜ୍ୟର ଚିଙ୍ଗୁଡ଼ି ରପ୍ତାନି ୩୦୦-୪୦୦ କୋଟି ମଧ୍ୟରେ ରହିଥିଲା। ୨୦୨୪-୨୫ରେ ଏହା ୪,୭୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତରୁ ଚିଙ୍ଗୁଡ଼ି ଆମେରିକା, ୟୁରୋପ, ରୁଷ, ଜାପାନ ଏବଂ ଅନ୍ୟାନ୍ୟ ବିକଶିତ ଦେଶଗୁଡ଼ିକୁ କରାଯାଉଛି ଏବଂ ଏହାର ସିଂହଭାଗ କେବଳ ଆମେରିକାକୁ ପଠାଯାଉଛି। ଭାରତରୁ ବାର୍ଷିକ ୯ ଲକ୍ଷ ଟନ୍ ଚିଙ୍ଗୁଡ଼ି ଉତ୍ପାଦିତ ହୋଇଥାଏ, ଯାହା ସାରା ବିଶ୍ୱରୁ ଉତ୍ପାଦିତ ଚିଙ୍ଗୁଡ଼ିର ୪୦%।

ସମ୍ପ୍ରତି ଆମେରିକୀୟ ସେନେଟରମାନେ ଭାରତୀୟ ଚିଙ୍ଗୁଡ଼ି ରପ୍ତାନି ଉପରେ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଛନ୍ତି। ରିପବ୍ଲିକାନ୍ ସେନେଟର ବିଲ୍ କାସିଡି ଏବଂ ସିଣ୍ଡି ହାଇଡ୍-ସ୍ମିଥ୍ ଆମେରିକୀୟ କଂଗ୍ରେସରେ 'ଇଣ୍ଡିଆ ଚିଙ୍ଗୁଡ଼ି ଟାରିଫ୍ ବିଲ୍' ଆଗତ କରିଛନ୍ତି। ଭାରତ ଅନୁଚିତ ବାଣିଜ୍ୟ ଅଭ୍ୟାସ ମାଧ୍ୟମରେ ଆମେରିକା ବଜାରରେ ଚିଙ୍ଗୁଡ଼ି ବିକ୍ରି କରୁଛି, ଯାହା ଦ୍ୱାରା ଲୁଇସିଆନାର ଚିଙ୍ଗୁଡ଼ି ଏବଂ କ୍ୟାଟ୍‌ଫିସ୍ ଶିଳ୍ପକୁ ଯଥେଷ୍ଟ କ୍ଷତି ପହଞ୍ଚୁଥିବା ଏଥିରେ ଉଲ୍ଲେଖ ରହିଛି। ଆମେରିକୀୟ ସେନେଟରମାନେ ଏହି ବିଲ୍ ସାମୁଦ୍ରିକ ଖାଦ୍ୟ ଶିଳ୍ପ ଏବଂ ହଜାର ହଜାର ନିଯୁକ୍ତିକୁ ସୁରକ୍ଷା ଦେବ ବୋଲି ଦାବି କରିଛନ୍ତି।

## ୨୪ ଘଣ୍ଟାରେ...

ତେଣୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ସୋମବାର କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ରାଜ୍ୟର ବାକି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ଅନ୍ୟପଟେ ଏହି ଲଘୁଚାପ ପ୍ରଭାବ ଯାଉ ଯାଉ ଆସନ୍ତା ୨୫ ସେପ୍ଟେମ୍ବର ପାଖାପାଖି ମିଆଁମାର-ବାଂଲାଦେଶ ଉପକୂଳରେ ଥିବା ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପଟି ଅଧିକ ଘନୀଭୂତ ହେବା ନେଇ ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ତେଣୁ ଏହି ଲଘୁଚାପ ଯୋଗୁଁ ପାର୍ବଣ ସମୟରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁସାରେ, ୨୫ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ଏହା ପ୍ରଭାବରେ ୨୫ ତାରିଖରୁ ବର୍ଷା ବଢ଼ିବା ସହ ୨୮ ତାରିଖ ଯାଏଁ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ଓ ଆଉ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଛି। ଲଘୁଚାପ ଯୋଗୁଁ ବିଶେଷ କରି ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଜିଲ୍ଲାଗୁଡ଼ିକରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି।

## ବନ୍ଦ ହେବ...

ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଇଡି କଲେଜରେ ଆବଶ୍ୟକ ଅଧ୍ୟାପକ ନ ଥିବାରୁ ବହୁ ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର ହୋଇଥିଲା। ଏହାପରେ ବିଇଡି କଲେଜ ପରିଚାଳନା ଭାର ଉଚ୍ଚଶିକ୍ଷା ବିଭାଗ ନେଇଥିଲା। ଏହାପରେ ୩୮୫ଟି ଅଧ୍ୟାପକ ପଦରେ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପ୍ରକ୍ରିୟା ଆରମ୍ଭ କରିଥିଲା। ତହିଁରେ ଗୋଟିଏ ବିଷୟରେ ସ୍ନାତକୋତ୍ତର କରିବା ସହ ବିଇଡି କରିଥିବା ଆବଶ୍ୟକ ବୋଲି ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରାଗଲା। ହେଲେ ଏହା ଏନ୍‌ସିଟିଇ ଧାର୍ଯ୍ୟ କରିଥିବା ମାନଦଣ୍ଡକୁ ଉଲଙ୍ଘନ କରିଥିଲା। ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ନିୟମକୁ ପାଳନ କରି ନ ଥିଲା। ଫଳରେ ମୋଟ୍ ୩୮୫ ଜଣଙ୍କ ମଧ୍ୟରୁ ଯୋଗ୍ୟତା ନ ଥାଇ ମଧ୍ୟ ପ୍ରାୟ ୨୧୪ ଜଣ ଅଧ୍ୟାପକ ଭାବେ ନିଯୁକ୍ତି ପାଇଛନ୍ତି। ଆବଶ୍ୟକ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ଦର୍ଶାଇ ସ୍ୱୀକୃତି ପ୍ରତ୍ୟାହାର ହୋଇଥିବା କଲେଜଗୁଡ଼ିକୁ ପୁନଃ ଖୋଲିବାକୁ ଉଚ୍ଚଶିକ୍ଷା ବିଭାଗ ଏନ୍‌ସିଟିଇକୁ ଅନୁରୋଧ କରାଯାଇଥିଲା। ହେଲେ ଏକାଧିକ ଅଭିଯୋଗ ସହ ଉଚ୍ଚ ନ୍ୟାୟାଳୟରେ ମାମଲା ପହଞ୍ଚିବା ପରେ ଏନ୍‌ସିଟିଇ ଖୋଳତାଡ଼ ଜାରି ରଖିଛି।

ଗତ ଅଗଷ୍ଟ ୨୫ ଓ ୨୬ ତାରିଖରେ ଏନ୍‌ସିଟିଇର ୩୭୪ତମ ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି। ପୂର୍ବରୁ ଗୋଟିଏ ଥର କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା କଲେଜଗୁଡ଼ିକୁ ଦ୍ୱିତୀୟ ବା ଚୂଡ଼ାନ୍ତ ନୋଟିସ୍ କରିବାକୁ ନିଷ୍ପତି ହୋଇଛି। ଭୁବନେଶ୍ୱରସ୍ଥିତ ନଳିନୀ ଦେବୀ ବିଇଡି କଲେଜ, କଟକସ୍ଥିତ ରାଧାନାଥ କଲେଜ, ଅନୁଗୁଳସ୍ଥିତ ନବକୃଷ୍ଣ ଚୌଧୁରୀ ବିଇଡି କଲେଜ, ସମ୍ବଲପୁରସ୍ଥିତ ପର୍ଶୁରାମ ମିଶ୍ର ଅଗ୍ରଗାମୀ ବିଇଡି କଲେଜ, ଗଞ୍ଜାମ ଭଞ୍ଜନଗରସ୍ଥିତ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ବିଇଡି କଲେଜ, ବଲାଙ୍ଗିର ବିଇଡି କଲେଜ, ବାରିପଦାସ୍ଥିତ ଉତ୍କଳମଣି ଗୋପବନ୍ଧୁ ବିଇଡି କଲେଜ ଏବଂ ବ୍ରହ୍ମପୁରସ୍ଥିତ ଦିବାକର ପଟ୍ଟନାୟକ ବିଇଡି କଲେଜକୁ ନୋଟିସ୍ କରିବାକୁ ନିଷ୍ପତ୍ତି ହୋଇଛି। ଫଳରେ ଆସନ୍ତା ଶିକ୍ଷାବର୍ଷରୁ ଏହି କଲେଜରେ ନାମଲେଖା ବନ୍ଦ ହୋଇଯିବ। ଅଯୋଗ୍ୟ ଅଧ୍ୟାପକ ନିଯୁକ୍ତି ପାଇଁ ସ୍ୱୀକୃତି ପ୍ରତ୍ୟାହାର ପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ପୂର୍ବରୁ ଗୋଟିଏ ଲେଖାଏଁ ନୋଟିସ୍ ପାଇଥିବା ଏହି ୮ଟି ବିଇଡି କଲେଜ ଉପରେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ଝୁଲି ରହିଛି। ଆଗାମୀ ଦିନରେ ଏଗୁଡ଼ିକର ସ୍ୱୀକୃତି ମଧ୍ୟ ପ୍ରତ୍ୟାହାର କରିବା ସୁନିଶ୍ଚିତ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା କରୁଛନ୍ତି।

## ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ...

ମଧ୍ୟ କେହି ନିଯୁକ୍ତି ପାଇ ନାହାନ୍ତି । ଅନୁରୂପ ଭାବରେ ମୁଖିଆ ଅଭାବରୁ ବିଭିନ୍ନ ନିଗମଗୁଡ଼ିକ ଦିଶାହୀନ ଭାବରେ ଗତି କରୁଛି ।

୧୫ ମାସ ହେଲାଣି ବୋର୍ଡ, ନିଗମ ଏବଂ ଅକାଦେମୀ ସହ ବିଭିନ୍ନ କମିସନରେ ନିଯୁକ୍ତି ଦିଆଯାଉ ନ ଥିବାରୁ ବିକାଶମୂଳକ କାମ ଅଟକି ରହିଛି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଛି। ଏପଟେ ନୂଆ ମନ୍ତ୍ରୀ ହୋଇଥିବା ଏବଂ ଏନେଇ ଆଗରୁ ଆଦୌ ଅଭିଜ୍ଞତା ନ ଥିବା ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗ ନ୍ୟସ୍ତ କରାଯାଇଥିବାରୁ ସେମାନେ ଏକପ୍ରକାର ଅଣନିଶ୍ୱାସୀ । ଏହି ପରିପ୍ରେକ୍ଷୀରେ ପ୍ରତି ମାସେ ଦୁଇମାସ ବ୍ୟବଧାନରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ନେଇ ଚର୍ଚ୍ଚା ହେଉଛି । ବିଶେଷ ଭାବରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଏହି ଚର୍ଚ୍ଚା ବେଶି ଦାନା ବାନ୍ଧୁଥିଲେ ହେଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ସହମତି ହୋଇ ପାରୁ ନ ଥିବା କୁହାଯାଉଛି । ଦଳ ମଧ୍ୟରେ ଗୋଷ୍ଠୀ ବିବାଦ ଓ ପ୍ରବଳ ଲବି ଯୋଗୁଁ ମନ୍ତ୍ରୀ ପଦଗୁଡ଼ିକ ପୂରଣ ହୋଇ ପାରୁ ନ ଥିବା କୁହାଯାଉଛି। ଯାହାକୁ ନେଇ ଦଳୀୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି । ଏପରିକି ଖୋଦ ଦଳର କର୍ମୀ ଓ କର୍ମକର୍ତ୍ତା ସରକାର ଓ ସଙ୍ଗଠନର ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ।

ଗତ ସପ୍ତାହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଏପରିକି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସଂକ୍ରାନ୍ତରେ ଦିଲ୍ଲୀରେ କୌଣସି ଆଲୋଚନା ହୋଇନାହିଁ ଓ ନିଗମ ନିଯୁକ୍ତି ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇ ନ ଥିବା ସୂଚନା ଦେଇଥିଲେ। ମନମୋହନଙ୍କ ଏହି ସଂକ୍ଷିପ୍ତ ମନ୍ତବ୍ୟ ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବାବେଳେ ନିଗମ ଓ ବୋଡର୍‌ରେ ଥଇଥାନ ହେବାକୁ ଆଶା ବାନ୍ଧିଥିବା ଅନେକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ଏହା ସତ୍ତ୍ୱେ ଚଳିତ ମାସ ଶେଷ ସପ୍ତାହରେ ଦୁର୍ଗାପୂଜା ଅବକାଶ ପୂର୍ବରୁ ରାଜ୍ୟରେ ନିଗମ ଓ ବୋଡର୍ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଅନେକ ଆଶା କରୁଛନ୍ତି।

## ବିଷ ବି...

ହୋଇଥିବା ଜଣାପଡ଼ିଛି। ଚାଷ ଜମିକୁ ରୋଗ ଦାଉରୁ ରକ୍ଷା କରିବା ପାଇଁ ଚାଷୀ ଦିନରାତି ପରିଶ୍ରମ କରୁଛି। କୃଷି ବିଭାଗ ବ୍ଲକ୍‌ୱାରୀ ହ୍ୱାଟସ୍‌ଆପ୍ ଗ୍ରୁପ୍ କରିଛି। ଏଥିରେ ଚାଷୀଙ୍କୁ ବିଭିନ୍ନ ପ୍ରକାର ସଚେତନତାଠାରୁ ଆରମ୍ଭ କରି ରୋଗ ପୋକ ବିଷୟରେ ବି ସଚେତନ କରାଯାଉଛି। ମାତ୍ର ସବୁ ଚାଷୀଙ୍କ ପାଖରେ ଏହି ସୂଚନା ପହଞ୍ଚିପାରୁନି। ତେଣୁ ରୋଗ ଦାଉରୁ କେମିତି ରକ୍ଷା ପାଇବେ ଚାଷୀମାନେ ଜାଣିପାରୁନାହାନ୍ତି। କେଉଁ କୀଟନାଶକ ବ୍ୟବହାର କଲେ, ଏହାକୁ ପ୍ରତିହତ କରିହେବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ମାତ୍ର କୃଷି ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ମିଳିନଥିବା ଅଭିଯୋଗ ହେଉଛି। ଏହି ରୋଗ ଏବେ ଉପକୂଳ ଓଡ଼ିଶା ସମେତ ନୟାଗଡ଼, ବୌଦ୍ଧ, କନ୍ଧମାଳ ଆଦି ଜିଲ୍ଲାରେ ଏହି ରୋଗ ଦେଖାଦେଇଥିବା ଅଭିଯୋଗ ହେଉଛି। ଚାଷ ଜମିରେ ଅଧିକ ପାଣି ଜମି ରହିବା ଓ ମାତ୍ରାଧିକ ସାରର ପ୍ରୟୋଗ ଯୋଗୁଁ ଏହି ରୋଗ ହେଉଛି। ଏହି ରୋଗର ଲକ୍ଷଣ ୩ ପ୍ରକାରର। ଧାନପତ୍ର ହଳଦିଆ ପଡ଼ିବ, ଧାନପତ୍ରରେ ଚିହ୍ନ ସୃଷ୍ଟି ହେବ ଓ ଧାନ ଉପରୁ ମୂଳ ପର୍ଯ୍ୟନ୍ତ ପୋଡ଼ି ପୋଡ଼ି ଆସିବା ହେଉଛି ଏହାର ମୂଳ ଲକ୍ଷଣ। ସେହିପରି ପତ୍ରମୋଡ଼ା ରୋଗ ମଧ୍ୟ ଧାନକୁ ସର୍ବନାଶ କରିଦେଉଛି। ଉପରୁ ଧାନ ଗଛକୁ ଗୋଟେ କରି ପୋକ ଖାଇଦେବ ଓ ଧାନ ବଢ଼ିବାକୁ ଦେଉନି।

କୃଷି ବିଶେଷଜ୍ଞ ସୁବ୍ରତ ପାଣିଗ୍ରାହୀଙ୍କ କହିବାନୁସାରେ, ଏହି ରୋଗ ପ୍ରତିହତ କରିବାକୁ ହେଲେ ଏବେ କୀଟନାଶକ ବ୍ୟବହାର କରିବା ପରିବର୍ତ୍ତେ ଜୈବକ ଉପାୟ ଅବଲମ୍ବନ କରିବା ଜରୁରୀ। ରୋଗ ଲାଗିବା ପରେ ଚାଷୀ ୨ ଶହ ଲିଟର ପାଣିରେ ୨୦କେଜି କଞ୍ଚା ଗୋବର ମିଶାଇ ସିଞ୍ଚନ କଲେ ପୋକ ଦାଉରୁ ରକ୍ଷା ପାଇପାରିବ। ପ୍ରଥମେ ଚାଷୀ ଏହି ଉପାୟକୁ ଅବଲମ୍ବନ କରି ପୋକ ନାଶ କରିବାକୁ ଚେଷ୍ଟା କରିବା ଦରକାର ବୋଲି ସେ କହିଛନ୍ତି। ଜିଲ୍ଲା ଓ ବ୍ଲକ୍‌ସ୍ତରରେ ଥିବା କୃଷି ଅଧିକାରୀମାନେ ତୃଣମୂଳସ୍ତରକୁ ଯାଇ ଚାଷୀଙ୍କୁ ସଚେତନ କରାନ୍ତୁ। କୀଟନାଶକ ପରିବର୍ତ୍ତେ ଜୈବିକ ଉପାୟ ଅବଲମ୍ବନ କରିବା ପାଇଁ ପ୍ରୋତ୍ସାହନ କରନ୍ତୁ ବୋଲି ସେ କହିଛନ୍ତି। ଏନେଇ କୃଷି ବିଭାଗର ଜଣେ ଅଧିକାରୀ କହିଛନ୍ତି, କିଛି ବ୍ଲକ୍‌ରେ ପତ୍ରପୋଡ଼ା ରୋଗ ନେଇ ଅଭିଯୋଗ ଆସିଛି। ଆମେ ଏହା ଉପରେ ଯାଞ୍ଚ କରି ରୋଗ ଦାଉରୁ ରକ୍ଷା କରିବା ପାଇଁ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି।


AFFIDAVIT

By virtue of an affidavit sworn before Executive Magistrate, Banpur, vide no-3550, dated 17/09/2025 I, Saikh Firdosh, S/o- Saikh Taher, of At-Badahantuad, Po.- Badahantuad, Ps.-Banpur, Dist.-Khordha, declare that in my Adhar card my name is wrongly mentioned as Sek Firdos instead of Saikh Firdosh. Henceforth, I shall be known as **Saikh Firdosh** for all purposes.

AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated. 20.09.2025, I BABLU BISSOI, S/o- Late Jagat Bissoi, Vill.- Sindhiguda, Po.- Sindhiguda, Ps.- Nabarangpur, Dist.- Nabarangpur, Odisha, Pin - 764063 declare that, I have changed my name from **BABULA BISUI to BABLU BISSOI**. Henceforth I shall be known as **BABLU BISSOI** for all purposes.
Sd/- **BABLU BISSOI**

AFFIDAVIT

By virtue of an affidavit No, 2459, dtd 20/9/2024 before the Executive Magistrate, Phulbani, I, Sanjiba Mallick, resident At-Dangarapada, Po-Ratanga, Ps-Phiringia, Dist-Kandhamal have changed my minor daughter's name from Sili Mallick to Snehalata Mallick. Henceforth, she shall be known as **Snehalata Mallick** for all purposes.
**Sd/-Sanjiba Mallick**

AFFIDAVIT

By virtue of an affidavit sworn before Excutive Magistrate, Soro on 16.09.2025, I Sarojini Mohanty, formerly called Sarojini Jena, W/o Debashish Jena, At- Brahmansahi, Po-Sarasankha, Ps-Soro Balasore, PIN-756045, declare that I have changed my name from Sarojini Jena to Sarojini Mohanty. Henceforth, I shall be known as **Sarojini Mohanty** for all further purposes.

AFFIDAVIT

By virtue of an affidavit no.285, dtd. 17.09.2025 before the Executive Magistrate, Dharakote, Dist.: Ganjam, I, Tambar Goud, Spouse of Late Balab Goud have changed my name & Date of Birth from Tambal Goud (DOB 10.03.1970) to Tambar Goud (DOB 27.01.1967). Henceforth I shall be known as **Tambar Goud and DOB 27.01.1967** for all purposes.

AFFIDAVIT

By virtue of an affidavit sworn before the Notary Public, Baripada, Mayurabhanj, dated 18-09-2025 I Sri Pasupati Dehuri s/o- Tarapada Dehuri, At-khaikhia, Po-Dhemanasole, Ps- Chandua, Dist-Mayurbhanj declare that the actual and correct Date of Birth(DOB) of my daughter Sonali Dehuri (Rakhi) is 10-11-2010. Which is mentioned in her Birth Certificate. But in her SLC the DOB is wrongly mentioned as 12-11-2010, Henceforth her Birth Certificate DOB will be use for all purposes. **Sd/-Pasupati Dehuri**

AFFIDAVIT

By virtue of an affidavit before the Executive Magistrate, Nayagarh, I, Mahendra Majhi, At/Po-Subalaya, Ps-Bhapalm, Dist-Nayagarh have changed my minor son's name from Sandipsoyansu Majhi (old name) to Sandep Swayanshu Majhi (new name). Henceforth, he shall be known as Sandep Swayanshu Majhi for all purposes.
**Sd/-Mahendra Majhi**

AFFIDAVIT

By virtue of an affidavit sworn before the Notary Public, Nabarangpur vide no.372 dated. 20.09.2025, I Smt. Jochhnarani Nayak @ Jochhana Rani Behera, D/o- Late Radha Krushna Nayak W/o- Susanta Kumar Behera resident of At/Po./Ps.- Papadahandi state that in my son **Baibhav Kumar Behera's** birth certificate my name has been wrongly mentioned as Jochhnarani Nayak. Hence **Jochhnarani Nayak** and **Jochhana Rani Behera** is one and same person.
Sd/- **Jochhana Rani Behera**

AFFIDAVIT

By virtue of an affidavit before the Executive Magistrate, Titilagarh, on dated- 24/02/2025. I, **Sri Tulasi Nag** (Applicant name), aged about 34 years, S/o- Sashi Nag, Address: At- Makripada, PO-Lebada, PS- Muribahal, Dist-Bolangir (Odisha), PIN- 767033 declare that, my daughter name is **Chutila Nag** which is mentioned in her Aadhar Card bearing No: 2568 3099 3409. That, now I have changed my daughter name from **Chutila Nag to Chunnu Nag.** Henceforth, she shall be known as **CHUNNU NAG** (new name) for all purposes.
**Sri Tulasi Nag**

ସକାଳ
THE SAKALA





ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜାରେ ସୁସଜ୍ଜିତ ମଣ୍ଡପ



ଶାରଦୀୟ ପାର୍ବଣ ପୂଜାର ଅଷ୍ଟମ ସନ୍ଧ୍ୟାରେ ମା' ଶାରଳାଙ୍କ ସ୍ୱତନ୍ତ୍ର ବେଶ

ପାରାଦୀପ ବିଶ୍ୱକର୍ମା ପୂଜା

# ପଞ୍ଚମ ସନ୍ଧ୍ୟାରେ ଅସମ୍ଭାଳ ଭିଡ଼; ଅଠରବାଙ୍କୀରୁ ରାସ୍ତା ଜାମ





ସଙ୍ଗୀତର ତାଳେ ତାଳେ ଝୁମିଲେ ଦର୍ଶକ

ପାରାଦୀପ,୨୧।୯ (ସମିସ)

ରାଜ୍ୟ ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ପୂଜାର ଆଜି ଥିଲା ପଞ୍ଚମ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଅସମ୍ଭାଳ ଭିଡ଼ ହୋଇଥିବାବେଳେ ଅଠରବାଙ୍କୀଠାରୁ ରାସ୍ତା ଜାମ୍ ରହିଥିଲା। ଆଜି ରବିବାର ଥିବାରୁ ଅପରାହ୍ନ ୩ଟାରୁ ଦର୍ଶକ ଛୁଟି ଆସିଥିଲେ ପାରାଦୀପକୁ। ଅଠରବାଙ୍କୀରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ଏପରିକି ପୂଜା ମଣ୍ଡପ ନିକଟରେ ପହଞ୍ଚିବାକୁ ଘଣ୍ଟା ଘଣ୍ଟା ଲାଗିଥିଲା। ଆଜି କେବଳ ପାରାଦୀପ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ବଲିଉଡର ବଛା ବଛା କଣ୍ଠଶିଳ୍ପୀଙ୍କୁ ନେଇ ମ୍ୟୁଜିକାଲ ନାଇଟ ଆୟୋଜିତ ହୋଇଥିଲା। ଏଠାରେ ହଜାର ହଜାର ଦର୍ଶକ ସଙ୍ଗୀତର ମଜା ନେବା ସହିତ ନାଚ ଗୀତରେ ମତୱାଲା ହୋଇଥିଲେ। ତେବେ ଓଡିଆ କଣ୍ଠଶିଳ୍ପୀଙ୍କ ଏଭଳି ଚମତ୍କାର କଣ୍ଠଦାନ ଦର୍ଶକଙ୍କୁ ଘଣ୍ଟା ଘଣ୍ଟା ଧରି ପେଣ୍ଡାଲ ନିକଟରେ ବାନ୍ଧି ରଖିଥିଲା। ଏହି ଭିଡ଼ ସୁଯୋଗରେ ଲୁଟେରା ଏଥିସହ ଘରକରଣା ସାମଗ୍ରୀ ଷ୍ଟଲରେ ମଧ୍ୟ ଭିଡ଼ ରହିଥିଲା। ରବିବାର ହେତୁ ଆମିଷ ଷ୍ଟଲରେ ଭିଡ଼ ଦେଖିବାକୁ ମିଳିଥିଲା। ପୁଲିସକୁ ଭିଡ଼ ନିୟନ୍ତ୍ରଣ କରିବାକୁ ନାକେଦମ୍ ହେବାକୁ ପଡ଼ିଥିଲା।

## ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ବୈଠକ

ଜଗତସିଂହପୁର,୨୧।୯ (ସମିସ): ଜଗତସିଂହପୁର ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ବୈଠକ ଜୟବଡ଼ସ୍ଥ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଭିକର୍ତ୍ତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି ସ୍ୱଳ୍ପ ସଞ୍ଚୟ ଯୋଜନାରେ ଜମାକାରୀଙ୍କ ପାଇଁ ପୂର୍ବରୁ ପ୍ରଚଳିତ ଲଟେରୀ ବ୍ୟବସ୍ଥା ବନ୍ଦ ହୋଇଯାଇଥିବାରୁ ଅଭିକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ଏହି ଲଟେରୀ ବ୍ୟବସ୍ଥାର ପୁନଃପ୍ରଚଳନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ସଂଘର ପରବର୍ତ୍ତୀ ବୈଠକ ତିର୍ତ୍ତୋଲ ଅଞ୍ଚଳରେ କରିବା ପାଇଁ ରାଜ୍ୟ ସଭାପତିଙ୍କ ମତକୁ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅଭିକର୍ତ୍ତା ସଂଘ କୋଷାଧ୍ୟକ୍ଷ ସନ୍ତୋଷ ସେନାପତି, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ପ୍ରଦୀପ ସାହୁ, ଦେବାଶିଷ ମହାନ୍ତି, ଗୌରପ୍ରସାଦ ମହାନ୍ତି, ମହେଶ୍ୱର ପାଢୀ, ଶରତ ଦାଶ, ନଳିନୀକାନ୍ତ ମିଶ୍ର, ରଘୁନାଥ ଦାଶ, ଅଞ୍ଜନା ତ୍ରିପାଠୀ, ଅରୁଣ ପ୍ରଧାନ, ଗଣେଶ୍ୱର ବଡୁ, ରୀନାବାଳା ମିଶ୍ର ଓ ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ନିଶାମୁକ୍ତ ଭାରତ ଗଠନ ନିମନ୍ତେ ମାରାଥନ

ଜଗତସିଂହପୁର, ୨୧।୯ (ସମିସ): ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ ନିଶାମୁକ୍ତ ଭାରତ ଗଠନ ନିମନ୍ତେ ସଚେତନତା ମାରାଥନ ଅନୁଷ୍ଠିତ ହୋଇଯାଇଛି। ସାଂସଦ ବିଭୁପ୍ରସାଦ ତରାଇଙ୍କ ଦ୍ୱାରା ଉଦ୍‌ଘାଟିତ ମାରାଥନ ଯୋଗଧାରୀ (ନୂଆ ବସଷ୍ଟାଣ୍ଡ)ଠାରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସ୍କୁଲ କଲେଜ ଛାତ୍ରଛାତ୍ରୀ, ବିଭିନ୍ନ ବର୍ଗର ଲୋକ ଯୋଗ ଦେଇଥିଲେ।

## ଆଧ୍ୟାତ୍ମିକବାଦୀ ଅଜୟ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

କୁଜଙ୍ଗ,୨୧।୯ (ସମିସ): ତାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟଳ ଗ୍ରାମର ଆଧ୍ୟାତ୍ମିକବାଦୀ ତଥା ବ୍ୟବସାୟୀ ଅଜୟ କୁମାର ସାହୁଙ୍କ ଏକାଦଶାହରେ ଶୋକସଭା ଅନୁଷ୍ଠତ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ରାଜକିଶୋର ସାହୁ, ସରପଞ୍ଚ ଦମୟନ୍ତୀ ଲେଙ୍କା, ସମାଜସେବୀ ପ୍ରତାପ ଦାସ, ସୁରେନ୍ଦ୍ର ସାହୁ, ବିକ୍ରମ ପରିଜା, ଅକ୍ଷୟ କୁମାର ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ଅଜୟ ସାହୁ ଜଣେ ସଂକୀର୍ତ୍ତନ ସଦସ୍ୟ ସହ ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟ ଥିଲେ। ଶୋକସଭାକୁ ଦୁଇପୁଅ ବିଶ୍ୱଜିତ ସାହୁ, ପ୍ରସନ୍ନଜିତ ସାହୁ ପରିଚାଳନା କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ତିର୍ତ୍ତୋଲ, ୨୧।୯ (ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଖଣ୍ଡତଙ୍ଗ ଗ୍ରାମର ପ୍ରହଲାଦ ବିଶ୍ୱାଳଙ୍କ ପତ୍ନୀ ନିଶାମଣି ବିଶ୍ୱାଳ (୮୭) ଶୌଚ ହେବାକୁ ଯାଇ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେ ଗତକାଲି ସନ୍ଧ୍ୟାରେ ଘର ପାଖ ପୋଖରୀକୁ ଯାଇ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରି ପୋଖରୀ ପାଖରେ ବଙ୍କୁଲି ବାଡ଼ି ପାଇଥିଲେ। ସନ୍ଦେହ କରି ପୋଖରୀରେ ଖୋଜିବା ପରେ ତାଙ୍କ ମୃତଦେହ ମିଳିଥିଲା। ତାଙ୍କ ମୃତ୍ୟୁରେ ଗୋବିନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ରକ୍ତଦାନ ଶିବିର; ୧୦୦ ୟୁନିଟ୍ ସଂଗୃହୀତ

ପାରାଦୀପ,୨୧।୯ (ସମିସ): ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟ, ପାରାଦୀପଗଡ଼ ପଞ୍ଚାୟତ ଓ ବିଜେପି ମଣ୍ଡଳ ପକ୍ଷରୁ ମା' ରାମଚଣ୍ଡି ୟୁଥ୍ କ୍ଲବ୍ ଓ ନୂଆ ସକାଳ ସାଂସ୍କୃତିକ ପରିଷଦ ସହାୟତାରେ ପାରାଦୀପଗଡ଼ ସଂସଦ ଭବନ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟଅତିଥି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଶିବିରକୁ ଉଦ୍‌ଘାଟନ କରିବା ସହ ୨୫ ଜଣ ହିତାଧିକାରୀଙ୍କୁ ରାସନ୍ କାର୍ଡ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା, ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟ ସଭାପତି ସଚିତ୍ର ରାଉତ, ଆଇନଜୀବୀ ସଞ୍ଜୟ ବେହେରା, ମଣ୍ଡଳ ସଭାପତି ଗଗନ ରାଉତ, ଚନ୍ଦ୍ରଶେଖର ଚୌଧୁରୀ, ମା' ରାମଚଣ୍ଡି ୟୁଥ୍ କ୍ଲବ୍‌ର ରାଜେଶ ସାହୁ, ନୂଆ ସକାଳ ସାଂସ୍କୃତିକ ପରିଷଦ ସଭାପତି ସନ୍ଦୀପ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## ନାରୀ ନ୍ୟାୟ ବାହିନୀ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବାଲିକୁଦା,୨୧।୯ (ସମିସ): ଓଡ଼ିଶା ନାରୀ ନ୍ୟାୟ ବାହିନୀ ପକ୍ଷରୁ ବାଲିକୁଦା ବ୍ଲକ ବରମୁଣ୍ଡଲୀ ପଞ୍ଚାୟତର ତାଳଗାଁସ୍ଥ ବାସୁଦେବ ମହାପାତ୍ର ସ୍ମାରକୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଉପେନ୍ଦ୍ର ନାଥ ପରିଡ଼ାଙ୍କ ଅଧ୍ୟକ୍ଷତାରେ ନାରୀ ସୁରକ୍ଷା ଓ ନାରୀ ଆତ୍ମନିର୍ଭରଶୀଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲିକୁଦା ତହସିଲଦାର ବିକାଶ ରଞ୍ଜନ, ମୁଖ୍ୟବକ୍ତା ଭାବେ ନାରୀ ନ୍ୟାୟ ବାହିନୀ ଆବାହିକା ପ୍ରଫେସର ଡଃ ଗାୟତ୍ରୀ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ, ସାମ୍ବାଦିକ ପ୍ରଣବ ପ୍ରଧାନ, ନାରୀ ନ୍ୟାୟ ବାହିନୀ ସଦସ୍ୟା ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ମଧୁମିତା ଦାଶ, ସୂର୍ଯ୍ୟସ୍ମିତା ପଣ୍ଡା, ଶେଫାଳି ଶର୍ମା, ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇ ଆଧୁନିକ ସମାଜରେ ନାରୀ ଅବହେଳିତ। ଏଣୁ ନାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ହେବା ଆବଶ୍ୟକ କହିବା ସହ ନିଜେ ନିଜକୁ ସୁରକ୍ଷିତ ରଖିବା କୌଶଳ ଓ ନିଜେ ସ୍ୱାବଲମ୍ବୀ ହେବା ପାଇଁ ଉଦ୍ୟମ କଲେ ହିଁ ଆଜିର ନାରୀ ଆଜିର ସମାଜରେ ସୁରକ୍ଷିତ ଜୀବନଯାପନ କରିପାରିବ ବୋଲି ପ୍ରକାଶ କରିଥିଲେ। ଗ୍ରନ୍ଥାଗାରିକ ପ୍ରଶାନ୍ତ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓଡ଼ିଆ ବିଭାଗ ଅଧ୍ୟାପିକା ସୁମିତ୍ରା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଓ ଅଧ୍ୟାପିକା ବିସ୍ମୟ ମିତ୍ର, ବୀରବର ପରିଡ଼ା, ମିତାଲି ମଧୁସ୍ମିତା ସାହାଣୀ, ଆଲୋକ ଜେନା, ଗୀତାଞ୍ଜଳି ସାହୁ, ମାଧବାନନ୍ଦ ରାଉତ ଉପସ୍ଥିତ ଥିଲେ। ବିଜୟ ସେଠୀ, ସୁରେନ୍ଦ୍ର ବିଶ୍ୱାଳ, ଭିକାରୀ ମହାନ୍ତି, କ୍ଷୀରୋଦ ବେହେରା, ସୁନାକର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ ଆନ୍ତର୍ଜାତିକ ଶାନ୍ତି ଦିବସ ପାଳିତ



ଜଗତସିଂହପୁର, ୨୧।୯ (ସମିସ): ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସର ଆନ୍ତର୍ଜାତିକ ଶାନ୍ତି ଦିବସ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଜୟନ୍ତ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍କାଉଟ୍ ଓ ଗାଇଡ୍‌ଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ସ୍ଥାନୀୟ କଲେଜ ଛକ ପର୍ଯ୍ୟନ୍ତ ଯାଇଥିଲା। ପରେ ଜିଲ୍ଲା ଟ୍ରେନିଂ କମିଶନର ଗାଇଡ ସସ୍ମିତା ଶତପଥୀ ଓ ମେସେଞ୍ଜର ଅଫ ପିସ୍‌ର ଜିଲ୍ଲା କୋଡ଼ିନେଟର ଆଶୁତୋଷ ପଣ୍ଡାଙ୍କ ନେତୃତ୍ୱରେ ସ୍କାଉଟ୍ ଏବଂ ଗାଇଡଙ୍କ ପାଇଁ ଏମୋପି ଆଲେଲୋ ସଙ୍ଗ ଓ ନେଟୱାର୍କିଂ ଗେମ୍‌ର ଆୟୋଜନ କରାଯାଇଥିଲା। ଆଶୁତୋଷ ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ସଭାରେ ଜିଲ୍ଲା ଟ୍ରେନିଂ କମିଶନର ସ୍କାଉଟ ଅମୂଲ୍ୟ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଏନ୍‌ଜେଡବ୍ଲୁ ୟୁନିଟ୍ ଲିଡର ବିଜୟ ରଥ, ମୁଖ୍ୟବକ୍ତା ରୂପେ ଜିଲ୍ଲା କମିଶନର ଧନେଶ୍ୱର ସାହୁ ଓ ବକ୍ତା ଭାବେ ଗୀତାରାଣୀ ଭୋଇ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତିରଞ୍ଜନ ସ୍ୱାଇଁ, ସୁଚିସ୍ମିତା ସ୍ୱାଇଁ, ଅଞ୍ଜନ ସାହୁ, ସୁବାସ ତ୍ରିପାଠୀ, ସତ୍ୟଜିତ ଶତପଥୀ, ସଲିଳା ଶତପଥୀ ଯୋଗ ଦେଇଥିଲେ। ଜିଲ୍ଲା କୋଡ଼ିନେଟର୍ ଶ୍ରୀ ପଣ୍ଡା କିଭଳି ଏସଡିଜିକୁ ଆପଣେଇ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିହେବ, ସେ ବିଷୟରେ ଶପଥ ପାଠ କରାଇଥିଲେ। ଜିଲ୍ଲା ସଂଗଠନ କମିଶନର ସ୍କାଉଟ୍ ପ୍ରତାପ ରାଉତରାୟ ଜଣେ ସ୍କାଉଟ କିପରି ଶାନ୍ତିର ଦୂତ ହୋଇପାରିବେ ସେ ବିଷୟରେ ଧାରଣା ଦେବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ପରିଷଦ ପକ୍ଷରୁ ସାରସ୍ୱତ ସମାରୋହ

ନାଉଗାଁ,୨୧।୯ (ସମିସ): ତିହୁଡ଼ା ମା' ଜାଗୁଳାଇଙ୍କ ପୀଠରେ ବାବା ବୈକୁଣ୍ଠନାଥ ସାହିତ୍ୟ, ସଂସ୍କୃତି ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ବାବା ସତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଲ୍ ଇଣ୍ଡିଆ ରେଡିଓର ପୂର୍ବତନ ନିର୍ଦ୍ଦେଶକ ସୁରେନ୍ଦ୍ର ସାମଲ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡଃ ମୃତ୍ୟୁଞ୍ଜୟ ରଥ, ସମ୍ମାନିତ ବକ୍ତା ସାହିତ୍ୟିକ ଓ ନାଟ୍ୟକାର ବିଜୟ ମଲ୍ଲ, ସମ୍ମାନିତ ଅତିଥି ଅବସରପ୍ରାପ୍ତ କୃଷି ବୈଜ୍ଞାନିକ ଡଃ ଦାମୋଦର ପରିଡା, କୃଷ୍ଣପ୍ରସାଦ ଦାସ, କବି ବାହାଦୂର ପାଟସାହାଣୀ, ଅଧ୍ୟାପିକ ଡଃ ପୁଷ୍ପଲତା ରଥ ଯୋଗଦେଇ ଗ୍ରାମାଞ୍ଚଳରେ ଆଧ୍ୟାତ୍ମିକ ସାହିତ୍ୟରେ କବିଙ୍କ ଭୂମିକାର ଗୁରୁତ୍ୱାରୋପ କରିଥିଲେ। ପରିଷଦର ସମ୍ପାଦକ କବି ବାମଦେବ ସ୍ୱାଇଁ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ବିଜୟ ସ୍ୱାଇଁ, ସୁକାନ୍ତ ଲେଙ୍କା, ଅନାଦି ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ତ୍ରିଲୋଚନ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ଶତାଧିକ କବି କବୟିତ୍ରୀ ସ୍ୱରଚିତ ଆଧ୍ୟାତ୍ମିକ କବିତା ପାଠ କରିଥିଲେ। ଗଙ୍ଗାଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ଲାଷ୍ଟିକ୍ ବିରୋଧୀ ସଚେତନତା କାର୍ଯ୍ୟକ୍ରମ




ପାରାଦ୍ୱୀପ, ୨୧।୯ (ସମିସ): ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅବସରରେ ପାରାଦୀପ କଲେଜର ଏନସିସି ଆଲୁମ୍ନି ଓ କ୍ୟାଡେଟ୍ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ପାଇଁ ସଚେତନତା ଶୋଭାଯାତ୍ରା କରିଥିଲେ। ଏକକ ବ୍ୟବହୃତ ପ୍ଲାଷ୍ଟିକର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ସଚେତନତା ସହିତ ସେମାନେ ସମସ୍ତ ପୂଜା ପେଣ୍ଡାଲ ବୁଲି ସଫେଇ କାର୍ଯ୍ୟ କରିଥିଲେ। ଏହା ଏନସିସି ଆଲୁମ୍ନିର ୬୫ତମ ସଫେଇ କାର୍ଯ୍ୟକ୍ରମ। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏହି ପ୍ରୟାସକୁ ପ୍ରଶଂସା କରିଛନ୍ତି। ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି, ସମୁଦ୍ର କୂଳ ସଫେଇ ସହିତ ସମାଜର ହିତ ପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସମ୍ପାଦକ ପଦ୍ମନାଭ ଦାସ, ଉପସଭାପତି ବିକ୍ରମ ସିଂ ମହାରଣା, ଜିତେନ୍ଦ୍ର ବାରିକ, ହରପ୍ରିୟା ପଟ୍ଟନାୟକ, ଲିପୁନା ବାରିକ, ହୃଦାନନ୍ଦ ନାଥଶର୍ମା, କ୍ୟାଡେଟ ସୌଦାମିନୀ ସାହୁ, ପୁଷ୍ପାଞ୍ଜଳି ବହିରା, କୋମଳିକା ଦାସ ପ୍ରମୁଖ ଯୋଗ ଦେଇଥିଲେ।

● ବାଳିକୁଦା ନାବାଳିକା ଦୁଷ୍କର୍ମ ମାମଲା

## ଦୁଇ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

ଜଗତସିଂହପୁର,୨୧।୯ (ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଞ୍ଚଳରେ ୨୦୨୩ରେ ଘଟିଥିବା ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଜଗତସିଂହପୁର ଫାଷ୍ଟଟ୍ରାକ୍ (ପକ୍‌ସୋ) କୋର୍ଟ ବିଚାରପତି ଏସ୍‌ଏକେଜେଡ ଅହମ୍ମଦ ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଆଦେଶ ଦେଇଛନ୍ତି। ଏହି ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ଦୋଳଗୋବିନ୍ଦ ଦାଶଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ବାଲିକୁଦା ଥାନା ଅଞ୍ଚଳର ନାବାଳିକା ସନ୍ଧ୍ୟାରେ ଘରେ ପଢୁଥିବା ସମୟରେ ନଟବର ପରିଡା (୬୮ ବର୍ଷ) ଓ କୁଶ ମଲ୍ଲିକ (୬୩ ବର୍ଷ) ଘରେ ପଶି ଜଣକ ପରେ ଜଣେ ତାଙ୍କୁ ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ ଘରଲୋକଙ୍କୁ କହିଲେ ତୋତେ ଓ ତୋ' ପିତାମାତାଙ୍କୁ ଜୀବନରୁ ମାରିଦେବୁ ବୋଲି ଧମକ ଦେଇ ଦୁଇ ବୃଦ୍ଧ ପଳାଇଥିଲେ। ଭୟରେ ପୀଡ଼ିତା କାହାକୁ କିଛି କହି ନ ଥିଲେ। ତେବେ ୫ ମାସର ଗର୍ଭବତୀ ହେବାପରେ ପୀଡ଼ିତା ସମସ୍ତ ଘଟଣା ମାଆଙ୍କୁ କହିଥିଲା। ମାଆ ପୀଡ଼ିତାଙ୍କୁ ସାଙ୍ଗରେ ନେଇ ବାଲିକୁଦା ଥାନାରେ ଏତଲା ଦେଇଥିଲେ। ବାଲିକୁଦା ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରିବା ସହିତ ଉଭୟ ଅଭିଯୁକ୍ତଙ୍କୁ ଗିରଫ୍ କରି କୋର୍ଟଚାଲାଣ କରିଥିଲା। ପରେ ଉକ୍ତ ନାବାଳିକା ଏକ ସନ୍ତାନ ଜନ୍ମ ଦେଇଥିଲେ। ଫଳରେ ପୁଲିସ ଡିଏନଏ ପରୀକ୍ଷା କରାଇଥିଲା ଓ ଏଥିରେ ଉଭୟ ଅଭିଯୁକ୍ତଙ୍କ ସମ୍ପର୍କ ବାବଦରେ ପ୍ରମାଣ ମିଳିଥିଲା। ୨୮ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରିବା ପରେ ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହିତ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ସେହିପରି ପୀଡିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଯୋଜନାଭିତ୍ତିକ ନାଟ୍ୟ କର୍ମଶାଳା ଉଦ୍‌ଘାଟିତ



ଜଗତସିଂହପୁର,୨୧।୯ (ସମିସ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ "ମଞ୍ଚ ମଣିଷ", 'ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନ' ଓ 'ପ୍ରଥମା ଫାଉଣ୍ଡେସନ' ସହଯୋଗରେ ପ୍ରଯୋଜନାଭିତ୍ତିକ ନାଟ୍ୟ କର୍ମଶାଳା ସଦର ମହକୁମାସ୍ଥ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର କାର୍ଯ୍ୟନିର୍ବାହୀ ସଭ୍ୟ ଲାଲା ବୀରେନ୍ ରାୟ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ କାର୍ଯ୍ୟନିର୍ବାହୀ ସଭ୍ୟ ପବିତ୍ର ପଟ୍ଟନାୟକ, ଓଡ଼ିଶା ନାଟ୍ୟ ସଙ୍ଘ ସମ୍ପାଦକ ଶୁଭକାନ୍ତ ପାଢ଼ୀ, ଯୁବ ନାଟ୍ୟ ନିର୍ଦ୍ଦେଶକ ଦେବବ୍ରତ ପଟ୍ଟନାୟକ, ବିଶିଷ୍ଟ ନାଟ୍ୟକାର କୈଳାସ ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ପ୍ରାଧ୍ୟାପକ ବିଜୟ ବିଶ୍ୱାଳ, ଶିକ୍ଷାବିତ୍ ସୁବାସ ରାଉତ, ସାମାଜିକ କର୍ମୀ ମଧୁସୂଦନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୁବ କଳାକାରଙ୍କୁ ଉତ୍ସାହିତ କରିଥିଲେ।

ଏହି କର୍ମଶାଳା ଦୁଇଟି ପର୍ଯ୍ୟାୟରେ ୨୧ରୁ ୨୬ ଓ ଅକ୍ଟୋବର ୩ରୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜି ୩୦ରୁ ଅଧିକ ଯୁବକଯୁବତୀ ଅଂଶଗ୍ରହଣ କରି ଅଭିନୟ ଶିକ୍ଷା ଆରମ୍ଭ କରିଛନ୍ତି। ଆଇନଜୀବୀ ନରେଶ ଦାସ ମଞ୍ଚ ପରିଚାଳନା କରିଥିଲେ। ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଜୟ ଗୋଛାୟତ ଧନ୍ୟବାଦ୍ ଦେଇଥିଲେ। ପ୍ରଥମା ଫାଉଣ୍ଡେସନର ସଂଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ, ଦୁର୍ଗାପ୍ରସାଦ ସ୍ୱାଇଁ, ବିଜୟ ରାଉତ, ସାମ୍ବାଦିକ ପିନାକୀ ମହାନ୍ତି, ସରୋଜ ଦ୍ୱିବେଦୀ, ସୁଶାନ୍ତ ଦାସ, ଦିଲ୍ଲୀପ ଗୋଛାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେପି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

କୁଜଙ୍ଗ,୨୧।୯ (ସମିସ): କୁଜଙ୍ଗ ବିଜେପି ମଣ୍ଡଳ ପକ୍ଷରୁ ସଭାପତି ରଞ୍ଜନ ବାରିକଙ୍କ ନେତୃତ୍ୱରେ କୁଜଙ୍ଗ ବଜାରରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଜିଲ୍ଲା ସମ୍ପାଦକ ତପନ ତ୍ରିପାଠୀ, ଶିଳ୍ପମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, କୁଜଙ୍ଗ ପଞ୍ଚାୟତ ପ୍ରମୁଖ ରାଜେନ୍ଦ୍ର ଦାସ, ଯୁବ ମୋର୍ଚ୍ଚା ସଭାପତି ଅମିତ୍ ପ୍ରଧାନ, ମଣ୍ଡଳର ସମସ୍ତ ପଞ୍ଚାୟତ ପ୍ରମୁଖ, ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟ, ମଣ୍ଡଳ ସମ୍ପାଦକ ଦେବରାଜ ସାମଲ, ବସନ୍ତ ମାଝୀ, ଉପସଭାପତି ଗିରିଜା ମହାନ୍ତି, ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ପଟ୍ଟାମୁଣ୍ଡାଇ ସ୍ଥାୟୀ ଶାନ୍ତି କମିଟି ଗଠିତ

ପଟ୍ଟାମୁଣ୍ଡାଇ, ୨୧।୯ (ସମିସ)



ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ସ୍ଥାୟୀ ଶାନ୍ତି କମିଟି ଗଠନ କରାଯାଇଛି। ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଶାନ୍ତି କମିଟି ପ୍ରଶାସନକୁ ସହଯୋଗ କରିବ। ଚଳିତ ବର୍ଷ ଦୁର୍ଗାପୂଜାରେ ଶାନ୍ତିଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବା ପାଇଁ ସ୍ଥାୟୀ ଶାନ୍ତି କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି।

ପଟ୍ଟାମୁଣ୍ଡାଇର ସମସ୍ତ ରାଜନୈତିକ ଦଳ, ବିଭିନ୍ନ ସଂଗଠନ ସମେତ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ପଟ୍ଟାମୁଣ୍ଡାଇ ଶାନ୍ତି କମିଟି ଗଠନ କରାଯାଇଛି। ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ଶାନ୍ତି କମିଟିରେ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବିଡିଓ ଶୀତଲ ଅଗ୍ରୱାଲ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, ଉପଦେଷ୍ଟା କିରଣ ଭୂୟାଁ, ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତି ସର୍ଦ୍ଦାର ସେକ ଅବଦୁଲ ବାରୀ, ସେକ ସରାତୁଲ୍ଲା, ସେକ ବକର, କୁନା ଖାଁ, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ଓକିଲ ସଂଘ ପୂର୍ବତନ ସଭାପତି ତପନ ମିଶ୍ର, ଆଡ଼ଭୋକେଟ ପ୍ରମୋଦ ସାହୁ, ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଗୋପୀନାଥ ତ୍ରିପାଠୀ, କାଉନସିଲର ମଳୟ ଓଝା, ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର, ଅକ୍ଷୟ ସାହୁ, ଅନୀଲ ଚୌଧୁରୀ, ଜଗନ୍ନାଥ ଆଚାର୍ଯ୍ୟ, ପ୍ରବୀର ନାୟକ, ସୁଧାଂଶୁ ତ୍ରିପାଠୀ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ପ୍ରାକ୍ତନ ନଗର ବିଜେପି ସଭାପତି ଉପେନ୍ଦ୍ର ନାୟକ, ବରିଷ୍ଠ ବିଜେପି ନେତା ମିଟୁ ମନୋଜ ନାୟକ, ପ୍ରାକ୍ତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ପ୍ରଧାନ, ଯୁବନେତା ଅବିନାଶ ଲେଙ୍କା, ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅମ୍ବୁଜ ନାୟକ, ସମାଜସେବୀ ନୃସିଂହ ଚୌଧୁରୀ, ପୂର୍ବତନ ସରପଞ୍ଚ ବୀରକିଶୋର ଦାସ, ଦଳିତ ନେତା ଚିତ୍ତରଞ୍ଜନ ସେଠୀ, ଶିକ୍ଷକ ନେତା ବିଜୟ ସାହୁ, ପୂର୍ବତନ କାଉନସିଲର ରଞ୍ଜିତ ମଲିକ, ଆମ୍ବେଦକର ଲୋହିଆ ବିଚାର ମଞ୍ଚ ସଭାପତି ବାରେଣୀ ସେଠୀ, ବିନୋଦ ଦାସ ପ୍ରମୁଖଙ୍କୁ ସ୍ଥାୟୀ ଶାନ୍ତି କମିଟି ସଦସ୍ୟ ମନୋନୀତ କରାଯାଇଛି।

ପଟ୍ଟାମୁଣ୍ଡାଇ ଶାନ୍ତି କମିଟି ଅଧ୍ୟକ୍ଷ ତହସିଲଦାର ଜରୁରୀ କାମରେ ବାହାରେ ଥିବାରୁ ତାଙ୍କ ଅନୁମତି କ୍ରମେ ଶାନ୍ତି କମିଟିର ପ୍ରଥମ ବୈଠକ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ପୌରୋହିତ୍ୟରେ ଆଜି ପଟ୍ଟାମୁଣ୍ଡାଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସଡିପିଓ କ୍ଷମାସାଗର ପଣ୍ଡା ଓ କମିଟି ସଦସ୍ୟ ଯୋଗ ଦେଇଥିଲେ। ଦୁର୍ଗାପୂଜା ସମୟରେ ନିଶାଦ୍ରବ୍ୟ କଡାକଡି ନିଷେଧ, ପୁଲିସ ପାଟ୍ରୋଲିଂ, ବୁଲା ଗାଈଗୋରୁ ହଟାଇବା, ଦିନ ୪ଟାରୁ ସହର ମଧ୍ୟକୁ ଯାନବାହନ ନିଷେଧ, ମେଡିକାଲ ଛକ, ଆମ୍ବେଦକର, ରାଜନଗର ଛକରେ ପୁଲିସ କଣ୍ଟ୍ରୋଲ ରୁମ, ଶାନ୍ତି କମିଟି ସଦସ୍ୟଙ୍କ ପାଇଁ ସ୍ୱତନ୍ତ୍ର ଟେଣ୍ଟ ବ୍ୟବସ୍ଥା, ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଏସଆଇ ରତିରଞ୍ଜନ ନାୟକଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିବାବେଳେ ଜଗନ୍ନାଥ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ, ୨୧।୯ (ସମିସ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୭ ନଂ ୱାର୍ଡ ବାଲିପଡ଼ା ଗ୍ରାମର ଚାଷୀ ଭାଗବତ କର (୭୮) ଗତକାଲି ଅପରାହ୍ଣରେ ବିଲରୁ ଗାଈ ଚରାଇ ଫେରୁଥିବା ସମୟରେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ଅପରାହ୍ଣରୁ ନିଖୋଜ ଥିବାରୁ ପରିବାର ଲୋକ ଖୋଜାଖୋଜି କରି ନ ପାଇବାରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ସେ ବନ୍ୟା ପାଣିରେ ବୁଡ଼ିଯାଇଥିବ ସନ୍ଦେହରେ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ହେଁ ପତ୍ତା ମିଳି ନ ଥିଲା। ଆଜି ନିକଟସ୍ଥ ପାଳରେ ତାଙ୍କର ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଆଦର୍ଶ ଥାନା ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ଚାଷୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ଯୁବ କଂଗ୍ରେସ ପୂର୍ବତନ ସଭାପତି ସତ୍ୟପ୍ରିୟ ସାମଲ, କାଉନସିଲର ମଳୟ ଓଝା ଓ ବିଜେପି ନେତା ରବୀନ୍ଦ୍ର ବିଶ୍ୱାଳ ଦାବି କରିଛନ୍ତି।

## ସମାଜସେବୀ ସ୍ୱପ୍ନେଶ୍ୱର ସାମଲଙ୍କ ପରଲୋକ



**ଗୋବିନ୍ଦପୁର, ୨୧।୯ (ସମିସ):** ଆଳି ବ୍ଲକ ଅନ୍ତର୍ଗତ ପାଳିମି ଗ୍ରାମର ସମାଜସେବୀ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି ସ୍ୱପ୍ନେଶ୍ୱର ସାମଲଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ଜଣେ ଅମାୟିକ ବ୍ୟକ୍ତି ଥିଲେ। ଜନତା ନୋଡାଲ ଉଚ୍ଚବିଦ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଧର୍ମ ସମ୍ମିଳନୀ ପ୍ରସ୍ତୁତି ବୈଠକ



**ରାଜନଗର, ୨୧।୯ (ସମିସ):** ରାଜନଗର ବ୍ଲକ ଗୁପ୍ତିଠାରେ ଆସନ୍ତାବର୍ଷ ହେବାକୁ ଥିବା ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଦେବଙ୍କ ଆଞ୍ଚଳିକ ଭକ୍ତ ଗୋଷ୍ଠୀର ୫୬ତମ ବାର୍ଷିକ ଧର୍ମ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ଭକ୍ତ ଗୋଷ୍ଠୀ ସଭାପତି ଦିବାକର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଗୁପ୍ତି ପଞ୍ଚାୟତର ରାଜରାଜେଶ୍ୱରପୁର ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସେବକ ଅଭୟ ଦାସଙ୍କ ସଂଯୋଜନା କରିଥିଲେ। ଏଥିରେ ଗୁପ୍ତି ପଞ୍ଚାୟତର ମୁରବୀ, ଭକ୍ତ ଗୋଷ୍ଠୀ ଓ ବିଭିନ୍ନ ଗ୍ରାମ ଲୋକ ଯୋଗଦେଇ ମତାମତ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**କେନ୍ଦ୍ରାପଡ଼ା, ୨୧।୯ (ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ଓ ଚିତ୍ରାଙ୍କନ ପ୍ରତିଯୋଗିତା ବୃତ୍ତିଗତ ଚିତ୍ରକରଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚବିଦ୍ୟାଳୟରେ ଅୟୋଜିତ ହୋଇଯାଇଛି। ଶୀର୍ଷକ ଉକ୍ତ ପ୍ରତିଯୋଗିତାରେ ଚିତ୍ରକର ନିଜ ସୃଜନଶୀଳତା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଚିତ୍ରକର ସୌମ୍ୟରଞ୍ଜନ ପଟ୍ଟନାୟକ ଓ ରଘୁନାଥ ବେହେରା ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଶତାବ୍ଦୀ ରାଉତରାୟ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପ୍ରଭଞ୍ଜନ ପଣ୍ଡା ଓ ମହେଶ୍ୱର ଦାସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଟିଭି ସଙ୍ଗୀତ କାର୍ଯ୍ୟକ୍ରମରେ ସଚିନ ଉପବିଜେତା

**ଆଳି, ୨୧।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଦେମାଳ ପଞ୍ଚାୟତ ଲୋକାପଡ଼ା ଗ୍ରାମର ଅନନ୍ତ ରାଉତ ଓ ପଦ୍ମିନୀ ରାଉତଙ୍କ ପୁତ୍ର ସଚିନ ସିଦ୍ଧାର୍ଥ ଟିଭି ଚ୍ୟାନେଲ ସଙ୍ଗୀତ କାର୍ଯ୍ୟକ୍ରମ ଭକ୍ତି କଣ୍ଠରେ ଉପବିଜେତା ହୋଇଛନ୍ତି। ସଚିନ ୨୦୨୧ରୁ ୨୫ ମଧ୍ୟରେ ଓଡ଼ିଶାର ସମସ୍ତ ରିୟାଲିଟି ଶୋ ତରଙ୍ଗ ଟିଭି ଭଏସ ଅଫ ଓଡ଼ିଶା, ଜି ସାର୍ଥକ ଟିଭିର ସାରେଗାମାପାରେ ଫାଇନାଲିଷ୍ଟ ବିବେଚିତ ହୋଇଥିଲେ। ସେ ସଫଳତା ଶ୍ରେୟ ମାମୁ ବସନ୍ତ ସ୍ୱାଇଁ, ଗୁରୁ ଦେବଦତ୍ତ ବେହେରା, ସରୋଜ ପରିଡ଼ାଙ୍କୁ ଦେଇଛନ୍ତି।



## ମୃତକଙ୍କ ପରିବାରକୁ ଭେଟିଲେ ଅତନୁ



**ମହାକାଳପଡ଼ା, ୨୧।୯ (ସମିସ):** ତନ୍ତିଆପାଳ ସାମୁଦ୍ରିକ ଥାନା ଓ ଲାଞ୍ଜୁଡା ପଞ୍ଚାୟତ ଅଧୀନ ତନ୍ତିଆପାଳ ଗ୍ରାମର ମତ୍ସ୍ୟଜୀବୀ ବିଜୟ ପରିଡ଼ା ଓ ପୁଅ ଗୁଲୁଆ ପରିଡ଼ା ସମୁଦ୍ରକୁ ମାଛ ଧରିବାକୁ ଯାଇଥିବାବେଳେ ବଜ୍ରପାତରେ ବିଜୟଙ୍କ ମୃତ୍ୟୁ ହୋଇଥିବାବେଳେ ପୁଅ ନିଖୋଜ ଅଛନ୍ତି। ତେବେ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ସେହିପରି କୁମ୍ଭୀର ଆକ୍ରମଣରେ ମୃତ୍ୟୁବରଣ କରିଥିବା ସୁନୀତି ପଞ୍ଚାୟତ ବେଣାକନ୍ଧା ଘୋଲସାହି ଗ୍ରାମର ଲକ୍ଷ୍ମୀ ଦଳେଇଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

## ଛେଳି ଚୋରି ଘଟଣାକୁ ନେଇ ବାପପୁଅଙ୍କୁ ମରଣାନ୍ତକ ଆକ୍ରମଣ





**ଡେରାବିଶ, ୨୧।୯ (ସମିସ):** ଖମୋଳ ପଞ୍ଚାୟତ ଅନ୍ତର୍ଗତ କୋଶିଦା ଗ୍ରାମରେ ଛେଳି ଚୋରି ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିବା ଅଭିଯୋଗକାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଅଭିଯୋଗକାରୀ ଓ ତାଙ୍କ ସାନପୁଅ ଗୁରୁତର ଆହାତ ହୋଇ ଚିକିତ୍ସିତ ହେଉଛନ୍ତି। କୋଶିଦା ଗ୍ରାମର କାଙ୍ଗାଳୀ ଜେନା ତାଙ୍କର ୨ଟି ଛେଳି ଚୋରି ହୋଇଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ କାଙ୍ଗାଳୀଙ୍କ ସାନପୁଅ ଆନନ୍ଦ ଗ୍ରାମ ଶିବମନ୍ଦିର ନିକଟରେ ଫୋନ୍‌ରେ କଥା ହେଉଥିବା ସମୟରେ ଗ୍ରାମର ରତ୍ନାକର ମଳିକଙ୍କ ଦୁଇ ପୁଅ ବାଙ୍କୀ, କାଲୁଆ ଓ ବୁଟୁ ମଳିକଙ୍କ ପୁଅ କାହ୍ନା ଆନନ୍ଦକୁ ଗାଳିଗୁଲଜ କରିବା ସହ ଫୋନ୍ ଛଡ଼ାଇ ମାରପିଟ କରିଥିଲେ। ଏହି ସମୟରେ କାଙ୍ଗାଳୀ ପହଞ୍ଚିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଉଭୟ କାଙ୍ଗାଳି ଓ ପୁଅ ଆନନ୍ଦ ଗୁରୁତର ହୋଇଥିଲେ। କାଙ୍ଗାଳିଙ୍କ ହାତ ଓ ଗୋଡ଼ରେ ଆଘାତ ଲାଗିବା ସହ ଗୋଡ଼ ଭାଙ୍ଗିଯାଇଥିବାବେଳେ ପୁଅ ଆନନ୍ଦର ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏ ନେଇ କାଙ୍ଗାଳୀଙ୍କ ସ୍ତ୍ରୀ ପ୍ରମିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ୧୬୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## କୃଷକ ଭବନରେ ବୃକ୍ଷରୋପଣ ଓ ପରିବେଶ ସମ୍ପର୍କିତ ଆଲୋଚନାଚକ୍ର



**ଡେରାବିଶ, ୨୧।୯ (ସମିସ):** ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାସ୍ଥ କୃଷକ ଭବନରେ ବୃକ୍ଷରୋପଣ ଓ ପରିବେଶ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପଣ୍ଡିତ ଶରତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେରାବିଶ ତହସିଲଦାର ସରୋଜ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଭାକର ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର ଯୋଗଦେଇ ଅବକ୍ଷୟମୁଖି ପୃଥିବୀ ଓ ଜୀବଜଗତକୁ ରକ୍ଷା କରିବା ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରରେ ମହେନ୍ଦ୍ର ସିଂ, କୃଷ୍ଣଚନ୍ଦ୍ର ଦାସ, ପ୍ରମିଳା ଦାଶ, ମକ୍ତିବାସ ଦାସ, ମଦନ ମହାନ୍ତି, ଆଦିକନ୍ଦ ବଳ, ଭରତ ସିଂ, ଗୋପିନାଥ ମଲିକ, ରଣଜିତ ସାମଲ, ଅକ୍ଷୟ ତ୍ରିପାଠୀ ପ୍ରମୁଖ ପରିବେଶ ସୁରକ୍ଷାରେ ବୃକ୍ଷରୋପଣର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକାରୀ ସଭାପତି ଶରତ ମଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କମଳ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୃଷକ ଭବନ ପରିସର ଓ ନିକଟସ୍ଥ ପଡ଼ିଆରେ ବିଭିନ୍ନ ଫଳ ଓ ଔଷଧୀୟ ବୃକ୍ଷରୋପଣ କରିଥିଲେ। ରବୀନ୍ଦ୍ର ମହାରଣା, ଗୌତମ ବେହେରା, ଗୋବିନ୍ଦ ବାରିକ, ବସନ୍ତ ଦାସ ଓ ଅନନ୍ତ କର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ମାର୍କେଟ ୟାର୍ଡ ଓ ସାପ୍ତାହିକ ହାଟର ଉନ୍ନତିକରଣ ନେଇ ବୈଠକ



**କେନ୍ଦ୍ରାପଡ଼ା, ୨୧।୯ (ସମିସ):** ଆରଏମସି ଅଧୀନସ୍ଥ ସାପ୍ତାହିକ ହାଟର ଉନ୍ନତିକରଣ ଓ ଭଡା ସୂତ୍ରରେ ଦିଆଯାଉଥିବା ଦୋକାନ ଗୃହର ବକେୟା ଭଡ଼ା ଓ ନିୟମିତ ଭଡ଼ା ପ୍ରଦାନ ସଂକ୍ରାନ୍ତରେ ଜିଲ୍ଲାପାଳ ରଘୁରାମ ଆୟରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆରଏମସି ଅଧୀନସ୍ଥ ମାର୍ଶାଘାଇ, ନଇଁଦିପୁର, ହରିପୁର, ଆଳି, ଚାନ୍ଦୋଳ, ପଟ୍ଟାମୁଣ୍ଡାଇ ମାର୍କେଟ ୟାର୍ଡ଼ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପାଣି ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା, ବିଦ୍ୟୁତ, କଂକ୍ରିଟ ରାସ୍ତା, ଦୋକାନ ଗୃହର ମରାମତି ସମେତ ବକେୟା ଘର ଭଡା ପ୍ରଦାନରେ ଅହେତୁକ ଅବହେଳା ପାଇଁ ନୋଟିସ ପ୍ରେରଣ, ଦୋକାନ ଘରର ଆଲଟମେଣ୍ଟ ଆଦେଶ ଖାରଜ ସମେତ ଅନ୍ୟ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବିଭିନ୍ନ ମାର୍କେଟ ୟାର୍ଡ଼ର ସଦସ୍ୟ ରଣେନ୍ଦ୍ର ସ୍ୱାଇଁ, ସୁନାକାର ଗାହାଣ, ସୁରେନ୍ଦ୍ର ଦାସ, ପ୍ରଶାନ୍ତ ବେହେରା, ପ୍ରକାଶ ଶତପଥୀ, ରବୀନ୍ଦ୍ର ଜେନା, ରଞ୍ଜନ ସ୍ୱାଇଁ, ଅଭିମନ୍ୟୁ ସାହୁ, ଲିଙ୍ଗରାଜ ଶତପଥୀ, ସନ୍ତୋଷ ମାହାଳି, ସରୋଜ ଦାସ, ବବ୍ରୁବାହନ ଷଡ଼ଙ୍ଗୀ, ଅନନ୍ତ ରଥ, ତରୁଣ ଶଥପଥୀ, ବସନ୍ତ ଓଝା, ହବେଶ ପଲାଇ, ଶିବାଶିଷ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଦିଗାମ୍ବର ତରାଇ, ବୀରକିଶୋର ସ୍ୱାଇଁ, ନରେନ୍ଦ୍ର ମଲ୍ଲିକ, ମୁରଲୀଧର ସାହୁ, ଜିତେନ୍ଦ୍ର ଦାସ ସହଯୋଗ କରିଥିବାବେଳେ ଆରଏମସି ସମ୍ପାଦକ ବିଦ୍ୟାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶେଷ ପର୍ଯ୍ୟାୟରେ ହଳଦିଆପାଟଣା ଦୁର୍ଗାପୂଜା ପ୍ରସ୍ତୁତି

**ପଞ୍ଚୁପାଣ୍ଡବ, ୨୧।୯ (ସମିସ):** ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମ ଦୁର୍ଗାପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ଖଡ଼ି ଅମାବାସ୍ୟାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଖଡ଼ି ସ୍ପର୍ଶ କରାଯାଇଛି। ଏହି ପୂଜା ପାଇଁ ବେଲ ଗଛ ମୂଳେ ଯୁଡିଆ ନବମୀ କଳ୍ପ ପୂଜା ଅନୁଷ୍ଠିତ ହୋଇଥିଲା। ୧୯୮୧ରେ ଆରମ୍ଭ ହୋଇଥିବା ପୂଜା ଚଳିତ ବର୍ଷ ୪୪ ବର୍ଷରେ ପଦାର୍ପଣ କରିଛି। ପ୍ରଥମ ବର୍ଷ କଳସ ନେଇ ଯାଉଥିବାବେଳେ ଏକ ଅଗ୍ନି ପିଣ୍ଡୁଳା ଦେଖାଯାଇଥିଲା। ଏହି ଆଲୋକ ଗ୍ରାମରେ ମା' ଦୁର୍ଗାଙ୍କ ପୂଜା ପାଇଁ ସଂକେତ ଦେଉଥିବା ଭାବି ଆରମ୍ଭ ହୋଇଥିଲା ଶାରଦୀୟ ପୂଜା। ନବମୀ ଦିନ ମା'ଙ୍କ ବରଦବେଶ ହୋଇଥାଏ। ଯେଉଁମାନେ ମାନସିକ କରନ୍ତି ସେମାନଙ୍କ ମାନସିକ ମା' ପୂରଣ କରନ୍ତି ବୋଲି ବରିଷ୍ଠ ଉପଦେଷ୍ଟା ସୁବାସ ସାହୁ କହିଛନ୍ତି।

## ଥାନା ଅଧିକାରୀଙ୍କୁ ମହିଳାଙ୍କ ସମ୍ବର୍ଦ୍ଧନା



**ରାଜକନିକା, ୨୧।୯ (ସମିସ):** ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କୁ ମହିଳାମାନେ ସମ୍ବର୍ଦ୍ଧିତ କରିଛନ୍ତି। କୋରନ୍ଦ ପଞ୍ଚାୟତ ବାଂଶରୀଆ ଗ୍ରାମର ୧୧ ନମ୍ବର ୱାର୍ଡରେ ଚୋରାମଦ, ଗଞ୍ଜେଇ ବିକ୍ରିକୁ ବିରୋଧ କରି ଗାଁର ମହିଳା ଭାରପ୍ରାପ୍ତ ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କୁ ଅଭିଯୋଗ କରିଥିଲେ। ସେ ମହିଳାଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ଚୋରାମଦ, ଗଞ୍ଜେଇ ବିକ୍ରି ବିରୋଧରେ ଅପରେସନ ଆରମ୍ଭ କରିଥିଲେ। ଆଇଆଇସିଙ୍କ ଯୋଗୁଁ ଚୋରା ମାଦକ ଦ୍ରବ୍ୟ ବିକ୍ରି ବନ୍ଦ ହୋଇପାରିଛି। ଫଳରେ ନିଶା ନିବାରଣ କମିଟି ମୁଖ୍ୟ ପରିଚାଳିକା ତୁଳସୀ ମଲିକଙ୍କ ନେତୃତ୍ୱରେ ସଭାପତି ପାସୁରୀ ମଲିକ ଓ ସମ୍ପାଦିକା ସବିତା ମଲିକ, ପଞ୍ଚାୟତର ଯୁବ ଆଦର୍ଶ ସେବା ସଂଗଠନର ସଭାପତି ଶୈଳେନ୍ଦ୍ର ମଲ୍ଲିକଙ୍କ ସମେତ ଶତାଧିକ ମହିଳା ଏକତ୍ରିତ ହୋଇ ରାଜକନିକା ଥାନାରେ ପହଞ୍ଚି ଆଇଆଇସି ସଞ୍ଜୟ ମଲ୍ଲିକ, ଏସଆଇ ଦେବାଶିଷ ପଣ୍ଡା ଓ ଏଏସଆଇ ମାନସ ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ଷ୍ଟାଫଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଚାନ୍ଦୋଳ କଲେଜରେ ଶିଶୁ ମହୋତ୍ସବ

**ଡେରାବିଶ, ୨୧।୯ (ସମିସ):** ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ପରିଷଦର ମୁଖ୍ୟ ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ ବଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷ କରୁଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ଇତ୍ୟାଦି ପ୍ରତିଯୋଗିତରେ ଭାଗ ନେଇଥିଲେ। ବିଚାରକ ଭାବେ ଅଧ୍ୟାପିକା ଶ୍ରୀମତୀ ଦାସ, ସୁକନ୍ୟା ମହାନ୍ତି, ସ୍ମୃତି ଶ୍ରାବଣୀ, ଜ୍ୟୋତିର୍ମୟୀ ନାଥଶର୍ମା, ମନୀଷା ଦାସ, ମନୀଷା ମହାରଣା, ଶାଶ୍ୱତୀ ସାହୁ, ସ୍ମୃତିରେଖା ପଣ୍ଡା, ତେଜସ୍ୱିନୀ ଦାସ, ଶର୍ମିଷ୍ଠା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଝରଣା ପରିଜା, ମିନାକ୍ଷୀ ପ୍ରଧାନ ଓ ଅଧ୍ୟାପକ ବରଦା ପ୍ରସାଦ ଜେନା ପରିଚାଳନାରେ ସହଯୋଗ କରିଥିଲେ।

## ବିଜେପି ପୁରୁଖା କାର୍ଯ୍ୟକର୍ତ୍ତାଙ୍କ ବନ୍ଧୁମିଳନ

**ପଟ୍ଟାମୁଣ୍ଡାଇ, ୨୧।୯ (ସମିସ):** ବିଜେପି ପାଇଁ ଦୀର୍ଘଦିନ କାର୍ଯ୍ୟ କରିଥିବା ପୁରୁଖା ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ଧରି ତ୍ୟାଗ ସ୍ୱୀକାର କରିଥିବା ନେତା ଓ କର୍ମୀ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରିବା, ବରିଷ୍ଠ ଓ ପୁରାତନ କର୍ମୀଙ୍କୁ ସାଂଗଠନିକ କାର୍ଯ୍ୟକ୍ରମରେ ସାମିଲ କରି ସଂଗଠନ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଆଜି ଚାହାପଡ଼ା ମଣ୍ଡପରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରିଷ୍ଠ ବିଜେପି ନେତା ଶରତ ଜଗଦେବ ଓ ନୀଳକଣ୍ଠ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ରାହାସ ବିହାରୀ ଦାସ, ରମଣୀ ରଞ୍ଜନ ସାମଲ, ପାରେଶ୍ୱର ପାତ୍ର, ବିଦ୍ୟାଧର ମଲିକ, ସୁଧାଂଶୁ ଜେନା, ପ୍ରମୋଦ ରାୟ, ସମୀର ପାତ୍ର, ନିରଞ୍ଜନ ସ୍ୱାଇଁ, ଭରତ ଭଦ୍ର, ପଞ୍ଚାନନ ବିଶ୍ୱାଳ, ଗଣେଶ୍ୱର ଦାସ, ଭାଗ୍ୟଧର ମଲିକ, ପ୍ରହଲ୍ଲାଦ ପଣ୍ଡା, ସେବତୀ ତ୍ରିପାଠୀ, ଶତ୍ରୁଘ୍ନ ପାତ୍ର, ପ୍ରତାପ ଜେନା, ଅଭୟ ପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଜନକଲ୍ୟାଣ ଯୋଜନା ଘରେ ଘରେ ପହଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ। ପାରେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ଶତାଧିକ ବିଜେପି ନେତା ଓ କର୍ମୀ ଯୋଗ ଦେଇଥିଲେ।

## ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ସଫେଇ କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ, ୨୧।୯ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସ୍ୱଚ୍ଛ ଭାରତ ସଂଯୋଜକ ରବୀନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପ୍ରତି ପରିବେଶ ସୁରକ୍ଷା ସମଗ୍ର ବିଶ୍ୱ ପାଇଁ ଆହ୍ୱାନ ହୋଇଛି। ପରିବେଶ ସୁରକ୍ଷିତ ନ ହେଲେ ଜୀବଜଗତ ତିଷ୍ଠିବା ଅସମ୍ଭବ। ପରିବେଶ ଦୂଷିତ ହେଲେ ନାନା ରୋଗ ସୃଷ୍ଟି ହୋଇ ସାମାଜିକ ସ୍ଥିତି ପ୍ରତି ବିପଦ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱଚ୍ଛ ଭାରତ ଉପଦେଷ୍ଟା ରାଜୀବ ବାଗ, ମାଷ୍ଟର ଟ୍ରେନର ଅନନ୍ତ କର ପ୍ରମୁଖ ଯୋଗଦେଇ ସ୍ୱଚ୍ଛତାର ମହତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ଲାଷ୍ଟିକ ବର୍ଜନ ସହ ଘରେ ଘରେ ପାଇଖାନା ନିର୍ମାଣ ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ସମିତି ସଭ୍ୟା ସ୍ମୃତିମୟୀ ମଲିକ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ଖଣତା ସରପଞ୍ଚ ଅନୀଲ ଲେଙ୍କା, ସମିତି ସଭ୍ୟ ଅଭୟ ସ୍ୱାଇଁ, ଶଶାଙ୍କ ବିଶ୍ୱାଳ ପ୍ରମୁଖଙ୍କ ସମେତ ସ୍ୱଚ୍ଛ ସାଥୀ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ସ୍ୱଚ୍ଛ ଭାରତ ସଂଯୋଜକ ରବୀନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବ୍ଲକ ପରିସର ସଫେଇ ଓ ବୃକ୍ଷରୋପଣ କରାଯାଇଥିଲା।

### ଭାଙ୍ଗିଗଲାଣି ତାରବାଡ଼; ଚୁପ୍ ବସିଛି ବନ ବିଭାଗ

# କୁମ୍ଭୀର ଭୟରେ ନଦୀକୁ ଯାଉନାହାନ୍ତି ଲୋକେ

ରାଜନଗର, ୨୧।୯ (ସମିସ)



ରାଜନଗର ବ୍ଲକର ନଦୀକୂଳିଆ ଲୋକଙ୍କ ଜୀବନ ଏବେ ବିପଦରେ ପଡ଼ିଛି। ନଦୀରେ କୁମ୍ଭୀର ବୁଲୁଛନ୍ତି। କେତେବେଳେ କାହା ଜୀବନ ଯିବ, କେହି ପାରିବେନାହିଁ। କୁମ୍ଭୀର ଦାଉରୁ ରକ୍ଷା କରିବାକୁ ହୋଇଥିବା ତାରବାଡ ଭାଙ୍ଗିଗଲାଣି। ଫଳରେ କୁମ୍ଭୀର ଭୟରେ ଲୋକେ ନଦୀକୁ ଯାଉନାହାନ୍ତି। ତାରବାଡ ସଜାଡ଼ିବା ପରିବର୍ତ୍ତେ ବନ ବିଭାଗ ଚୁପ୍ ବସିଛି। ନଦୀକୂଳିଆ ଲୋକଙ୍କ ପାଇଁ କୁମ୍ଭୀର ଆକ୍ରମଣର ଭୟ ଘାରିଛି। ନଦୀରେ ପାଦ ରଖିବାକୁ ଲୋକଙ୍କୁ ଭୟ ଲାଗୁଛି। ଦିନ ଥିଲା ସାଧାରଣ କାର୍ଯ୍ୟ ପାଇଁ ନଦୀ ଉପରେ ସମସ୍ତେ ନିର୍ଭର କରୁଥିଲେ। କୁମ୍ଭୀରଙ୍କ ପ୍ରାଦୁର୍ଭାବ ବଢ଼ିବା ପରେ ଲୋକେ ନଦୀକୁ ଯିବାକୁ ଭୟ କଲେଣି।

ଲୋକଙ୍କ ସୁରକ୍ଷିତ ବ୍ୟବହାର ନିମନ୍ତେ ବନ ବିଭାଗ ପକ୍ଷରୁ ନଦୀକୂଳରେ ତାରବାଡର ବ୍ୟବସ୍ଥା କରାଯାଇଥିଲା। ତାହା ଏବେ ଭାଙ୍ଗିଗଲାଣି। ତାରଜାଲି ଉଭାନ ହୋଇଯାଇଛି। କେବଳ ସିମେଣ୍ଟ ଖୁଣ୍ଟ ପଡ଼ିରହିଛି। ଫଳରେ ଏବେ ନଦୀ ତୁଠକୁ ଯିବାକୁ ଭୟ ଲାଗୁଛି। ରାଜନଗର ବ୍ଲକ ଓସ୍ତିଆ, ରାଜପୁର, ବେଳପାଳ ଓ ବନ୍ଧପଡ଼ା ପଞ୍ଚାୟତର ନଦୀକୂଳିଆ ଗ୍ରାମ ଲୋକଙ୍କ ପାଇଁ କରାଯାଇଥିବା ସୁରକ୍ଷା ବାଡ଼ ବ୍ୟବସ୍ଥା ଏବେ ନଷ୍ଟ ହୋଇଯାଇଛି। ଯାହାର ମରାମତି ନିହାତି ଆବଶ୍ୟକ ବୋଲି ଲୋକେ ମତ ଦେଉଛନ୍ତି। ଏହି ନଦୀକୂଳିଆ ଗ୍ରାମରେ ଲୋକେ ଜୀବନକୁ ପାଣି ଛଡାଇ ନଦୀପାଣି ବ୍ୟବହାର କରୁଛନ୍ତି। ଏମାନଙ୍କ ପାଇଁ ବନବିଭାଗ ପକ୍ଷରୁ କୌଣସି ସୁରକ୍ଷା କାର୍ଯ୍ୟକ୍ରମ କରାଯାଇନାହିଁ। କେବଳ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦେଇ ବନ ବିଭାଗ ଚୁପ୍ ବସିଛି। ଲୋକଙ୍କ ଜୀବନ ସୁରକ୍ଷିତ ରଖିବାକୁ ବନ ବିଭାଗ ପକ୍ଷରୁ ଏକ ପ୍ରତିନିଧି ଦଳ ଉକ୍ତ ନଦୀକୂଳିଆ ଗ୍ରାମକୁ ଯାଇ ସମୀକ୍ଷା କରି ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଓ ନଷ୍ଟ ହୋଇଯାଇଥିବା ସୁରକ୍ଷା ବାଡ ମରାମତି କରାଇବାକୁ ଲୋକେ ଦାବି କରିଛନ୍ତି।

## ନିଶାମୁକ୍ତ ଭାରତ ଅଭିଯାନ

# ଗଣଦୌଡ଼ରେ ଅଂଶଗ୍ରହଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ "ନିଶାମୁକ୍ତ ଭାରତ ଅଭିଯାନ'ରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମଠାରୁ ଏକ ଗଣଦୌଡ଼ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଏହି ଗଣ ଦୌଡ଼ରେ ସାମିଲ ହୋଇଥିଲେ। କଳିଙ୍ଗ ଷ୍ଟାଡିଅମ ଠାରୁ ଜନତା ମୈଦାନ ପର୍ଯ୍ୟନ୍ତ ଆୟୋଜିତ ମାରାଥନରେ ମୁଖ୍ୟମନ୍ତ୍ରୀ ନିଜେ ସମସ୍ତ ଛାତ୍ରଛାତ୍ରୀ, ଖେଳାଳି, ଯୁବବର୍ଗ ଓ ଅନେକ ନେତୃବୃନ୍ଦଙ୍କ ସହ ସାମିଲ ହୋଇ ନିଶାମୁକ୍ତ ଭାରତର ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ନିଶାମୁକ୍ତି ଅଭିଯାନ ବିଷୟରେ କହିଥିଲେ। ଆଜିର ସମାଜରେ ମଦ୍ୟପାନ, ଗୁଟଖା, ଧୂମପାନ, ଗଞ୍ଜେଇ ଏବଂ ବିଭିନ୍ନ ଡ୍ରଗ୍ସ ପରି ବିଭିନ୍ନ ମାଦକଦ୍ରବ୍ୟର ପ୍ରଭାବ ଭୟଙ୍କର ଭାବରେ ବଢ଼ୁଛି। ନିଶା କେବଳ ଜଣେ ବ୍ୟକ୍ତିଙ୍କୁ ନଷ୍ଟ କରେନାହିଁ, ନିଶା ନିଜ ସହିତ ନିଜ ପରିବାରକୁ ଛାରଖାର କରିଦିଏ। ତେଣୁ ନିଶା ପାଇଁ ପାଠପଢ଼ାରେ ଅସଫଳତା, ସ୍ୱାସ୍ଥ୍ୟର ଅବନତି, ଅପରାଧ ପ୍ରବୃତ୍ତିରେ ବୃଦ୍ଧି, ପରିବାରରେ ଅଶାନ୍ତି ଆଣିଥାଏ। ଜଣେ ନିଶାସକ୍ତ ଯୁବକ, ତାଙ୍କର ପିତାମାତାଙ୍କ ସ୍ୱପ୍ନକୁ ଭାଙ୍ଗିଦେଇଥାଏ ବୋଲି କହିଥିଲେ।

ଉକ୍ତ କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ମେ ଫେୟାର ଛକ ଠାରେ ଥିବା ଏକ ଚା ଦୋକାନ ପାଖରେ ଚା ପିଇବା ସହିତ ସେଠାରେ ଥିବା ଜନସାଧାରଣଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ରାଜ୍ୟରେ ବେକାରୀ ସମସ୍ୟା ଅସମ୍ଭାଳ

## ଗୃହରକ୍ଷୀ ପଦ ପାଇଁ ସ୍ନାତକ ଓ ସ୍ନାତକୋତ୍ତର ପ୍ରାର୍ଥୀଙ୍କ ଆବେଦନ

**୯୦ ହଜାର ଆବେଦନ ମଧ୍ୟରୁ ୭୦ ହଜାର ପିଲା ଉଚ୍ଚଶିକ୍ଷିତ**

ଭୁବନେଶ୍ୱର,୨୧।୯ (ସମିସ): ରାଜ୍ୟରେ ଉତ୍କଟ ହୋଇଛି ବେକାରୀ ସମସ୍ୟା। ନିଜ ଯୋଗ୍ୟତା ଅନୁସାରେ ଚାକିରି ମିଳୁନାହିଁ, ଫଳରେ ଛୋଟମୋଟ ଚାକିରି ପାଇଁ ପିଲାଙ୍କ ଲମ୍ବା ଧାଡ଼ି ଲାଗୁଛି। ନିକଟରେ ହୋମଗାର୍ଡ ନିଯୁକ୍ତି ସଂକ୍ରାନ୍ତ ଆବେଦନ ଦେଖିଲେ ଏହା ସ୍ପଷ୍ଟ ହୋଇଛି। ନିକଟରେ ଓଡ଼ିଶାରେ ୨୦ ହଜାରରୁ ଅଧିକ ହୋମଗାର୍ଡ ପଦବୀ ପାଇଁ ନିଯୁକ୍ତି ବାହାରିଥିଲା ଓ ଏଥିପାଇଁ ୯୦ ହଜାରରୁ ଅଧିକ ପିଲା ଆବେଦନ କରିଥିଲେ। ହେଲେ ଆବେଦନକାରୀଙ୍କ ମଧ୍ୟରେ ୭୦ ହଜାରଥିଲେ ଉଚ୍ଚ ଶିକ୍ଷିତ । କାହାର ଯୋଗ୍ୟତା ସ୍ନାତକ ତ କାହାର ଯୋଗ୍ୟତା ସ୍ନାତକୋତ୍ତର।

କୋରାପୁଟରେ ହୋମଗାର୍ଡ ପଦବୀ ପାଇଁ ହୋଇଥିଲା ପରୀକ୍ଷା। ୧୨୫ପଦ ପାଇଁ ପରୀକ୍ଷା ଦେଇଛନ୍ତି ୭୦୮୨। ରବିବାର କୋରାପୁଟ ଡିଏଭି ସରକାରୀ ମହାବିଦ୍ୟାଳୟ ପଡ଼ିଆରେ ୧୨୫ଟି ହୋମଗାର୍ଡ ପଦବୀ ପୂରଣ ପାଇଁ ଲିଖିତ ପରୀକ୍ଷା ହୋଇଥିଲା। ଶିକ୍ଷାଗତ ଯୋଗ୍ୟତା ଥିଲା ୫ମ ପାସ୍। ଓ ବୟସ ସୀମା ଥିଲା ୨୦ରୁ ୬୦ ବର୍ଷ। ସରକାରୀ ଚାକିରି ଟିଏ ପାଇବା ପାଇଁ ଏହି ପରୀକ୍ଷାରେ ଭାଗ ନେଇଥିଲେ ୭୦୮୨ ଜଣ। ଯେଉଁଥିରେ ଅଧିକାଂଶ ଥିଲେ ଉଚ୍ଚଶିକ୍ଷିତ। ଚାକିରି ଲୋଭରେ ନିଜ ଶିକ୍ଷାଗତ ଯୋଗ୍ୟତା ଠାରୁ କମ୍ ପଦବୀ ପାଇଁ ଆବେଦନ କରିଥିଲେ ଗ୍ରାଜୁଏଟ୍ ଓ ପୋଷ୍ଟଗ୍ରାଜୁଏଟ୍ ପିଲା। ହୋମଗାର୍ଡ ହୋଇ ରାତିରେ ପହରା ଦେବା, କିମ୍ବା ଡ୍ରାଇଭର ଭାବେ ଗାଡି ଚଳାଇବା ଭଳି କାମ ପାଇଁ ସେମାନେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରି ସାରିଛନ୍ତି। ସେପଟେ ପଞ୍ଚମ ପାସ୍ ଶିକ୍ଷାଗତ ଯୋଗ୍ୟତା ଥିବା ଚାକିରି ପାଇଁ ଉଚ୍ଚଶିକ୍ଷିତ ଆବେଦନ କରିବା ଘଟଣାକୁ ସ୍ୱାଗତ କରିଛନ୍ତି ଏସପି। ତେବେ ହୋମଗାର୍ଡ ଚାକିରି ପାଇଁ ଗ୍ରାଜୁଏଟ୍ ପୋଷ୍ଟଗ୍ରାଜୁଏଟ୍ ସମେତ ଅନେକ ଉଚ୍ଚ ଶିକ୍ଷିତ ବେକାର ଯୁବକ ଯୁବତୀ ଆବେଦନ କରୁଥିବା ଦେଖି ବୁଦ୍ଧିଜୀବୀ ମହଲରେ ଉଠିଛି ପ୍ରଶ୍ନ। କାରଣ ନିଜ ଯୋଗ୍ୟତା ଅନୁସାରେ ଚାକିରି କରିବା ବଦଳରେ ସେମାନେ ତଳ ପଦବୀରେ ଚାକିରି କରୁଛନ୍ତି।

# କଂଗ୍ରେସର ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୧।୯ (ସମିସ): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଠାଇଥିବା ଭୋଟ ଚୋର ଗାଦି ଛାଡ଼ ବିଷୟକୁ ରାଜ୍ୟର ଘରେ ଘରେ ପହଞ୍ଚାଇବା ପାଇଁ କଂଗ୍ରେସ ଦଳ ଅଣ୍ଟା ଭିଡ଼ିଛି। ଏହି କ୍ରମରେ ଓଡ଼ିଶା ପ୍ରଦେଶ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଆଜି କଂଗ୍ରେସ ଭବନ ଠାରେ ଦସ୍ତଖତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଦସ୍ତଖତ କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଭୋଟର ତାଲିକାରେ ଅନିୟମିତତା କରି ମୋଦୀ ସରକାର ଏବଂ ମୋହନ ସରକାର କ୍ଷମତାକୁ ଆସଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଦେଶରେ ଏବଂ ରାଜ୍ୟରେ ଏକ ନିର୍ବାଚିତ ସରକାର ନୁହେଁ ବରଂ ବର୍ତ୍ତମାନ ଏକ ଭୋଟ ଲୁଣ୍ଠନକାରୀ ସରକାର କ୍ଷମତାରେ ଅଛି ବୋଲି କହିଥିଲେ। ଭୋଟ ଚୋରି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବାପାଇଁ ପ୍ରଦେଶ ଅନୁସୂଚିତ ଜାତି ବିଭାଗ ପଞ୍ଚାୟତ ସ୍ତରକୁ ଯିବ ଏବଂ ସାଧାରଣ ଲୋକଙ୍କୁ ସଚେତନ କରାଇବ ବୋଲି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାସନ କୁମାର ମଲ୍ଲିକ ମତପ୍ରକାଶ କରିଥିଲେ। ଉକ୍ତ ବିଷୟକୁ ନେଇ ଓଡ଼ିଶାର ୧୧ଟି ଜନବହୁଳ ସହରରେ ଆଗାମୀ ଦିନରେ ଏକା ସାଙ୍ଗରେ ସାମ୍ବାଦିକ ସମ୍ମିଳନୀ କରାଯିବ ବୋଲି ଆଇନଜୀବୀ ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ।

## ଯୁବକଙ୍କୁ ଅବହେଳା ପ୍ରସଙ୍ଗରେ ବର୍ଷିଲା ଯୁବ ବିଜେଡି

# ନିଶାମୁକ୍ତ ନାରା ଦେଇ ସରକାର ଖୋଲୁଛନ୍ତି ନୂଆ ମଦ ଦୋକାନ

ଭୁବନେଶ୍ୱର,୨୧।୯ (ସମିସ): ରାଜ୍ୟରେ ବିଜେପି କ୍ଷମତାକୁ ଆସିବାର ୧୫ ମାସ ବିତି ଯାଇଥିଲେ ମଧ୍ୟ ଯୁବ ବର୍ଗର ବିକାଶ ପାଇଁ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ୍ ନାହିଁ। ଏଥିପାଇଁ ଯୁବବର୍ଗ ସଂପୂର୍ଣ୍ଣ ଅବହେଳିତ ଓ ହତାଶ ହୋଇପଡିଛନ୍ତି ବୋଲି କହିଛନ୍ତି ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ

### ରାଜଧାନୀରେ ବେକାର ଯୁବକଙ୍କ ସମ୍ମିଳନୀ କରିବ ଯୁବ ବିଜେଡି

ସମ୍ମିଳନୀରେ ଶ୍ରୀ ସାହୁ କହିଛନ୍ତି ଯେ ରାଜ୍ୟରେ ବେକାରୀ ଆଜି ଚରମ ସୀମାରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ କୌଣସି ଯୁବ ନୀତି ନାହିଁ କି ଯୁବବର୍ଗର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ ନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ନିଶାମୁକ୍ତ ଭାରତ ନାରା ଦେଇ ଗଣଦୌଡ ଆୟୋଜନ କରୁଛନ୍ତି; ଅପରପକ୍ଷରେ ସରକାର ଗତକାଲି ରାଜ୍ୟରେ ବନ୍ଦ ହୋଇଥିବା ପ୍ରାୟ ୭୦ଟି ମଦ ଦୋକାନ ଖୋଲିବ ବୋଲି ସୂଚନା ଦେଇଛନ୍ତି। ଏ ଗୁଡିକ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ନିକଟରେ ଥିବାରୁ ବିଜେଡି ସରକାର ଏଗୁଡିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନର ବିଜେପି ସରକାର ଏହାକୁ ପୁଣିଥରେ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ସରକାରଙ୍କ



ଦୋମୁହାଁ ଚରିତ୍ରକୁ ପଦାରେ ପକାଇବା ସହିତ ନିଶାମୁକ୍ତ ଭାରତ ଗଠନର ନାରା କେବଳ ଏକ ପ୍ରହସନ ବୋଲି ଶ୍ରୀ ସାହୁ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି। ଗତ ପନ୍ଦର ମାସରେ ରାଜ୍ୟ ସରକାର ୫୭,୦୦୦ ପଦବୀ ପୂରଣ କଲେଣି ବୋଲି ବାହାସ୍ଫୋଟ ମାରୁଛନ୍ତି। ବାସ୍ତବରେ ଏହି ନିଯୁକ୍ତି ଗୁଡିକର ନିଯୁକ୍ତି ପ୍ରକ୍ରିୟା ନବୀନ ସରକାରଙ୍କ ସମୟରେ ହୋଇଥିଲା। କେବଳ ନିଯୁକ୍ତି ପତ୍ର ବିତରଣ କରି ଏଥିରୁ ବାହାବା ନେବାକୁ ସରକାର ଅପଚେଷ୍ଟା କରୁଛନ୍ତି। ଗତ ପନ୍ଦର ମାସରେ ପନ୍ଦରଟି ପରୀକ୍ଷାରେ ମହାବିଭ୍ରାଟ ଦେଖିବାକୁ ମିଳିଛି। ରାଜ୍ୟ ସରକାର ୧୬ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ବୋଲି ଦାବି କରିଥିଲେ। କିନ୍ତୁ ଗୋଟିଏ ବି ପ୍ରକଳ୍ପର ଗ୍ରାଉଣ୍ଡିଙ୍ଗ ହୋଇ ପାରି ନାହିଁ। ଓଲଟି ପୂର୍ବରୁ ଚୁକ୍ତିବଦ୍ଧ ଥିବା ଅନେକ କମ୍ପାନୀ ଓଡିଶା ଛାଡୁଛନ୍ତି। ନବୀନ ପଟ୍ଟନାୟକଙ୍କ ସମୟରେ ଓଡିଶା କ୍ରୀଡା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରି ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଖ୍ୟାତି ହାସଲ କରିଥିଲା। ଏବେ କ୍ରୀଡା କ୍ଷେତ୍ରରେ ଓଡିଶା ପଛକୁ ଚାଲିଯାଇଛି। ଯୁବବର୍ଗର ସ୍ୱାର୍ଥକୁ ଏଭଳି ଅଣଦେଖା କଲେ ରାଜ୍ୟର ଯୁବବର୍ଗ ରାଜରାସ୍ତାକୁ ଓହ୍ଲାଇବେ। ଏହାଛଡ଼ା ବିଜୁ ଯୁବ ଜନତା ଦଳ ତରଫରୁ ଏକ ବେକାର ଯୁବକ ମାନଙ୍କ ସମ୍ମିଳନୀ ଅତିଶୀଘ୍ର ଆୟୋଜନ କରି ସେମାନଙ୍କ ସ୍ୱାର୍ଥ ହାସଲ ପାଇଁ ସ୍ୱର ଉତ୍ତୋଳନ କରାଯିବ ବୋଲି ସେ କହିଛନ୍ତି।


# ପ୍ରଦୀପ ଜେନା ଭୁବନେଶ୍ୱର କ୍ଲବ ସଭାପତି ନିର୍ବାଚିତ

ଭୁବନେଶ୍ୱର,୨୧।୯ (ସମିସ): ଭୁବନେଶ୍ୱର କ୍ଲବର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଓଇଆର୍‌ସି ଅଧ୍ୟକ୍ଷ ପ୍ରଦୀପ ଜେନା। ସେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ୨ ଥରର ଭୁବନେଶ୍ୱର କ୍ଲବ ସଭାପତି ଅସିତ ତ୍ରିପାଠୀଙ୍କୁ ପରାସ୍ତ କରି ନୂତନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ଜେନା ୮୯୧ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରୀ ତ୍ରିପାଠୀ ୮୭୩ ଖଣ୍ଡ ଭୋଟ ମିଳିଛି। ଏକ କଡ଼ା ନିର୍ବାଚନରେ ମାତ୍ର ୧୮ ଟି ଭୋଟ୍ ବ୍ୟବଧାନରେ ଶ୍ରୀ ଜେନା ବିଜୟୀ ହୋଇଛନ୍ତି। ଅନ୍ୟପଟେ ପରାଜିତ ସଭାପତି ପ୍ରାର୍ଥୀ ଅସିତ ତ୍ରୀପାଠୀଙ୍କ ପ୍ୟାନେଲରୁ ନିର୍ବାଚନ ଲଢୁଥିବା ପ୍ରଗତି ମହାନ୍ତି ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ୬୦ ଟି ଭୋଟ୍ ବ୍ୟବଧାନରେ ନିର୍ବାଚନ ଜିତିଛନ୍ତି। ସମ୍ପାଦକ ଭାବେ ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସ ବିଜୟୀ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ଅସିତ ତ୍ରୀପାଠୀଙ୍କ ପ୍ୟାନେଲରୁ ସମ୍ବିତ ମହାନ୍ତି ନିର୍ବାଚନ ଜିତିଛନ୍ତି। ସେ ୬୮ ଟି ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି।



ସଭାପତି ଭାବେ ନିର୍ବାଚନ ଜିତିବା ପରେ ଶ୍ରୀ ଜେନା କହିଛନ୍ତି ଯେ ସବୁ ମେମ୍ବରଙ୍କୁ ଧନ୍ୟବାଦ ଦେବି। ପାଖାପାଖି ୧୬୦୦ ଲୋକଙ୍କୁ ବ୍ୟକ୍ତିଗତ ଭାବେ ଟେଲିଫୋନ୍ କରିଥିଲି। ମେମ୍ବର ମାନେ ଯାହା ନିଷ୍ପତ୍ତି ନେଇଛନ୍ତି ତାହାକୁ ସମ୍ମାନ ଜଣାଉଛି। ୨ ମାସ ମଧ୍ୟରେ ସାଧାରଣ ପରିଷଦ ବୈଠକ ବସିବ ଓ ସଭାପତି ଏବଂ ସମ୍ପାଦକ ଜୀବନ କାଳ ମଧ୍ୟ ୨ ଥର ହିଁ ରହିପାରିବେ ବୋଲି ନିୟମ ଅଣାଯିବ। କ୍ଲବର ଅନ୍ୟ ସମସ୍ୟା ସମାଧାନ ଦିଗରେ ମଧ୍ୟ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

ରାଜ୍ୟର ସବୁଠୁ ସଂଭ୍ରାନ୍ତ କ୍ଲବ୍ ଭାବରେ ଭୁବନେଶ୍ୱର କ୍ଲବର ପରିଚୟ ରହିଛି। ୨୦ ତାରିଖଠାରୁ ସଭପତି ନିର୍ବାଚନ ପାଇଁ ଭୋଟ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ କାଲି ଇ-ଭୋଟିଂରେ ୫୯୬ ଭୋଟ୍ ପଡ଼ିବା ପରେ ଆଜି କ୍ଲବ ଆସି ବାଲାଟରେ ୧୧୭୮ ଭୋଟ୍ ଦେଇଥିଲେ। ଏଥିପାଇଁ ସକାଳ ୧୦ଟା ପରେ ଭୁବନେଶ୍ୱର କ୍ଲବ ପରିସରରେ ସୃଷ୍ଟି ହୋଇଥିଲା ଖଚାଖଚ ଭିଡ଼। ନିର୍ବାଚନରେ ଭାଗ ନେବାକୁ କ୍ଲବ୍‌କୁ ଜଣକ ପରେ ନାମୀଦାମୀ ବ୍ୟକ୍ତି ବିଶେଷ ଆସି ଭୋଟ୍ ଦେଇଥିଲେ। ଏଥିପାଇଁ ଏଜି ଛକ ଟ୍ରାଫିକ୍ ପୋଷ୍ଟରୁ ଭୁବନେଶ୍ୱର କ୍ଲବ ପର୍ଯ୍ୟନ୍ତ ରାସ୍ତା ବି ଜାମ୍ ହୋଇଯାଇଥିଲା। ଏଥର ନିର୍ବାଚନରେ ପ୍ରଦୀପ ଜେନାଙ୍କ ନାରା 'ଭୋଟ୍ ଫର୍ ଚେଞ୍ଜ୍' ରହିଥିବା ବେଳେ ଅସିତ ତ୍ରିପାଠୀଙ୍କ ସ୍ଲୋଗାନ୍ 'ବିକାଶ ଏକ ଯାତ୍ରା' ରହିଥିଲା।



ମହାଳୟାରେ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ

# ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ବେତନଟୀ,୨୧।୯ (ସମିସ): ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ପୁରିନ୍ଦା ପଞ୍ଚାୟତର ସଂସା ଗାଁରେ ପାରିବାରିକ କଳହରୁ ଏଭଳି କରୁଣ ପରିସ୍ଥିତି ଘଟିଛି। ମୃତକ ହେଲେ ସତ୍ୟଭାମା ମହାନ୍ତ। ରବିବାର ଦ୍ୱିପହରରେ ସ୍ୱାମୀ ଗଣେଶ ମହାନ୍ତ ସାମାନ୍ୟ କଥାରୁ ଉତ୍‌କ୍ଷିପ୍ତ ହୋଇ ପତ୍ନୀ ସତ୍ୟଭାମାଙ୍କୁ ମାଡ଼ ମାରିଥିଲେ। ମନଦୁଃଖରେ ଖଟିଆରେ ସତ୍ୟଭାମା ଶୋଇଥିବାବେଳେ ଗଣେଶ ପୁଣି ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ସତ୍ୟଭାମାଙ୍କର ମୃତ୍ୟୁ ଘଟିଛି।

# ସର୍ବୋଚ୍ଚ ସ୍ତରରେ ହୀରାକୁଦ ଜଳସ୍ତର

ସମ୍ବଲପୁର,୨୧।୯ (ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ହୋଇଥିବା ବେଳେ ରବିବାର ସକାଳ ପ୍ରାୟ ୮ଟା ସମୟରେ ଜଳଭଣ୍ଡାରର ଜଳସ୍ତର ଏହି ସ୍ତରକୁ ପହଞ୍ଚିଥିଲା। ଏହାପରେ ଜଳସ୍ତର ବଜାୟ ରଖାଯାଉଥିବା ବେଳେ ସକାଳ ୮ଟା ୪୫ ମିନିଟ ଏବଂ ୯ଟା ୧୦ ମିନିଟ ସମୟରେ ଦୁଇଟି ସ୍ଲୁଇସ ଗେଟ୍ ଖୋଲାଯାଇଛି। ରବିବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଛି। ନଦୀବନ୍ଧର ବାମ ୩ ଓ ଡାହାଣପାର୍ଶ୍ୱର ଗୋଟିଏ ଲେଖାଏ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୦୨,୨୨୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ସ୍ପିଲୱେ, ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୫,୭୬୦ ଘନଫୁଟ ଜଳପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧,୭୧୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ଦେଇ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି।

ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୪୮ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧.୮୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

# 'ନିଯୁକ୍ତି ପାଇଁ ଲାଗୁ ହେଉ ୱେଟିଂ ବ୍ୟବସ୍ଥା'

ଭୁବନେଶ୍ୱର, ୨୧।୯ (ସମିସ): ନିର୍ଦ୍ଧାରିତ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା କରାଯାଉଥିବାବେଳେ ସମସ୍ତ ପଦ ପୂରଣ ହେଉନାହିଁ। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ବହୁ ପ୍ରାର୍ଥୀ ଚାକିରିରେ ଯୋଗ ଦେଉ ନ ଥିବାରୁ ବହୁ ପଦ ଖାଲି ପଡୁଛି। ଏପରିକି କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଅନ୍ୟ ଚାକିରି ପାଇଲେ ମଧ୍ୟ ଗୋଟିଏ ପଦ ଖାଲି ରହୁଛି। ଏଣୁ ନିଯୁକ୍ତି ସମୟରେ ପୂର୍ବପରି ୱେଟିଂ ଲିଷ୍ଟ ବ୍ୟବସ୍ଥା ଲାଗୁ କରିବାକୁ ଆଶାୟୀମାନେ ଦାବି କରିଛନ୍ତି। ଏନେଇ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କୁ ଦାବିପତ୍ର ଦେଇଛନ୍ତି। ଓଡ଼ିଶା ଲୋକ ସେବା ଆୟୋଗ (ଏପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ର ନିଯୁକ୍ତି ପାଇଁ ୨୦୨୦ ପୂର୍ବରୁ ୱେଟିଂ ପ୍ରକ୍ରିୟା ଲାଗୁ ହେଉଥିଲା। ଫଳରେ ଫାଙ୍କା ରହି ଯାଉଥିବା ପଦରେ ୱେଟିଂ ତାଲିକାରେ ଥିବା ଆଶାୟୀମାନେ କ୍ରମାନ୍ୱୟରେ ନିଯୁକ୍ତି ପାଉଥିଲେ। ସମସ୍ତ ପଦ ପୂରଣ ହେବା ସହ ବହୁ ପିଲା ନିଯୁକ୍ତି ପାଉଥିଲେ। ଏହା ଉଚ୍ଛେଦ କରିବାରୁ ଅନେକ ପଦ ଖାଲି ରହୁଛି। ନିକଟରେ ବାଟାଲିଅନ୍ ଏବଂ ପୁଲିସ୍ ଡ୍ରାଇଭର୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ବାଟାଲିଅନ୍‌ରେ ପାଇଥିବା ପ୍ରାୟ ୬୦ଜଣ ପିଲା ଡ୍ରାଇଭର୍ ମଧ୍ୟ ପାଇଥିବାରୁ କୌଣସି ଗୋଟିଏ ସ୍ଥାନରେ ଯୋଗଦେବେ। ଫଳରେ ଏ ସବୁ ପଦ ଫାଙ୍କା ରହିବ। ଏଣୁ ୱେଟିଂ ତାଲିକା ବ୍ୟବସ୍ଥା ପୁନଃ ଲାଗୁ କରିବା ପାଇଁ ଆଶାୟୀ ସୁନୀଲ କୁମାର ମିଶ୍ର, ଶୁଭ୍ରଜିତ୍ ସାହୁ, ଆଲୋକ ରଥ, ନିବାସ କୁଣ୍ଡୁ, ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କ ସମେତ ବହୁ ଆଶାୟୀ ଦାବିପତ୍ର ପ୍ରଦାନ କରିଛନ୍ତି।

## ଉପର ପଡ଼ିଆରେ ହେବନି ବାଲିଯାତ୍ରା

# ସରକାରଙ୍କ ନିଷ୍ପତ୍ତିକୁ ଭର୍ତ୍ତୃହରିଙ୍କ ସମାଲୋଚନା

କଟକ,୨୧।୯ (ସମିସ): ନଭେମ୍ବର ୫ରୁ ଆରମ୍ଭ ହେବ ଐତିହାସକ କଟକ ବାଲିଯାତ୍ରା। ହେଲେ ଦୀର୍ଘବର୍ଷ ଧରି ଚାଲି ଆସୁଥିବା ଏହି ବାଣିଜ୍ୟମେଳାକୁ ନୂଆ ଢ଼ାଞ୍ଚାରେ ଆୟୋଜନ କରିବାକୁ ଉଦ୍ୟମ କରି ବିରୋଧାଭାଷର ଶିକାର ହେଉଛି କଟକ ଜିଲ୍ଲା ପ୍ରଶାସନ। ଏଥର ଉପର ପଡ଼ିଆ ତଥା କିଲ୍ଲା ପଡ଼ିଆରେ ବାଲିଯାତ୍ରାର ଷ୍ଟଲ ପଡ଼ିବ ନାହିଁ। କେବଳ ତଳ ପଡ଼ିଆରେ ଯାତ୍ରା ଆୟୋଜନ ହେବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ସାଂସଦ ଭର୍ତ୍ତୃହରି ମହତାବ ପ୍ରଶାସନର ନିଷ୍ପତ୍ତି ଭୁଲ୍ ବୋଲି ଖୋଲାଖୋଲି ଭାବେ କହିଛନ୍ତି। ଘଟଣା ବାବଦରେ ଗଣମାଧ୍ୟମକୁ ଅଧିକ ପ୍ରତିକ୍ରିୟା ଦେଇ ନଥିଲେ ସୁଦ୍ଧା ବାଲିଯାତ୍ରା ଉପର ପଡ଼ିଆରେ ମଧ୍ୟ ହେବା ଉଚିତ୍ ବୋଲି ଶ୍ରୀ ମହତାବ ମତ ଦେଇଛନ୍ତି।

ବାଲିଯାତ୍ରା ଆୟୋଜନର ତରିକା ବଦଳାଇବା କଟକ ଜିଲ୍ଲା ପ୍ରଶାସନ ପାଇଁ ମହଙ୍ଗା ପଡ଼ିଆରେ। ଦୁଇଟି ପଡ଼ିଆରେ ଲକ୍ଷଲକ୍ଷ ଜନସମାଗମ ହୁଏ। ମାତ୍ର ଏଥର ସମସ୍ତ ଷ୍ଟଲକୁ ଗୋଟିଏ ପଡ଼ିଆରେ ଏକଜୁଟ କରାଯିବ। ଯଦ୍ୱାରା ଭିଡ଼ ନିୟନ୍ତ୍ରଣରେ ପୁଲିସ ଓ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଉପର ପଡ଼ିଆରେ ମେଳା ଆୟୋଜନ ନକରି କେବଳ ତଳ ପଡ଼ିଆରେ ୧୬୫୪ ଷ୍ଟଲ ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଏହା ଭିତରେ ରିଂରୋଡରୁ କିଛି ଗଛ କଟାଯିବାକୁ ଯୋଜନା ରହିଛି। ତେବେ ଗୋଟିଏ ପଡ଼ିଆରେ ବାଲିଯାତ୍ରା ଆୟୋଜନର ନିଷ୍ପତ୍ତିକୁ ନେଇ ପ୍ରଶାସନକୁ ଟାର୍ଗେଟ କରାଯାଉଛି। ଦୁଇ ଦିନ ପୂର୍ବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ପ୍ରଶାସନର ନିଷ୍ପତ୍ତି କଟକିଆଙ୍କ ଭାବାବେଗ ପ୍ରତି କୁଠାରଘାତ ବୋଲି କହିଥିଲେ।

## କାର୍ଯ୍ୟକାରୀ ହେଉନି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ୪ ମାସ ପରେ ବି ମିଳିନି କମ୍ବଳ, ମଶାରୀ ଭତ୍ତା

ଭୁବନେଶ୍ୱର,୨୧।୯ (ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ମାନୁ ନାହାନ୍ତି ସରକାରୀ ଅଧିକାରୀ। ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ମୁଖ୍ୟମନ୍ତ୍ରୀଙ୍କୁ କିଛି ଦାବି ଅବଗତ କରାଇଥିଲା। ଏହି ଦାବି ସମୂହକୁ ଅନୁଧ୍ୟାନ କରି ଶୀଘ୍ର ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି କରି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ଘଟଣାକୁ ୪ ମାସ ବିତିଯାଇଥିଲେ ମଧ୍ୟ ଏହା ପୂରଣ ହୋଇପାରି ନାହିଁ। ଏହାସହିତ ମୁଖ୍ୟମନ୍ତ୍ରୀ ଗତ ଜୁନ ୩ ତାରିଖରେ ଦେବଗଡରେ ଏକ ସମାବେଶରେ କେନ୍ଦୁପତ୍ର ତୋଳାଳି ମାନଙ୍କୁ ବିଭିନ୍ନ ସାମାଜିକ ନିରାପତ୍ତା ପାଇଁ ୪୬୦ ଓ ବନ୍ଧେଇ ଶ୍ରମିକମାନଙ୍କୁ କମ୍ବଳ ଓ ମଶାରୀ ପାଇଁ ୭୦୦ ଟଙ୍କା ସହାୟତା ଘୋଷଣା କରିଥିଲେ। ଏହି ଘୋଷଣାକୁ ୪ ମାସ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ଏଭଳି ଘଟଣାକୁ ନେଇ ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ଗଭୀର କ୍ଷୋଭ ପ୍ରକାଶ କରିବା ସହିତ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ (ଅରଣ୍ୟ ଭବନ) ଘେରଉ କରିବାକୁ ନିଷ୍ପତ୍ତି ନେଇଛି।

ଏହା ପୂର୍ବରୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ଓ ଡିଭିଜନ ସ୍ତରୀୟ କର୍ମକର୍ତ୍ତାମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘର ରାଜ୍ୟ ସଭାପତି



ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବସିଥିବା ବେଳେ ଏଥିରେ କେନ୍ଦୁପତ୍ର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଏଥିରେ ଉପରୋକ୍ତ ସମସ୍ୟା ସହିତ ୨୦୨୪ ମସିହା ଜୁଲାଇ ୧୮ ତାରିଖରେ ନୂତନ ସର୍ବନିମ୍ନ ମଜୁରୀ ସରକାର ଘୋଷଣା କରିଥିଲେ ମଧ୍ୟ ବର୍ଦ୍ଧିତ ହାରରେ ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ଏକ ବର୍ଷ ୩ ମାସ ହେବାକୁ ଯାଉଥିଲେ ମଧ୍ୟ ଏହା ସଂଶୋଧନ କିମ୍ବା ବୃଦ୍ଧି ହୋଇନାହିଁ। ଏଥିଯୋଗୁଁ ୧୭/୧୮ ହଜାର ସିଜିନାଲ କର୍ମଚାରୀ କ୍ଷତିଗ୍ରସ୍ତ ହେଉଛନ୍ତି। କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକ ମାନଙ୍କ ୨ ଟି କନ୍ୟାର ବିବାହ ପାଇଁ ୨୫୦୦୦ ଟଙ୍କା ସାମାଜିକ ଆର୍ଥିକ ସହାୟତା ନେଇ ପୂର୍ବ ସରକାର ଘୋଷଣା କରିଥିଲେ। କିନ୍ତୁ ଏହାକୁ ବାତିଲ କରିଦିଆଯାଇଛି। ଏହାସହିତ ୧୦୦ କୋଟିର ବଜେଟ୍ ମଞ୍ଜୁରୀ ଅର୍ଥ ମଧ୍ୟ ୫୦ କୋଟି ଟଙ୍କା କାଟି ଦିଆଯାଇଛି।

ଏ ସବୁ ବିଷୟରେ ବାରମ୍ବାର ଦାବି, ସ୍ମାରକ ପତ୍ର, ଉଚ୍ଚସ୍ତରୀୟ ସାକ୍ଷାତ ଆଲୋଚନା ସ୍ଥଳେ ଏବଂ

### ଅରଣ୍ୟ ଭବନ ଘେରିବ କେନ୍ଦୁପତ୍ର କର୍ମଚାରୀ ସଂଘ

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏଥିରେ ଅବହେଳା କରୁଥିବା ସଂଘ କହିଛି। ତେଣୁ ଆସନ୍ତା ଅକ୍ଟୋବର ୧୪ ତାରିଖରେ ଏହି ସଂସ୍ଥାର ସର୍ବୋଚ୍ଚ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ଅରଣ୍ୟ ଭବନରେ ଏକ ବିଶାଳ ସମାବେଶ ଓ ଧାରଣା ଆନ୍ଦୋଳନ ହେବ ବୋଲି ସଂଘ ନିଷ୍ପତ୍ତି ନେଇଛି। ଉକ୍ତ କର୍ମକର୍ତ୍ତା ବୈଠକରେ ଉପସଭାପତି ଗୋକୁଳ ମେହେର ରାଜ୍ୟ ସଂଗଠନ ସମ୍ପାଦକ ସଂଜିତ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୭୯୧- ପ୍ରସିଦ୍ଧ ବୈଜ୍ଞାନିକ ମାଇକେଲ୍ ଫାରାଡେଙ୍କ ଜନ୍ମ।
- ୧୮୮୮- ନେସନ୍ୟାଲ୍ ଜିଓଗ୍ରାଫିକ୍ ପତ୍ରିକାର ପ୍ରଥମ ଅଙ୍କ ପ୍ରକାଶିତ ହୋଇଥିଲା।
- ୧୯୫୫- ବ୍ରିଟେନରେ ପ୍ରଥମ ଥର ଟିଭିରେ ବିଜ୍ଞାପନ ପ୍ରସାରିତ ହେଲା।
- ୧୯୮୦- ଇରାକ୍, ଇରାନ୍ ଉପରେ ଆକ୍ରମଣ କଲା।
- ୨୦୧୩- ପାକିସ୍ତାନର ପେଶୱାରରେ ଏକ ଚର୍ଚ୍ଚ ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ଅତିକମ୍‌ରେ ୧୨୭ ଜଣଙ୍କ ମୃତ୍ୟୁ।

## 'କଲ୍‌କୀ ୨'ରୁ ବାହାରିଲେ
# ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ କିଛି ଦିନ ପୂର୍ବରୁ 'ସ୍ପିରିଟ୍'ର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ସହ ବିବାଦକୁ ନେଇ ଚର୍ଚ୍ଚାରେ ରହିଥିଲେ। ଇତିମଧ୍ୟରେ ଦୀପିକାଙ୍କ ହାତରୁ ଆଉ ଏକ ବଡ଼ ପ୍ରୋଜେକ୍ଟ ମଧ୍ୟ ଚାଲି ଯାଇଛି। 'କଲ୍‌କୀ ୨୮୯୮ ଏଡି'ର ସିକ୍ୱେଲ 'କଲ୍‌କୀ ୨'ରୁ ଏବେ ଦୀପିକା ବାଦ୍ ପଡ଼ିଛନ୍ତି। ନିକଟରେ ପ୍ରଯୋଜନା ସଂସ୍ଥା ବୈଜୟନ୍ତୀ ଫିଲ୍ମସ୍ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରି ଏବିଷୟରେ ସୂଚନା ଦିଆଯାଇଛି। ତେବେ ଦୀପିକା 'କଲ୍‌କୀ ୨'ର ନିର୍ମାତାଙ୍କ ପାଖରେ କିଛି ସର୍ତ୍ତ ରଖିଥିଲେ। ଏହି ସର୍ତ୍ତ ପାଇଁ ତାଙ୍କୁ ଫିଲ୍ମରୁ ବାଦ୍ ଦିଆଗଲା ବୋଲି ଜଣାପଡ଼ିଛି। ଦୀପିକା ଏହାର ସିକ୍ୱେଲ ପାଇଁ ୨୫% ଅଧିକ ପାରିଶ୍ରମିକ ଦାବି କରିବା ସହ ସାତଘଣ୍ଟିଆ ସିଫ୍ଟରେ ସୁଟ୍ କରିବେ ବୋଲି କହିଥିଲେ। ତେବେ ଏହା ଏକ ଭିଏଫ୍‌ଏକ୍ସ ଫିଲ୍ମ ହୋଇଥିବାରୁ ଏତେ କମ୍ ସମୟରେ ସୁଟ୍ କରିବା ଦ୍ୱାରା ଫିଲ୍ମର ବଜେଟ୍ ବୃଦ୍ଧି ପାଇବ। ଏହାବାଦ୍ ସେ ତାଙ୍କ ସପୋର୍ଟ ଟିମ୍ ରହିବା ପାଇଁ ପଞ୍ଚ ତାରକା ହୋଟେଲ ଯୋଗାଇ ଦେବାକୁ କହିଥିଲେ। ଦିନକୁ ଦିନ ଦୀପିକାଙ୍କ ସର୍ତ୍ତ ବଢ଼ିବାରୁ ପ୍ରଡକ୍ସନ୍ ଟିମ୍ ତାଙ୍କୁ ବାଦ୍ ଦେବା ପାଇଁ ସ୍ଥିର କରିଥିବା ଚର୍ଚ୍ଚା ହେଉଛି। ଫିଲ୍ମ ନିର୍ମାତା ଏହାର କାହାଣୀରେ ପରିବର୍ତ୍ତନ କରି ଦୀପିକାଙ୍କ ଭୂମିକାକୁ ଛୋଟ କରିଦେବାରୁ ସେ ଏହି ଫିଲ୍ମ ଛାଡ଼ି ଦେଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହାପୂର୍ବରୁ 'ସ୍ପିରିଟ୍'ରୁ ମଧ୍ୟ ଦୀପିକାଙ୍କ ସର୍ତ୍ତ ପାଇଁ ତାଙ୍କୁ ବାଦ୍ ଦିଆଯାଇଥିଲା।



# ବିଶ୍ୱ ଗୋଲାପ ଦିବସ
## କର୍କଟ ରୋଗୀଙ୍କ ମନୋବଳ ବୃଦ୍ଧି ପାଇଁ ଦିନଟିଏ

ଗୋଲାପ ଫୁଲକୁ ସ୍ନେହ ଓ ପ୍ରେମର ପ୍ରତୀକ ଭାବେ ଧରାଯାଏ। କ୍ୟାନ୍ସର ପରି ଏକ ମାରାତ୍ମକ ବ୍ୟାଧି ସହ ଲଢୁଥିବା ରୋଗୀଙ୍କୁ ଗୋଲାପ ଫୁଲଟିଏ ଦେଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ସହ ଜୀବନ ପ୍ରତି ନୂତନ ଆଶା ସଞ୍ଚାର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୨ ତାରିଖକୁ 'ବିଶ୍ୱ ଗୋଲାପ ଦିବସ' ଭାବେ ପାଳନ କରାଯାଏ। କର୍କଟ ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଜୀଇଁବା ପାଇଁ ପ୍ରେରଣା ଦେବା ତଥା ତାଙ୍କ ଜୀବନରେ ଖୁସି ଆଣିଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଗୋଲାପ ଫୁଲକୁ ଦେଖିବା ମାତ୍ରେ ମନରେ ଏକ ସକାରାତ୍ମକ ଭାବନା ଆସିଥାଏ। ଏହି ଦିନ କର୍କଟ ରୋଗୀଙ୍କୁ ଗୋଲାପ ଫୁଲ ଦେଇ ଏହି ସନ୍ଦେଶ ଦିଆଯାଏ ଯେ, କ୍ୟାନ୍ସର ଜୀବନର ଅନ୍ତ ନୁହେଁ, ଆରମ୍ଭ। ଦୃଢ଼ ଇଚ୍ଛା ଶକ୍ତି ଦ୍ୱାରା କ୍ୟାନ୍ସର ଯୁଦ୍ଧକୁ ଜିତିହେବ। ୱାର୍ଲଡ୍ ରୋଜ୍ ଡେ' ପାଳନର ଆରମ୍ଭ ୧୯୯୪ ମସିହାରୁ ହୋଇଥିଲା। କାନାଡ଼ାର ୧୨ ବର୍ଷୀୟା କ୍ୟାନ୍ସର ପୀଡ଼ିତା ମେଲିଣ୍ଡା ରୋଜ୍‌ଙ୍କ ସ୍ମୃତିରେ ଏହି ଦିବସ ପାଳନ କରାଯାଏ। କୁନି ବୟସରୁ ମେଲିଣ୍ଡା ବ୍ଲଡ୍ କ୍ୟାନ୍ସରର ଏକ ବିରଳ ପ୍ରକାର ଆସ୍କିନ୍ସ ଟ୍ୟୁମରରେ ପୀଡ଼ିତ ଥିଲେ। ଅତି ସାହସର ସହ ସେ ଶେଷ ପର୍ଯ୍ୟନ୍ତ ଏହି ରୋଗ ସହ ଲଢ଼ିଥିଲେ। ମେଲିଣ୍ଡା କ୍ୟାନ୍ସରର ଲାଷ୍ଟ ଷ୍ଟେଜ୍‌ରେ ଥିଲେ। ସେ ଆଉ ଗୋଟିଏ କି ଦୁଇ ସପ୍ତାହ ବଞ୍ଚିବେ ବୋଲି ଡାକ୍ତର କହିଥିଲେ। ମେଲିଣ୍ଡା ତାଙ୍କର ଦୃଢ଼ ଇଚ୍ଛାଶକ୍ତି ବଳରେ ଡାକ୍ତରଙ୍କୁ ଭୁଲ୍ ସାବ୍ୟସ୍ତ କରି ଛଅମାସ ବଞ୍ଚିଥିଲେ। ଏହି ଛଅମାସ ମଧ୍ୟରେ ପ୍ରତି ମୁହୂର୍ତ୍ତକୁ ସ୍ମରଣୀୟ କରିବା ସହ ଖୁସିର ବାର୍ତ୍ତା ବାଣ୍ଟୁଥିଲେ। ସେ ଅନ୍ୟ କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ କବିତା, ଇମେଲ୍ ଆଦି ଲେଖୁଥିଲେ। ୧୨ ବର୍ଷର ଏହି ଝିଅ ଜଣକ କ୍ୟାନ୍ସର ରୋଗୀଙ୍କ ପାଇଁ ଏକ ଉଦାହରଣ ହୋଇଗଲେ। ସେ କର୍କଟ ରୋଗ ସହ ଲଢୁଥିବା ରୋଗୀମାନଙ୍କ ପାଇଁ ଆଶାର କିରଣ ସାଜିଥିଲେ। ମେଲିଣ୍ଡାଙ୍କର ଏହି ଆକର୍ଷଣୀୟ ବ୍ୟକ୍ତିତ୍ୱ ତଥା ତାଙ୍କ ସାହସକୁ ମନେ ପକାଇ ପ୍ରତିବର୍ଷ ସେପ୍ଟେମ୍ବର ୨୨କୁ ବିଶ୍ୱ ଗୋଲାପ ଦିବସ ବା ୱାର୍ଲଡ ରୋଜ୍ ଡେ' ଭାବେ ପାଳନ କରାଯାଏ। ଏହି ଦିନ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲୋକେ କ୍ୟାନ୍ସର ରୋଗୀମାନଙ୍କୁ ଗୋଲାପ ଫୁଲ ଦେବା ସହ ସେମାନଙ୍କ ସହ ସମୟ ଅତିବାହିତ କରନ୍ତି।

# ସବୁଠୁ ଦାମୀ ଶାଢ଼ି 'ବିବାହ ପଟ୍ଟୁ'

ଶାଢ଼ି ଭାରତୀୟ ମହିଳାମାନଙ୍କର ଏକ ପାରମ୍ପରିକ ପରିଧାନ। ସାଧାରଣତଃ ଶାଢ଼ିର ଡିଜାଇନ୍ ଓ କପଡ଼ା ଅନୁସାରେ ଏହାର ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। ଏହି କ୍ରମରେ ବିଶ୍ୱର ସବୁଠୁ ଦାମୀ ଶାଢ଼ି ଭାବେ 'ବିବାହ ପଟ୍ଟୁ' ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଏହା ଏକ ଚେନ୍ନାଇ ସିଲ୍‌କ ଶାଢ଼ି। ଏହାର ଦାମ୍ ୩୯.୯୩ ଲକ୍ଷ। ଏଥିରେ ସୁନା, ରୂପା, ହୀରା ଆଦି ଖଚିତ ହେବା ସହ ପ୍ରସିଦ୍ଧ ଚିତ୍ରକର ରବି ବର୍ମାଙ୍କର ୧୧ଟି ପେଣ୍ଟିଂକୁ ବୁଣାଯାଇଛି। ତନ୍ମଧ୍ୟରୁ ସ୍ୱତନ୍ତ୍ର ହେଉଛି 'ଗାଲାକ୍ସି ଅଫ୍ ମ୍ୟୁଜିସିୟାନ୍ସ'। ଏଥିରେ ବିଭିନ୍ନ ରାଜ୍ୟର ମହିଳାମାନେ ନିଜର ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଉଥିବାର ଦେଖାଯାଇଛନ୍ତି। ଏହି ଶାଢ଼ିରେ ୫୯.୭ ଗ୍ରାମ୍ ସୁନା, ୩.୯୧୩ କ୍ୟାରେଟ୍ ହୀରା, ୧୨୦ ମିଲିଗ୍ରାମ୍ ପ୍ଲାଟିନମ୍, ୫୫ ସେଟ୍ ପନ୍ନା, ୨.୯୮୫ କ୍ୟାରେଟ୍ ରୁବି, ନବରତ୍ନ ପଥର, ମୋତି, ମୁଙ୍ଗା ଆଦି ଦାମୀ ରତ୍ନର ମଧ୍ୟ ବ୍ୟବହାର କରାଯାଇଛି। ୮ କିଲୋ ଓଜନର ଏହି ଶାଢ଼ିରେ ୬୪ ପ୍ରକାରର ରଙ୍ଗ ଓ ୧୦ ଟି ନିଆରା ଡିଜାଇନ୍‌ର ବ୍ୟବହାର କରାଯାଇଛି। ଏହାର ଓଜନ ଅଧିକ ଥିବା ସତ୍ତ୍ୱେ, ଏହାକୁ ସାଧାରଣ ଶାଢ଼ି ଭଳି ପିନ୍ଧାଯାଇ ପାରିବ। ଏହାକୁ ଏପର୍ଯ୍ୟନ୍ତ ଦୁଇଥର କିଣାଯାଇ ସାରିଛି। ଏହି ଶାଢ଼ି ପ୍ରଥମେ ବେଙ୍ଗାଲୁରୁର ଜଣେ ବ୍ୟବସାୟୀ ୧୦ମ ବିବାହ ବାର୍ଷିକୀ ଅବସରରେ ପତ୍ନୀଙ୍କୁ ଉପହାର ଦେବା ପାଇଁ କିଣିଥିଲେ। ଏହାପରେ କୁଏତ୍‌ର ଜଣେ ଧନୀ ବ୍ୟବସାୟୀ ବି ଏହି ଶାଢ଼ି ତିଆରି କରିବା ଲାଗି ଅନୁରୋଧ କରିଥିଲେ। ତେବେ ଏହି ଶାଢ଼ି କେବଳ ପିନ୍ଧିବା ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଏକ ଅମୂଲ୍ୟ କଳାକୃତି, ଯାହା ଭାରତୀୟ ବୟନ କଳା ଗୌରବକୁ ବିଶ୍ୱରେ ଏକ ଭିନ୍ନ ପରିଚୟ ପ୍ରଦାନ କରିଛି।



# ଦୁର୍ଗା ଚାଳିଶା ପାଠର ନିୟମ



ନବରାତ୍ରୀରେ ମା' ଦୁର୍ଗା ନଅଟି ରୂପରେ ପୂଜା ପାଇଥାନ୍ତି। ଏହି ନଅଦିନ ମା' ଦୁର୍ଗା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ରୂପରେ ପୂଜା ପାଇଥାନ୍ତି। ଏହି ନବଦିନାତ୍ମକ ପୂଜାରେ ମା'ଙ୍କ ପୂଜାର୍ଚ୍ଚନା ସହ ଦୁର୍ଗାସପ୍ତଶତୀ ଏବଂ ଦୁର୍ଗା ଚାଳିଶା ପାଠ କରାଯାଏ। ଦୁର୍ଗା ଚାଳିଶା ପାଠ ଦ୍ୱାରା ମାନସିକ ଶାନ୍ତି ପ୍ରାପ୍ତ ହୁଏ। ଘରୁ ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ଆର୍ଥିକ ଲାଭ ହୁଏ। ତେବେ ଦୁର୍ଗା ଚାଳିଶା କିଭଳି ପାଠ କରିବେ, ସେ ସମ୍ପର୍କରେ ଜାଣିବା।

- ସକାଳୁ ସ୍ନାନ ସାରି ଭଲ ବସ୍ତ୍ର ପରିଧାନ କରନ୍ତୁ।
- ଏହାପରେ ଦେବୀ ମାତାଙ୍କ ପୂଜାର୍ଚ୍ଚନା କରନ୍ତୁ।
- ମା' ଦୁର୍ଗାଙ୍କୁ ଫୁଲ, ଧୂପ, ଦୀପ ଲାଗି କରିବା ସହ ପ୍ରସାଦ ଭୋଗ କରନ୍ତୁ।
- ଏହା ପରେ ଦୁର୍ଗା ଚାଳିଶା ପାଠ କରନ୍ତୁ।
- ଦୁର୍ଗା ଚାଳିଶା ପାଠ କରିସାରିବା ପରେ ମା'ଙ୍କ ଆରତୀ କରି ପ୍ରସାଦ ଗ୍ରହଣ କରନ୍ତୁ।

# ସ୍ୱସ୍ତି

# କନ୍ୟା ପୂଜା



ଖୁବ୍ ଶୀଘ୍ର ଆରମ୍ଭ ହେବ ଶାରଦୀୟ ନବରାତ୍ରୀ। ଆଶ୍ୱିନ ପ୍ରତିପଦାରୁ ନବରାତ୍ରୀ ପ୍ରାରମ୍ଭ ହୋଇଥାଏ ଏବଂ ଏହା ନବମୀ ତିଥି ପର୍ଯ୍ୟନ୍ତ ଚାଲେ। ନବରାତ୍ରୀ କନ୍ୟା ପୂଜାରେ ଶେଷ ହୋଇଥାଏ। ଏହା ପରେ ପାଳନ କରାଯାଏ ଦଶହରା। ତେବେ କନ୍ୟା ପୂଜା ବିନା ନବରାତ୍ରିର ନଅ ଦିନର ସାଧନାର ଫଳ ମିଳି ନ ଥାଏ। ଅଷ୍ଟମୀ ଏବଂ ନବମୀ ପୂଜା ପରେ କନ୍ୟା ପୂଜା କରାଯାଏ। ଏଥିରେ କନ୍ୟାମାନଙ୍କୁ ପୂଜା କରାଯାଇ ଭୋଜନ ଓ ଉପହାର ପ୍ରଦାନ କରାଯାଇ ଆଶୀର୍ବାଦ କାମନା କରାଯାଏ।

- ପ୍ରଥମେ କନ୍ୟାଙ୍କ ପାଦ ପ୍ରକ୍ଷାଳନ କରାଯାଏ।
- ଏହା ପରେ ତିଳକ କରାଯାଏ।
- ଏହାପରେ ଖାଦ୍ୟ ପ୍ରଦାନ କରାଯାଏ ଏବଂ ତା'ପରେ ଉପହାର ଦେବାର ନିୟମ ଅଛି।
- କନ୍ୟା ପୂଜା ଦ୍ୱାରା ଘରେ ମା' ଦୁର୍ଗା ବାସ କରନ୍ତି।
- କୌଣସି କନ୍ୟାଙ୍କୁ ଅପମାନିତ କିମ୍ବା ଦୁଃଖ ଦେବା ଅନୁଚିତ।
- ଉପହାରରେ କୌଣସି କଳା ରଙ୍ଗ ଜିନିଷ ପ୍ରଦାନ କରନ୍ତୁ ନାହିଁ। ଏହା ଦ୍ୱାରା ଶନି ଦୋଷ ଲାଗେ।
- ସେହିପରି କାଚ ଜିନିଷ ଦିଅନ୍ତୁ ନାହିଁ।
- ଚମଡ଼ାରୁ ତିଆରି ଜିନିଷ, ଷ୍ଟିଲ ଏବଂ ଲୁହା ଜିନିଷ ଦିଅନ୍ତୁ ନାହିଁ।
- କନ୍ୟା ସହିତ ଜଣେ ଛୋଟ ବାଳକକୁ ଆମନ୍ତ୍ରିତ କରିବା ଉଚିତ।
- ଉପହାରରେ ପୁରୁଣା ଓ ବ୍ୟବହୃତ ଜିନିଷ ପ୍ରଦାନ କରନ୍ତୁ ନାହିଁ।

# ନବରାତ୍ରୀରେ ଦୀପ ପ୍ରଜ୍ୱଳନ



ନବରାତ୍ରୀର ନଅଦିନରେ ନିତିଦିନ ଦେବୀଙ୍କ ଅଲଗା ଅଲଗା ରୂପକୁ ପୂଜା କରାଯାଏ। ଏଥିରେ ଅଖଣ୍ଡ ଦୀପ ପ୍ରଜ୍ୱଳନର ପରମ୍ପରା ରହିଛି। ଶାସ୍ତ୍ରରେ ଦୀପ ପ୍ରଜ୍ୱଳନର ବିଶେଷ ମହତ୍ତ୍ୱ ରହିଛି। ଏହି ନଅ ଦିନ ଦୀପ ପ୍ରଜ୍ୱଳନ କରିବା ଦ୍ୱାରା ଜୀବନର ଅନ୍ଧକାର ଦୂର ହୁଏ। ଘରେ ସୁଖ ଓ ସମୃଦ୍ଧିର ଆଗମନ ହୁଏ। ଏହି ଅବଧି ମଧ୍ୟରେ କେଉଁ କେଉଁ ସ୍ଥାନରେ ଦୀପ ଜାଳିବା ଦରକାର, ସେ ସମ୍ପର୍କରେ ଜାଣିବା।

### ମୁଖ୍ୟଦ୍ୱାର

ଶାସ୍ତ୍ରରେ ମୁଖ୍ୟ ଦ୍ୱାରରେ ଦୀପ ଜାଳିବା ଶୁଭ। ଏହା ଦ୍ୱାରା ଘରକୁ ଦେବୀଦେବତାଙ୍କର ପ୍ରବେଶ ହୋଇଥାଏ ଏବଂ ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଏ।

### ପୂଜାଘର

ପ୍ରଥମ ଦୀପ ଘରର ମନ୍ଦିର ଏବଂ ପୂଜା ସ୍ଥାନରେ ଜାଳିବା ଉଚିତ। ଏହା ଦ୍ୱାରା ଘରେ ସକାରାତ୍ମକ ଶକ୍ତିର ସଞ୍ଚାର ହୁଏ।

### ରୋଷେଇ ଘର

ନବରାତ୍ରୀରେ ରୋଷେଇ ଘରେ ଦୀପ ଜାଳିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି। ଘରେ ଅନ୍ନର ଅଭାବ ଦେଖା ଦିଏ ନାହିଁ।

### ତୁଳସୀ ଚଉରା

ହିନ୍ଦୁ ଧର୍ମରେ ତୁଳସୀ ଗଛକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଇଛି। ଏହି ନଅଦିନ ଯାକ ସନ୍ଧ୍ୟାରେ ଦୀପ ଜାଳିବା ଭଲ।

# ସୂର୍ଯ୍ୟାସ୍ତ ପରେ ଝାଡୁ କରିବା ମନା

**ରାତିରେ ଝାଡୁ ନ କରିବାର ନିୟମ ପ୍ରାଚୀନ କାଳରୁ ରହି ଆସିଛି। ରାତିରେ ଝାଡୁ ନ କରିବାର ମାନ୍ୟତା ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ଉପରେ ଆଧାରିତ। ରାତିରେ ଝାଡୁ କରିବା ଦ୍ୱାରା ମା' ଲକ୍ଷ୍ମୀ କୋପ କରନ୍ତି ଏବଂ ଘରେ ଦାରିଦ୍ର୍ୟତା ଦେଖା ଦିଏ ବୋଲି କୁହାଯାଏ।**

ହିନ୍ଦୁ ମାନ୍ୟତାନୁସାରେ, ଝାଡୁକୁ ଦେବୀ ଲକ୍ଷ୍ମୀଙ୍କ ପ୍ରତୀକ ବୋଲି କୁହାଯାଇଛି। ମାନ୍ୟତା ଅଛି ସନ୍ଧ୍ୟାରେ ଏବଂ ଦୀପ ଜଳିବା ପରେ ଦେବୀ ଲକ୍ଷ୍ମୀ ଘରେ ପ୍ରବେଶ କରନ୍ତି। ତେଣୁ ରାତିରେ ଝାଡୁ କରିବା ଦ୍ୱାରା ତାଙ୍କ ପ୍ରତି ଅପମାନିତ ହୁଏ। ଫଳରେ ସେ କୋପ କରି ଘର ଛାଡ଼ି ଚାଲିଯାଆନ୍ତି।

ସେହିପରି ବାସ୍ତୁଶାସ୍ତ୍ର ଅନୁସାରେ, କିଛି ଲୋକ ସନ୍ଧ୍ୟାରେ ଝାଡୁ କରି ଅଳିଆ ବାହାର କରନ୍ତି। ସୂର୍ଯ୍ୟାସ୍ତ ପରେ ଘରେ ଝାଡୁ କରିବା ଅନୁଚିତ। କୌଣସି କାରଣବଶତଃ ଝାଡୁ କରୁଥିଲେ, ଅଳିଆକୁ ଡଷ୍ଟବିନ୍‌ରେ ରଖନ୍ତୁ। ଏହାକୁ ତା'ପରଦିନ ସକାଳୁ ଫିଙ୍ଗିଦିଅନ୍ତୁ।

ତେବେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରାହୁ ଓ କେତୁଙ୍କ ପ୍ରଭାବ ରାତିରେ ଥିବାରୁ ଏହି ସମୟରେ ଝାଡୁ କରିବା ମନା। ଏହାବାଦ୍ ଏହି ସମୟ ତାମସିକ ଶକ୍ତିର। ଏହି ସମୟରେ ଝାଡୁ ଲଗାଇବା ଦ୍ୱାରା ନକାରାତ୍ମକ ଶକ୍ତି ବୃଦ୍ଧି ପାଇବା ଆଶଙ୍କା ଅଛି।



## ଏସିଆ କପ୍ ସୁପର-୪'ରେ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ

# ପାକିସ୍ତାନକୁ ପୁଣି ଧୂଳି ଚଟାଇଲା ଭାରତ

ଦୁବାଇ,୨୧।୯ (ଏଜେନ୍ସି)




ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଶୁବମନ ଗିଲ୍‌ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଏସିଆ କପ୍ ସୁପର-୪'ର ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନକୁ ଧୂଳି ଚଟାଇଛି ଭାରତ। ଏହି ମ୍ୟାଚ୍‌ରେ ଭାରତ ୬ ୱିକେଟରେ ବିଜୟୀ ହୋଇ ପୂରା ପଏଣ୍ଟ ସଂଗ୍ରହ କରିଛି। ପୂର୍ବରୁ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଭାରତ ୭ ୱିକେଟରେ ବିଜୟୀ ହୋଇଥିଲା। ଆଜିର ମ୍ୟାଚ୍‌ରେ ସାହିବଜାଦା ଫରହାନଙ୍କ ଅର୍ଦ୍ଧଶତକ ଓ ଶେଷ ୩ ଓଭରରେ ୪୨ ଦ୍ରୁତ ରନ୍ ସଂଗ୍ରହ ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୫ ୱିକେଟରେ ୧୭୧ ରନ୍‌ର ଲଢୁଆ ସ୍କୋର ସଂଗ୍ରହ କରିଥିଲା। ପାକିସ୍ତାନ ପକ୍ଷରୁ ୦ ଓ ୩୨ ରନ୍‌ରେ ଦୁଇଟି ଜୀବନଦାନ ପାଇଥିବା ଫରହାନ ସର୍ବାଧିକ ୫୮ ରନ୍ କରିଥିଲେ। ଜବାବରେ ୧୭୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୮.୫ ଓଭରରେ ୪ ୱିକେଟ ହରାଇ ବିଜୟଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ୨୪ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ସହ ୩୯ ବଲ୍‌ରେ ୬ ଚୌକା ଓ ୫ ଛକା ସହ ସର୍ବାଧିକ ୭୪ ରନ୍ କରିଥିଲେ। ତାଙ୍କ ସହ ପ୍ରଥମ ୱିକେଟରୁ ପାକିସ୍ତାନ ବିପକ୍ଷରେ ସର୍ବାଧିକ ୧୦୫ ରନ୍ ଉଠାଇଥିବା ଶୁବମନ ଗିଲ୍ ୨୮ ବଲ୍‌ରେ ୮ ଚୌକା ସହ ୪୭ ରନ୍ କରିଥିଲେ। ଗିଲ୍‌ଙ୍କ ଆଉଟ ହେବାର ଗୋଟିଏ ରନ୍ ପରେ ସୂର୍ଯ୍ୟକୁମାର ଯାଦବ (୦) ଓ ଆଉ ୧୭ ରନ୍ ପରେ ଅଭିଷେକ ଆଉଟ ହୋଇଥିଲେ। ସଞ୍ଜୁ ସାମସନ ମଧ୍ୟ ୧୩ ରନ୍‌ରେ ବୋଲ୍ଡ ହୋଇଥିଲେ। ଶେଷ ୩ ଓଭରରେ ମ୍ୟାଚ୍ ଜିତିବାକୁ ୧୯ ରନ୍ ଆବଶ୍ୟକ ହେଉଥିଲା। ତିଳକ ବର୍ମା ୧୯ ବଲରୁ ୩୦ ଓ ହାର୍ଦ୍ଦିକ ପାଣ୍ଡ୍ୟା ୭ ବଲ୍‌ରୁ ୭ ରନ୍ କରି ଭାରତକୁ ମ୍ୟାଚ୍ ଜିତାଇଥିଲେ। ପାକିସ୍ତାନର ହାରିସ ରୌଫ୍‌ଙ୍କୁ ୨ଟି ୱିକେଟ ମିଳିଥିଲା।

ସୁପର-୪'ର ପ୍ରଥମ ମ୍ୟାଚ୍‌ରେ ଗତକାଲି ବାଂଲାଦେଶ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଆସନ୍ତାକାଲି ମ୍ୟାଚ୍‌ର ବିଶ୍ରାମ ଦିନ। ପରବର୍ତ୍ତୀ ମ୍ୟାଚ୍‌ରେ ମଙ୍ଗଳବାର ପାକିସ୍ତାନ ସହ ଶ୍ରୀଲଙ୍କା ଓ ବୁଧବାର ଭାରତ ସହ ବାଂଲାଦେଶର ମୁକାବିଲା ହେବ। ସୁପର-୪'ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ସେପ୍ଟେମ୍ବର ୨୮ରେ ଫାଇନାଲ ମୁକାବିଲା ହେବ।

### ଘଟଣାବହୁଳ ପାକିସ୍ତାନ ଇନିଂସ

ଟସ୍ ହାରି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିବା ପରେ ଭାରତର ଦୁର୍ବଳତାକୁ ପାଥେୟ କରି ତିଷ୍ଠି ଯାଇଥିଲା। ଏହି ମ୍ୟାଚ୍‌ରେ ଦଳ ତାହାର ରଣନୀତି ବଦଳାଇ ଫକର ଜମାନଙ୍କୁ ଇନିଂସ ଓପନ କରାଇଥିଲା। ପ୍ରଥମ ଓଭରରେ ସାହିବଜାଦା ଫରହାନ ୦ ଏବଂ ୩୨ରେ ଅଭିଷେକ ଶର୍ମାଙ୍କ ଦ୍ୱାରା କ୍ୟାଚ୍ ଡ୍ରପ୍ ହୋଇଥିଲେ। ଏହି ଜୀବନଦାନ ପାଇବା ପରେ ସେ ଅର୍ଦ୍ଧଶତକ ହାସଲ କରି ୪୫ ବଲ୍‌ରୁ ସର୍ବାଧିକ ୫୮ ରନ୍ କରିଥିଲେ। ୱିକେଟକିପର ସଞ୍ଜୁ ସାମସନ ନେଇଥିବା ଜମାନଙ୍କ କ୍ୟାଚ୍‌କୁ ନେଇ ବିତର୍କ ହୋଇଥିଲା। ପାକିସ୍ତାନ ପ୍ରଥମ ୧୦ ଓଭରରେ ୧ ୱିକେଟ ହରାଇ ୯୧ ରନ୍ କରିଥିଲା। କିନ୍ତୁ ଶିବମ ଦୁବେ ବୋଲିଂ କରିବାକୁ ଆସିବା ପରେ ପାକିସ୍ତାନର ରନ୍ ହାର କମିଯାଇଥିଲା। ଦଳ ଏହି ସମୟରେ ୬ ଓଭର ଖେଳି ୩ ୱିକେଟ ବିନିମୟରେ ମାତ୍ର ୩୦ ରନ୍ କରିଥିଲା। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଏହି ୬ ଓଭରରେ ପାକିସ୍ତାନ ଗୋଟିଏ ହେଲେ ବାଉଣ୍ଡାରୀ ମାରିବାରେ ସମର୍ଥ ହୋଇ ନ ଥିଲା। କିନ୍ତୁ ଶେଷ ୩ ବ୍ୟାଟର ଯଥା ମହମ୍ମଦ୍ ନୱାଜ ୧୯ ବଲ୍‌ରେ ୨୧, ଅଧିନାୟକ ସଲମାନ ଅଲି ଆଘା ୧୩ ବଲ୍‌ରେ ଅପରାଜିତ ୧୭ ଓ ଫହୀମ ଅଶ୍ରଫ ୮ ବଲ୍‌ରେ ଅପରାଜିତ ୨୦ ରନ୍ କରିବା ଫଳରେ ପାକିସ୍ତାନ ୫ ୱିକେଟରେ ୧୭୧ ରନ୍ କରିଥିଲା। ଦଳ ଯେପରି ଆରମ୍ଭ ପାଇଥିଲା ତାହାକୁ ବଡ଼ ସ୍କୋରରେ ପରିଣତ କରି ପାରି ନ ଥିଲା। ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ମାତ୍ର ୨୫ ରନ୍ ଦେଇ ଚମତ୍କାର ବୋଲି କରିଥିଲେ। ଶିବମ ଦୁବେ ୩୩ ରନ୍‌ରେ ସର୍ବାଧିକ ୨ଟି ୱିକେଟ ପାଇଥିଲେ। କୁଲଦୀପ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଜଣେ ଲେଖାଏଁ ଖେଳାଳିଙ୍କୁ ପାଭିଲିୟନ ଫେରାଇଥିଲେ। କିନ୍ତୁ ଦଳର ପ୍ରମୁଖ ବୋଲର ଯଶପ୍ରୀତ୍ ବୁମ୍‌ରା ପ୍ରଥମ ୩ ଓଭରରେ ନିଜ କ୍ୟାରିୟରର ସର୍ବାଧିକ ୩୪ ରନ୍ ଓ ୪ ଓଭରରେ ୪୫ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ।

### ଚହଲଙ୍କୁ ଟପିଲେ ପାଣ୍ଡ୍ୟା


ପାକିସ୍ତାନର ଫଖର ଜମାନଙ୍କୁ ଆଉଟ୍ କରି ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ରେ ତାଙ୍କର ୯୭ତମ ୱିକେଟ୍ ଅକ୍ତିଆର କରିଛନ୍ତି। ଏଥିସହ ଅନ୍ତର୍ଜାତୀୟ ଟି-୨୦ରେ ଭାରତୀୟ ଭାବେ ସର୍ବାଧିକ ୱିକେଟ୍ ନେବାରେ ଯୁଜବେନ୍ଦ୍ର ଚହଲଙ୍କୁ ପଛରେ ପକାଇଛନ୍ତି ପାଣ୍ଡ୍ୟା। ଏହି ତାଲିକାରେ ଅର୍ଶଦୀପ୍ ସିଂହ ୧୦୦ ୱିକେଟ ସହ ଶୀର୍ଷରେ ରହିଛନ୍ତି। ସେହିଭଳି ୯୭ ୱିକେଟ୍ ସହ ପାଣ୍ଡ୍ୟା ଦ୍ୱିତୀୟ ଓ ୯୬ ୱିକେଟ୍ ସହ ଚହଲ ତୃତୀୟରେ ରହିଛନ୍ତି। ଯଶପ୍ରୀତ୍ ବୁମରା (୯୨ ୱିକେଟ) ଓ ଭୁବନେଶ୍ୱର କୁମାର (୯୦) ଯଥାକ୍ରମେ ପଛକୁ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ପାକିସ୍ତାନ** : ୧୭୧/୫, ୨୦ ଓଭର (ଶାହିବଜାଦା- ୫୮, ଶିବମ- ୨/୩୩, ପାଣ୍ଡ୍ୟା- ୧/୨୯)

**ଭାରତ** : ୧୭୪/୪, ୧୮.୫ ଓଭର (ଅଭିଷେକ- ୭୪, ଗିଲ୍- ୪୭, ତିଲକ- ୩୦*, ସଞ୍ଜୁ- ୧୩, ରୌଫ- ୨/୨୬)

## ବିସିସିଆଇ ସଭାପତି ହେବେ ମିଥୁନ ମାନହାସ




ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଦିଲ୍ଲୀ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମିଥୁନ ମାନହାସ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ)ର ସଭାପତି ପଦ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେ ଶକ୍ତିଶାଳୀ ଜୟଦେବ ଶାହ ଗ୍ରୁପ୍‌ର ହୋଇଥିବାରୁ ପରବର୍ତ୍ତୀ ସଭାପତି ହେବା ଏକପ୍ରକାର ନିଶ୍ଚିତ ହୋଇଛି। ବର୍ତ୍ତମାନର ଭାରତୀୟ କ୍ରିକେଟ ପ୍ରଶାସନରେ ଜୟଦେବଙ୍କୁ ମୁକାବିଲା କରିବା କେବଳ କଷ୍ଟକର ନୁହେଁ, ଅସମ୍ଭବ ମଧ୍ୟ। ଏଣୁ ମାନହାସ ଯେ ପରବର୍ତ୍ତୀ ସଭାପତି ହେବେ ଏଥିରେ କୌଣସି ସନ୍ଦେହ ନାହିଁ। ପ୍ରଥମଶ୍ରେଣୀ କ୍ରିକେଟରେ ୧୫୭ଟି ମ୍ୟାଚ୍ ଖେଳିଥିବା ୪୫ ବର୍ଷୀୟ ମିଥୁନ ମାନହାସ ଜମ୍ମୁ-କାଶ୍ମୀର କ୍ରିକେଟ ପରିଚାଳନା ଲାଗି ଗଠିତ କମିଟିରେ ୨୦୨୧ରୁ ସଦସ୍ୟ ଓ ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟନ୍ସର ସହକାରୀ କୋଚ୍ ଅଛନ୍ତି। ମାନହାସ ଜଣେ ଖେଳାଳି ହୋଇଥିବାରୁ ସେ ବୋର୍ଡର ସଭାପତି ଦାୟିତ୍ୱ ନେବାକୁ ଆମେ ମିଳିତ ଭାବେ ନିଷ୍ପତ୍ତି ନେଇଛୁ ବୋଲି ଦ୍ୱିତୀୟଥର ଉପସଭାପତି ଲାଗି ପ୍ରାର୍ଥପତ୍ର ଦାଖଲ କରିଥିବା ରାଜୀବ ଶୁକ୍ଲା କହିଛନ୍ତି। ଏହି ଗ୍ରୁପ୍‌ର ଅନ୍ୟମାନଙ୍କ ମଧ୍ୟରେ ଦେବଜିତ ସାଇକିଆ ସମ୍ପାଦକ, ପୂର୍ବତନ ଟେଷ୍ଟ କ୍ରିକେଟର କର୍ଣ୍ଣାଟକର ରଘୁରାମ ଭଟ୍ଟ କୋଷାଧ୍ୟକ୍ଷ, ପ୍ରଭତେଜ ସିଂହ ଭାଟିଆ ଯୁଗ୍ମ ସମ୍ପାଦକ, ଅରୁଣ ସିଂ ଧୂମାଲ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଚେୟାରମ୍ୟାନ୍ ଓ ଜୟଦେବ ଶାହ ଆପେକ୍ସ କାଉନ୍ସିଲ ସଦସ୍ୟ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମୁମ୍ବଇସ୍ଥିତ ବିସିସିଆଇ ମୁଖ୍ୟକାର୍ଯ୍ୟାଳୟରେ ସେପ୍ଟେମ୍ବର ୨୮ ତାରିଖରେ ଏଜିଏମ୍ ଓ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଦିନ ମଧ୍ୟ ୟୁଏଇରେ ଚାଲିଥିବା ଏସିଆ କପ୍ ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ■ ଚାଇନା ମାଷ୍ଟର୍ସ

## ସାତ୍ୱିକ-ଚିରାଗ ପୁଣିଥରେ ଫାଇନାଲରେ ଝୁଣ୍ଟିଲେ

ବେଜିଂ, ୨୧।୯ (ଏଜେନ୍ସି): ଭାରତୀୟ ତାରକା ବ୍ୟାଡ୍‌ମିଣ୍ଟନ ଯୋଡ଼ି ସାତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ କ୍ରମାଗତ ଦ୍ୱିତୀୟ ସପ୍ତାହରେ ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପରାଜୟବରଣ କରିଛନ୍ତି। ଗତ ସପ୍ତାହରେ ହଂକଂ ଓପନରେ ରନର୍ସଅପ୍ ହୋଇଥିବା ସାତ୍ୱିକ-ଚିରାଗ ରବିବାର ଚାଇନା ମାଷ୍ଟର୍ସରେ ମଧ୍ୟ ଫାଇନାଲରେ ଝୁଣ୍ଟିଛନ୍ତି। ଆଜି ଖେଳାଯାଇଥିବା ପୁରୁଷ ଡବଲ୍ସ ଫାଇନାଲରେ ଟପ୍ ସିଡ୍ କୋରିଆର କିମ୍ ୱନ-ହୋ ଓ ସିଓ ସିଅଙ୍ଗ-ଜାଏ ଯୋଡ଼ି ୨୧-୧୯, ୨୧-୧୫ ସିଧାସଳଖ ଗେମରେ ସାତ୍ୱିକ-ଚିରାଗ ଯୋଡିଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ୨୦୨୩ ସଂସ୍କରଣରେ ମଧ୍ୟ ସାତ୍ୱିକ-ଚିରାଗ ଯୋଡ଼ି ଚାଇନା ମାଷ୍ଟର୍ସରେ ରନର୍ସଅପ୍ ରହିଥିଲେ।

## କୋରିଆ ଓପନ୍ ଟାଇଟଲ୍ ଜିତିଲେ ସ୍ୱିଆଟେକ୍




ସିଓଲ୍, ୨୧।୯ (ଏଜେନ୍ସି): ପୋଲାଣ୍ଡ ଯୁବ ଟେନିସ ଖେଳାଳି ଇଗା ସ୍ୱିଆଟେକ୍ ଏଠାରେ ଅନୁଷ୍ଠିତ ୯ କୋଟି ୩୭ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ କୋରିଆ ଓପନ୍‌ରେ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ସ୍ୱିଆଟେକ ୧-୬, ୭-୬ (୩), ୭-୫ ସେଟ୍‌ରେ ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ରହିଥିବା ସ୍ୱିଆଟେକଙ୍କ ଚଳିତ ବର୍ଷର ଏହା ୩ୟ ଟ୍ରଫି ଥିଲା। ଏଥିପୂର୍ବରୁ ସେ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଓ ସିନ୍‌ସିନ୍ନାଟି ଓପନ୍‌ରେ ଚାମ୍ପିଅନ ହୋଇଥିଲେ।

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

ସିଡ୍‌ନୀ,୨୧।୯ (ଏଜେନ୍ସି): ଅଭିଜ୍ଞାନ କୁଣ୍ଡୁ ଓ ବେଦାନ୍ତ ତ୍ରିବେଦୀଙ୍କ ଅର୍ଦ୍ଧଶତକ ବଳରେ ଇଆନ ହିଲି ଓଭାଲରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୭ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତୀୟ ବୋଲରଙ୍କ ଉନ୍ନତ ପ୍ରଦର୍ଶନ ଯୋଗୁଁ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୯ ୱିକେଟରେ ୨୨୫ ରନ୍ କରିଥିଲା। ଜବାବରେ ଭାରତୀୟ ଯୁବ ଦଳ ୧୧୭ଟି ବଲ୍ ଓ ୭ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଦଳ ପକ୍ଷରୁ ଅଭିଜ୍ଞାନ କୁଣ୍ଡୁ ୮୭ ଓ ବେଦାନ୍ତ ତ୍ରିବେଦୀ ୬୧ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ଚତୁର୍ଥ ୱିକେଟ ଯୋଡିରୁ ୧୫୨ ରନ୍ ସଂଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତଙ୍କ ନଜରରେ ଥିବା ବୈଭବ ସୂର୍ଯ୍ୟବଂଶୀ ୨୨ ବଲ୍‌ରୁ ୭ ଚୌକା ସହ ୩୮ ରନ୍ କରିଥିଲେ।

**ନ୍ୟାସନାଲ୍ ଜିମ୍ନାଷ୍ଟିକ୍ସ**

## ଜେଏମ୍ ଏକାଡେମୀକୁ ସଫଳତା



ଭୁବନେଶ୍ୱର,୨୧।୯ (ସମିସ): ମହାରାଷ୍ଟ୍ରର ଶିରିଡିଠାରେ ଅନୁଷ୍ଠିତ ହୋଇଯାଇଛି ସିବିଏସ୍‌ଇ ନ୍ୟାସନାଲ ଜିମ୍ନାଷ୍ଟିକ୍ସ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଜେଏମ୍ ସ୍ପୋର୍ଟ୍ସ ଏକାଡେମୀକୁ ୧ଟି ପଦକ ମିଳିଛି। ଏହା ମଧ୍ୟରୁ ୧୧ ବର୍ଷରୁ କମ୍ ବାଳକ ବିଭାଗରେ ବିଭାନ୍ୟାସ ପାଣିଗ୍ରାହୀ ପୋମେଲ ହର୍ଷରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ଏହି ବର୍ଗର ବାଳିକା ବିଭାଗରେ ଦିବ୍ୟାଞ୍ଜଳି ମହନ୍ତ ୫ମ ସ୍ଥାନ ଅଧିକାର କରିଛନ୍ତି। ଜାତୀୟସ୍ତରରେ ସଫଳତା ମିଳିବା ପରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପ୍ରଶିକ୍ଷାର୍ଥୀ ଆହୁରି ଆଗକୁ ବଢ଼ିବେ ବୋଲି ଏହାର ଅଧକ୍ଷା ମୀରାରାଣି ଦାସ ଆଶା ପ୍ରକାଶ କରିଛନ୍ତି।

## ଟାଇଟଲ୍ ଜିତିଲେ ଜ୍ଞାନରଞ୍ଜନ



ଭୁବନେଶ୍ୱର,୨୧।୯ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଓ ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଶାନ୍ତିବାଳା ମହାନ୍ତି ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଜ୍ଞାନରଞ୍ଜନ ସେଠୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ରନର୍ସ ଅପ୍ ଓ ଆଦିତ୍ୟରଞ୍ଜନ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟୁର୍ଣ୍ଣାମେଣ୍ଟ ଗୋଟିଏ ଦିନରେ ୫ ରାଉଣ୍ଡ ବିଶିଷ୍ଟ ହୋଇଥିଲା। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ଓମ୍‌ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଶେଷରେ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ସହଯୋଗୀ ପ୍ରଫେସ ଡ. ଶୁଭ୍ରା ପଟ୍ଟନାୟକ, ପିପିଟିର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ସୁନୀଲ ପଟ୍ଟନାୟକ ଓ ସ୍କୁଲର ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ।

**ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ୨ରୁ**

## ୨୩ କିମ୍ବା ୨୪ରେ ଭାରତୀୟ ଦଳ ଚୟନ

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ୱେଷ୍ଟଇଣ୍ଡିଜ୍ ଦଳ ଚଳିତ ମାସ ୨୪ ତାରିଖରେ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତରେ ପ୍ରଥମ ଟେଷ୍ଟ ଅକ୍ଟୋବର ୨ରୁ ଅହମ୍ମଦାବାଦ୍ ଓ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୦ରୁ ନୂଆଦିଲ୍ଲୀରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସିରିଜ୍ ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଚଳିତମାସ ୨୩ କିମ୍ବା ୨୪ରେ ଚୟନ କରାଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି। ବିସିସିଆଇ ସିନିୟର ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ଏବେ ଏସିଆ କପ୍ ଲାଗି ୟୁଏଇରେ ଅଛନ୍ତି। ଏଣୁ ଚୟନ ପ୍ରକ୍ରିୟା ଅନ୍‌ଲାଇନ୍‌ରେ ହେବ ବୋଲି ସାଇକିଆ ସୂଚନା ଦେଇଛନ୍ତି। ରୋଷ୍ଟୋନ ଚେଜ୍‌ଙ୍କ ନେତୃତ୍ୱରେ ଘୋଷିତ ୱେଷ୍ଟଇଣ୍ଡିଜ୍ ଦଳରେ ଶିବନାରାୟଣ ଚନ୍ଦରପଲଙ୍କ ସୁପୁତ୍ର ଟାଗେନାରିନ୍‌ଙ୍କୁ ଏହି ଦଳରେ ସାମିଲ କରାଯାଇଛି।

### ପ୍ରଜ୍ଞାନ ଓଝା ନୂଆ ଚୟନକର୍ତ୍ତା



ହାଇଦ୍ରାବାଦ୍ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଖେଳିଥିବା ପୂର୍ବତନ ଅନ୍ତର୍ଜାତୀୟ ଓଡ଼ିଆ ବାମହାତୀ ସ୍ପିନର ପ୍ରଜ୍ଞାନ ଓଝା ବିସିସିଆଇ ସିନିଅର ଚୟନ କମିଟିର ନୂଆ ସଦସ୍ୟ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଏସ୍ ଶରତଙ୍କ ସ୍ଥାନରେ ସେ ଏହି ଦାୟିତ୍ୱ ସମ୍ଭାଳିବେ। ସେହିପରି କେନ୍ଦ୍ରାଞ୍ଚଳର ରୁଦ୍ରପ୍ରତାପ ସିଂ ମଧ୍ୟ ନୂଆ ଚୟନକର୍ତ୍ତା ହେବେ ବୋଲି ସ୍ଥିର ହୋଇଛି। ସେପ୍ଟେମ୍ବର ୨୮ରେ ହେବାକୁ ଥିବା ଏଜିଏମ୍‌ରେ ଏହି ଦୁଇ ଚୟନକର୍ତ୍ତାଙ୍କ ନାମରେ ମୋହର ବାଜିବ। ଏସ୍ ଶରତ ଓ ସୁବ୍ରତ ବାନାର୍ଜୀଙ୍କ ଲାଗି ଏହା ଶେଷ ଭାରତୀୟ ଦଳ ଚୟନ ହେବ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି।

## ଓପିଟିଏଲ୍: କେନ୍ଦୁଝର ମାଇନର୍ସର ରୋମାଞ୍ଚକ ବିଜୟ

କଟକ, ୨୧।୯ (ସମିସ): ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ (ଓପିଟିଏଲ୍)ରେ ରବିବାର ରାତିରେ ଅନୁଷ୍ଠିତ ଏକ ମ୍ୟାଚରେ କେନ୍ଦୁଝର ମାଇନର୍ସ ରୋମାଞ୍ଚକ ବିଜୟ ହାସଲ କରିଛି। ଏହି ମ୍ୟାଚରେ କେନ୍ଦୁଝର ଗୋଟିଏ ବଲ୍ ବଳକା ଥାଇ ୪ ୱିକେଟ୍‌ରେ ରାଉରକେଲା ଷ୍ଟିଲର୍ସକୁ ପରାସ୍ତ କରିଛି। ବର୍ଷା ବାଧାପ୍ରାପ୍ତ ଯୋଗୁ ଏହି ମ୍ୟାଚକୁ ୧୫ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୧୫ ଓଭରରେ ୬ ୱିକେଟ୍ ହରାଇ ୧୨୬ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଆଶୀର୍ବାଦ ସ୍ୱାଇଁ ସର୍ବାଧିକ ୬୫ ରନ କରିଥିଲେ। ଶାଶ୍ୱତ ମହାନ୍ତି ୨୫ ରନର ଉପଯୋଗୀ ପାଳି ଖେଳିଥିଲେ। ପ୍ରତିପକ୍ଷ ବୋଲର ପପୁ ରାୟଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ କେନ୍ଦୁଝର ମାଇନର୍ସ ୧୪.୫ ଓଭରରେ ୬ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ଓପନର୍ ଓମ୍ ଟି ମୁଣ୍ଡେ ୪୦ ବଲରେ ୬୪ ରନର ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିଭଳି ଅଧିନାୟକ ଗୋବିନ୍ଦ ପୋଦ୍ଦାର ମଧ୍ୟ ୩୩ ରନ କରିଥିଲେ। ପୂର୍ବରୁ ରବିବାର ସମ୍ବଲପୁର ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ଖେଳାଯିବାକୁ ଥିବା ଏକ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଯାଇଛି।

# ସ୍ୱର୍ଣ୍ଣ ବିଜୟ ସହ ଫେରିଲେ ପ୍ରମୋଦ

ଭୁବନେଶ୍ୱର,୨୧।୯ (ସମିସ)



ପୁଣିଥରେ ସଫଳତାର ସହ ବ୍ୟାଡମିଣ୍ଟନ ଜଗତକୁ ଫେରିଛନ୍ତି ପାରାଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ। ଏବେ ଅନୁଷ୍ଠିତ ଚୀନ୍ ମାଷ୍ଟର୍ସ ପାରା ବ୍ୟାଡ୍‌ମିଣ୍ଟନର ଏସଏଲ-୩ରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ସେ ଦୀର୍ଘ ୧୮ ମାସର ବ୍ୟବଧାନ ପରେ ବ୍ୟାଡ୍‌ମିଣ୍ଟନ ଜଗତକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟପ୍ ଆଥ୍‌ଲେଟ ଯେଉଁଆଡେ ରହିଲେ ମଧ୍ୟ ସେମାନେ ନାଡା ଓ ସେମାନଙ୍କ ସଂଗଠନକୁ ଜଣାଇବା ଜରୁରୀ। କିନ୍ତୁ ପ୍ରମୋଦ ତାହା ଏକାଧିକ ଥର କରି ନ ଥିବାରୁ ହ୍ୱେୟାର ଆବାଉଟ୍ କ୍ଲଜ୍ ଅନୁଯାୟୀ ବାସନ୍ଦ ହୋଇଥିଲେ। ଯାହାଫଳରେ ପ୍ୟାରିସ ପାରା ଅଲିମ୍ପିକ୍ସରେ ସେ ଭାଗନେଇ ପାରି ନ ଥିଲେ। ସାମାନ୍ୟ ତ୍ରୁଟି ଯୋଗୁଁ ଅଲିମ୍ପିକ୍ସ ଭଳି କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ନ ପାରିବା କେବଳ ପ୍ରମୋଦ ନୁହେଁ ବରଂ ସମଗ୍ର ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କୁ କଷ୍ଟ ଦେଇଥିଲା। ସେ ଯାହା ହେଉ ଏବେ ସେ ପୁଣିଥରେ ବ୍ୟାଡ୍‌ମିଣ୍ଟନ ମୁଖ୍ୟ ଦୌଡ଼କୁ ଫେରିବା ପରେ ସବୁକିଛି ଠିକ୍ ହୋଇଯିବ ବୋଲି ଆଶା କରାଯାଉଛି।

ଚୀନ୍ ମାଷ୍ଟର୍ସ ପାରା ବ୍ୟାଡ୍‌ମିଣ୍ଟନର ଏସ୍‌ଏଲ-୩ ଫାଇନାଲରେ ଇଣ୍ଡୋନେସିଆର ମୁହ ଅଲ ଇମ୍ରାନଙ୍କୁ ୨୧-୧୯, ୨୧-୧୬ରେ ପରାସ୍ତ କରିଥିଲେ। ସେହିପରି ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ପାର୍ଟନର କରି ସେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

**ଜାପାନରୁ ଆରମ୍ଭ ଓ ଶେଷ**

## ଅବସର ନେଲେ ଧାବିକା ସେଲୀ




ଟୋକିଓ, ୨୧।୯ (ଏଜେନ୍ସି): ଜାମାଇକାର ମହାନ ଧାବିକା ସେଲୀ-ଆନ୍ନ ଫ୍ରେଜର-ପ୍ରେସି ୧୮ ବର୍ଷର କ୍ୟାରିୟରର ଅନ୍ତ ଘଟାଇ ରବିବାର ଅବସର ନେଇଛନ୍ତି। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ୩୮ ବର୍ଷୀୟା ସେଲୀ ଯେଉଁଠୁ କ୍ୟାରିୟର ଆରମ୍ଭ କରିଥିଲେ ସେହି ଦେଶରେ ବିଦାୟୀ ରେସରେ ମଧ୍ୟ ଦୌଡ଼ିଛନ୍ତି। ୧୮ ବର୍ଷ ତଳେ ୨୦୦୭ରେ ଜାପାନର ଓସାକା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଜରିଆରେ ସେଲୀ ଅନ୍ତର୍ଜାତୀୟ ଦୌଡ଼କୁଦରେ ପାଦ ଥାପିଥିଲେ। ରବିବାର ସେହି ଜାପାନର ଟୋକିଓରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ସେଲୀ ନିଜର ବିଦାୟୀ ରେସରେ ଦୌଡ଼ିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪ ଗୁଣା ୧୦୦ ମିଟର ରେସରେ ଜାମାଇକା ଦଳ ରୌପ୍ୟ ପଦକ ଜିତିଥିଲା। ଏହି ଦଳରେ ସଦସ୍ୟା ଥିବା ସେଲୀ ରୌପ୍ୟ ପଦକ ସହ ତାଙ୍କ ଜାଜ୍ୱଲ୍ୟମୟ କ୍ୟାରିୟରର ଅନ୍ତ ଘଟାଇଛନ୍ତି। ନିକଟରେ ସେଲୀ ଘୋଷଣା କରିଥିଲେ ଯେ, ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ପରେ ସେ ଅବସର ନେବେ। ସେଲୀ ତାଙ୍କ କ୍ୟାରିୟରରେ ୩ଥର ଅଲିମ୍ପିକ ଓ ୧୦ଥର ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ମୋଟ୍ ଉପରେ ୨୫ ପଦକ ଜିତି ବିଶ୍ୱ ଆଥ୍‌ଲେଟିକ୍ସରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS